Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଶ
ସଂ ୨୫ ଶ ସଂଖ୍ୟା

ତା ୨୩ ରିଖ ମାହେ ଜୁନ ସନ ୧୮୮୮ ଇସିହା । ମା । ଆଷାଢ଼ ତ ୧୨ ବ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୪୲

ଜଲ୍ଡର ଗୁଅଷ୍ଟାଇଲଡ୍ ପୃଥିବୀରେ ସର୍ବାପେକ୍ଷା ବଡ଼ ଧନୀ ବୋଲି ବିଖ୍ୟାତ ଥିଲେ । ଏହାଙ୍କର ଖ୍ରଲଶକୋଟି ଟଙ୍କାର ସମ୍ପତ୍ତି । ବର୍ତ୍ତମାନ ଜଣାଯାଉଅଛି କି ଯେ, ଗୁଲଡ୍ ସାହେବ ସର୍ବାପେକ୍ଷା ଧନୀ ଏହାଙ୍କର ସମ୍ପତ୍ତି ପଞ୍ଚାବନକୋଟି ଟଙ୍କାର ଅଟଇ ଏବଂ ଏହାଙ୍କ ଆୟ ପ୍ରତି ଘଣ୍ଟାରେ ଉନନବଇ ଟଙ୍କା ଏବଂ ପ୍ରତିବର୍ଷ ପ୍ରାଏ ପୌନେ ଛଅକୋଟି ଟଙ୍କା ଅଟଇ । ଏମାନେ ଥାଇଁ ଥାଇଁ ଧନର ଗାରିମା କଅଣ କହିବ ?

---

ଏବର୍ଷ ଆରମ୍ଭରେ ଲବଣକର ସରକାର ମହଣ ପ୍ରତି ଆଠଅଣା ବୃଦ୍ଧି କରିବାରୁ ମହାଆନ୍ଦୋଳନ ଲାଗିଯାଇ ଥିଲା । ସେତେବେଳେ ଟଙ୍କାକୁ ସେ ୧୦।୧୨ ର ଲୁଣ ମିଳୁଥିଲା । ବର୍ତ୍ତମାନ ଲୁଣର ମୂଲ୍ୟ ବୃଦ୍ଧି ହୋଇ ଟଙ୍କାକୁ ସେ ୮ ର ହୋଇଅଛି ଅଥଚ ଏଥିର ନିବୃତ୍ତିରେ କେହି ପ୍ରବୃତ୍ତ ହେଉ ନାହାନ୍ତି ଏଥିର କାରଣ କି ? ଆମ୍ଭେମାନେ ଆଶା କରୁଁ ତ ସର୍ବସାଧାରଣ ଏବିଷୟର ଚର୍ଚ୍ଚା କରି ବହୁତ ପ୍ରତୀକାର ଖୋଜିବେ ।

---

ଅତିଶୟ କଷ୍ଟଦାୟକ ଓ ବହୁଦିନବ୍ୟାପୀ କ୍ୟାନସର ରୋଗ ଅବଶେଷରେ ଜର୍ମ୍ମାନିର ସମ୍ରାଟ ଫ୍ରେଡ୍ରିକ ଗତଜୁନମାସ ତା ୧୫ ରିଖରେ ମାନବଲୀଳା ସମ୍ବରଣ କଲେ । ତାଙ୍କର ପୁତ୍ର ସିଂହାସନାରୂଢ଼ ହୋଇଅଛନ୍ତି । ସେ ବର୍ତ୍ତମାନ ଯୁବା ସମ୍ରାଟ ରାଜ୍ୟଶାସନ ପ୍ରକାଶେ କେଉଁ ନୀତି ଅବଲମ୍ବନ କରିବେ ଚତୁର୍ଦ୍ଦିଗରେ ଏହାର ଆନ୍ଦୋଳନ ଲାଗିଅଛି । ମନ୍ତ୍ରିବର ବିସ୍ମାର୍କ ଯେତେଦିନପର୍ଯ୍ୟନ୍ତ ବିଶ୍ୱସ୍ତ ମନ୍ତ୍ରୀସ୍ୱରୂପ ଥିବେ ସେତେଦିନପର୍ଯ୍ୟନ୍ତ ରାଜ୍ୟଶାସନରେ କୌଣସି ବିଘ୍ନ ଘଟିବାର ଆଶଙ୍କା ନାହିଁ ।

---

କଲିକତା ସଂସ୍କୃତ କଲେଜର ମୁଖ୍ୟ ଅଧ୍ୟାପକ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ କାମଣ୍ଡା ମହାରାଜାଙ୍କର ଦର୍ଶନାର୍ଥେ ଏ ନଗରରେ ଗତ ମଇମାସ ତା ୧୬ ରିଖରେ ପହଞ୍ଚିବାରୁ ଏଠାରେ ଥିବା କାମଣ୍ଡା ଏଜେଣ୍ଟ ବାବୁ ଈଶ୍ୱରଚନ୍ଦ୍ର ମିତ୍ର ତାହାଙ୍କୁ ପାଲିଙ୍କିଦ୍ୱାରା ଗଡ଼ଠାକୁ ପଠାଇ ଦେଇଥିଲେ । ଗଡ଼ରେ ମହାରାଜାଙ୍କ ସହିତ ସାକ୍ଷାତକରି ଯଥୋଚିତ ସମ୍ମାନ ସହିତ ବିଦାୟ ହୋଇ ଗତମାସ ତା ୧୭ ରିଖରେ ଏ ନଗରକୁ ଫେରିଆସିଲେ । ଏବଂ ଏଠାରୁ କଲିକତାକୁ ପ୍ରତ୍ୟାଗମନ କଲେ । ମହାରାଜାଙ୍କର ସଂସ୍କୃତଜ୍ଞାନ ଓ ଅନ୍ୟାନ୍ୟଗୁଣ ଏବଂ ତାହାଙ୍କ ଅଭ୍ୟର୍ଥନାରେ ପଣ୍ଡିତ ମହାଶୟ ପରମସନ୍ତୋଷ ଲାଭ କରିବାର ବ୍ୟକ୍ତ କରୁଅଛନ୍ତି । ବାସ୍ତବରେ ଢେଙ୍କାନାଳ ମହାରାଜାଙ୍କ ଉତ୍ତାରୁ କାମଣ୍ଡାଧିପତି ପଣ୍ଡିତମାନଙ୍କର ମର୍ଯ୍ୟାଦା କରିବା ବିଷୟରେ ଓଡ଼ିଶାରେ ଅଗ୍ରଗଣ୍ୟ ହୋଇଅଛନ୍ତି ।

---

ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ଅତିଅଳ୍ପ ବୟସ ହେଲେ ହେଁ ସେ ସାମ୍ୟବାଦୀ ସ୍କୁଲନାମକ ମାଇନରସ୍କୁଲ ସ୍ଥାପନ କରିଥିଲେ । ଗତ ଶନିବାର ଗାଁରେ ଉକ୍ତ ସ୍କୁଲକୁ ଉଚ୍ଚ ଇଂରାଜୀ ସ୍କୁଲରେ ପରିଣତ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଗତ ସୋମବାରଠାରୁ ପ୍ରାତଃକାଳରୁ ପ୍ରବେଶିକାଶ୍ରେଣୀ ଫିଟାଇ ଅଛନ୍ତି । ବାବୁ ମହୋଦୟଙ୍କ ପ୍ରତିଜ୍ଞା ଯେ ତାଙ୍କ ନିଜ [illegible] ଅର୍ଥାତ୍ ତକ୍ଷାଲୟରୁ ଯେଉଁ ସାମାନ୍ୟ ଉତ୍ପନ୍ନ ହେବ ଓ ସେ ପରିଶ୍ରମ କରି ଯାହା ଉପାର୍ଜ୍ଜନ କରିବେ ତାହା ଉକ୍ତସ୍କୁଲ ରକ୍ଷାର୍ଥେ ବ୍ୟୟ କରିବେ । ଲଳିତବାବୁ ଅତିଅଳ୍ପ ବୟସ୍କ ଯୁବକ ସୁତରାଂ ତାଙ୍କର ଯୌବନ ସମୟରେ ପରୋପକାରବ୍ରତାର୍ଥେ ସ୍ୱୋପାର୍ଜ୍ଜିତ ଧନବ୍ୟୟ କରିବାର ଦେଖି ଓ ଶୁଣି ସମସ୍ତେ ଆହ୍ଲାଦିତ ହେବେ ଓ ସମସ୍ତେ ତାଙ୍କୁ ଭୂରି ଭୂରି ପ୍ରଶଂସା ପ୍ରଦାନ କରିବେ ।

---

ଗତମାସ ତା ୧୬ ରିଖରେ ସିମଲାଠାରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ବାହାଦୂର ଏକ ଅତିରିକ୍ତ ଗେଜେଟଦ୍ୱାରା ପ୍ରକାଶ କରିଅଛନ୍ତି ଯେ ଜର୍ମାନିର ସମ୍ରାଟଙ୍କ ମୃତ୍ୟୁ ହେବାରୁ ତାହାଙ୍କ ସମ୍ମାନାର୍ଥେ ଉକ୍ତ ମାସ ତା ୧୮ ରିଖରେ ଭାରତବର୍ଷର ସମସ୍ତ ଜିଲ୍ଲା ଓ ଷ୍ଟେସନମାନଙ୍କରେ ସକାଳୁଁ ସନ୍ଧ୍ୟାପର୍ଯ୍ୟନ୍ତ ରାଜପତାକାମାନ ମାସ୍ତୁଲର ଅର୍ଦ୍ଧଭାଗରେ ଉଡ଼ିବ ଏବଂ

Digitized by srujanika@gmail.com

Split by PDF Splitter

202



ଟୋ ୭୦ ଟା ଲେଖାଏଁ ତୋପ ଧ୍ୱନିତ ହେବ । ଏପରି ଶ୍ରୀମତୀ ଭିକ୍ଟୋରିଆଙ୍କର ସମସ୍ତ ସିଭିଲ ସୈନିକ ଓ ସାମୁଦ୍ରିକ କର୍ମଚାରୀମାନେ ଆଗାମି ଜୁଲାଇମାସ ତା ୭ ରିଖ ପର୍ଯ୍ୟନ୍ତ ଶୋକଚିହ୍ନ ଧାରଣ କରିବେ । ମୃତସମ୍ରାଟ ଅମ୍ଭମାନଙ୍କ ଭିକ୍ଟୋରିଆଙ୍କ ଜାମାତା ଥିଲେ ଏଣୁ ଦୁର୍ଘଟଣାଟି ଅମ୍ଭମାନଙ୍କ ପକ୍ଷରେ ବିଶେଷ ଶୋକାବହ ହେଉଅଛି ଏବଂ ଅମ୍ଭେମାନେ ଭକ୍ତିଭାବରେ ତାହାଙ୍କର ଏ ଶୋକ ସମୟରେ ଆନ୍ତରିକ ସହାନୁଭୂତି ପ୍ରକାଶ କରୁଅଛୁଁ ।

ଆସାମର ଟୀ-ବଗିଚା କୁଲିମାନଙ୍କ ଅବସ୍ଥା ସମ୍ବନ୍ଧରେ ଭାରତସଭା ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଯେଉଁ ଆବେଦନପତ୍ର ପଠାଇଅଛନ୍ତି ଏବଂ ଯହିଁର ବୃତ୍ତାନ୍ତ ଅମ୍ଭେମାନେ ପାଠକମାନଙ୍କୁ ଜଣାଇଅଛୁଁ ତହିଁ ଉତ୍ତରରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ତରଫରୁ ସେକ୍ରେଟାରୀ ଲରେନ୍ସ ସାହେବ ଗତ ମଇମାସ ତା ୨୫ ରିଖରେ ଉକ୍ତ ସଭାକୁ ଜଣାଇ ଅଛନ୍ତି ଯେ ସେ ଉକ୍ତ ଆବେଦନ ସମ୍ପର୍କରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବଙ୍ଗଳା ଗବର୍ଣ୍ଣମେଣ୍ଟ ଏବଂ ଆସାମର ଚିଫ୍‌କମିଶନରଙ୍କର ଅଭିମତ ଜାଣିବାକୁ ଇଚ୍ଛା କରୁଅଛନ୍ତି । ସେମାନଙ୍କ ଅଭିପ୍ରାୟ ଅବଗତ ହେବା ମାତ୍ରକେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ବର୍ତ୍ତିତ ବିଷୟରେ ସମ୍ପୂର୍ଣ୍ଣ ମନୋଯୋଗ ସହକାରେ ବିବେଚନା କରିବେ । ଲର୍ଡ଼ ଡଫରିନ ଏ ଦେଶରୁ ବିଦାୟ ହେବା ପୂର୍ବରୁ ଯେବେ ଆସାମକୁଲିଙ୍କର ଦୁର୍ଦ୍ଦଶା-ମୋଚନ ପକ୍ଷରେ କୌଣସି ଉପାୟ କରି ଯିବେ ତେବେ ବଡ଼ ଉତ୍ତମ ହେବ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ କି ଅଭିପ୍ରାୟ ବ୍ୟକ୍ତ କରିବେ କ୍ରମେ ପ୍ରକାଶ ପାଇବ ।

ପୁରୀ ମିଉନିସିପାଲଟୀରେ ଜଣେ ସେକ୍ରେଟାରୀ ୨୫ ଟା ମାସିକ ବେତନରେ ଦରକାର ଥିବାରୁ ବିଜ୍ଞାପନ ଗତ 'ଦୀପିକାରେ' ପ୍ରକାଶିତ ହୋଇଅଛି । ସେକ୍ରେଟାରୀ କି କାର୍ଯ୍ୟ କରିବେ ବିଜ୍ଞାପନରୁ ପ୍ରକାଶ ପାଉ ନାହିଁ । କେବଳ ଟୋଲଟାକ୍ସେସନରେ ଯେ ସମର୍ଥ ଥିବ ଅଥଚ ଅଫିସକାର୍ଯ୍ୟଦକ୍ଷ ହୋଇଥିବ ସେ ଉକ୍ତ କର୍ମରେ ଉପଯୁକ୍ତ ହେବ ବୋଲି ଲେଖାଥିବାରୁ ଅନୁମିତ ହେଉଅଛି ଯେ ସେକ୍ରେଟାରୀଙ୍କୁ ନଗରପରିଭ୍ରମଣ ଅଥଚ ଅଫିସକର୍ମ କରିବାକୁ ପଡ଼ିବ । ନଗରପରିଭ୍ରମଣ କରି ଷ୍ଟାଣ୍ଡିଙ୍ଗଓଭରସିୟର ଓ ଡେପୁଟୀମେନ ଓ ଲାଇସେନ୍ସଟେକ୍ସରମେନମାନଙ୍କ କାର୍ଯ୍ୟ । ଏମାନେ ଉପସ୍ଥିତଥିବା ସ୍ଥଳେ ଜଣେ ସେକ୍ରେଟାରୀର ଆବଶ୍ୟକତା ବୋଧ ହେଉ ନାହିଁ । ଅମ୍ଭମାନଙ୍କର ଭୟ ହେଉଅଛି ଯେ ଡେପୁଟୀମେନ ଓ ଲାଇସେନ୍ସଟେକ୍ସରମେନ ଏ ଦୁଇଜଣ ସରକାରୀ କର୍ମଚାରୀଙ୍କ ମଧ୍ୟରୁ ମନୋନୀତ ହେବାରୁ ନଗରପରିଭ୍ରମଣ ଓ ଅନୁସନ୍ଧାନକାର୍ଯ୍ୟ-ସକାଶେ ସେମାନେ ଯଥେଷ୍ଟ ଅବକାଶ ପାଇବେ ନାହିଁ ବୋଲି ଏହି ନୂତନପଦର ସୃଷ୍ଟି ହୋଇଅଛି ।

ଅମ୍ଭମାନଙ୍କର ବଡ଼ଲାଟ ଲର୍ଡ଼ ଡଫରିନ ଆଗାମୀ ଅଗଷ୍ଟମାସ ତା ୧୭ ରିଖରେ ବୋମ୍ବେ ତ୍ୟାଗ କରି ବିଲାତ ଯାତ୍ରା କରିବେ ଓ ନବ ବଡ଼ଲାଟ ଲର୍ଡ଼ ଲେନ୍ସଡାଉନଙ୍କ ଉପସ୍ଥିତ-ହେବାପର୍ଯ୍ୟନ୍ତ ବୋମ୍ବେର ଶାସନକର୍ତ୍ତା ଲର୍ଡ଼ ରି ଭାରତବର୍ଷର ଶାସନକର୍ତ୍ତାସ୍ୱରୂପ କାର୍ଯ୍ୟ କରିବେ । ଲର୍ଡ଼ ଡଫରିନଙ୍କ ବିଲାତ ଯାତ୍ରା ଶୀତକାଳପର୍ଯ୍ୟନ୍ତ ସ୍ଥଗିତ ନ ରହି ଶୀଘ୍ର ହେଲା । ଲର୍ଡ଼ ଡଫରିନଙ୍କଠାରୁ ଅମ୍ଭେମାନେ ଯେତେ ଆଶା କରିଥିଲୁଁ ତହିଁରୁ ନିରାଶ ହୋଇଅଛୁଁ । ନବ ଶାସନକର୍ତ୍ତା ଲର୍ଡ଼ ଲେନ୍ସଡାଉନଙ୍କ ଶାସନାଧୀନରେ ଶାସନର ଫଳାଫଳ କିରୂପ ହେବ ଭବିଷ୍ୟତ୍ ଗର୍ଭରେ ନିହିତ ହୋଇ ରହିଅଛି । ସମ୍ପ୍ରତି ଲର୍ଡ଼ ଡଫରିନଙ୍କୁ ବିଦାୟ ହେବାର ସମୟ । ଭାରତବାସୀ ତାଙ୍କଠାରୁ ଯେତେଦୂର ଉପକୃତ ହୋଇଅଛନ୍ତି ତାହା ଇଦାନୀଂତନ ସମ୍ବାଦପତ୍ରମାନଙ୍କ ସମାଲୋଚନାରୁ ଅବଗତ ଅଛନ୍ତି ଯାହା ହେଉ ଭାରତବାସି ପ୍ରଭୁଭକ୍ତ ବୋଲି ପ୍ରସିଦ୍ଧ । ଅତଏବ ଅମ୍ଭମାନଙ୍କର ଉଚିତ ଯେ ତାଙ୍କର କାର୍ଯ୍ୟର ଗୁଣ-ସମାଲୋଚନା କରି ସର୍ବୋତ୍କୃଷ୍ଟଭାବରେ ତାଙ୍କଠାରୁ ବିଦାୟଗ୍ରହଣ କରିବୁଁ ଓ କାମନା କରିବୁଁ ଯେ ସେ ବିଲାତରେ ରହି ଭାରତବାସିଙ୍କ ମଙ୍ଗଳପକ୍ଷରେ ଚେଷ୍ଟା କରିବେ ।

ଗତ ସପ୍ତାହରେ ଏ ନଗରର ମ୍ୟୁନିସିପଲ-ଚେୟାରମାନ ଓ ଭାଇସଚେୟାରମାନ ନିର୍ବାଚନ-ବିଷୟରେ ଅମ୍ଭେମାନେ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲୁଁ ତହିଁରୁ କେହି ଅନୁମାନ କରି ପାରନ୍ତି ଯେ ଗତ ତିନିବର୍ଷରୁ ଉକ୍ତ ପଦରେ ଯେଉଁମାନେ ରହିଅଛନ୍ତି ସେମାନେ ଅମ୍ଭମାନଙ୍କର ଲକ୍ଷସ୍ଥଳ ଥିଲେ । ବାସ୍ତବରେ ତାହା ନୁହଇ । ଅମ୍ଭେମାନେ ଜାଣୁଁ ଓ ପ୍ରତ୍ୟକ୍ଷ ଦେଖିଅଛୁଁ ଯେ ବାବୁ ନନ୍ଦକିଶୋର ଦାସ ଚେୟାରମାନ ଏବଂ ବାବୁ ଯୋଗେଶ୍ୱର ଚନ୍ଦ୍ର ଭାଇସ୍ ଚେୟାରମାନ କେବଳ ଘରେ ବସି ହୁକୁମ ନ ଚଳାଇ ଅବସରକ୍ରମେ ନଗର-ମଧ୍ୟରେ ଭ୍ରମଣ କରି ଗୁରୁତର କାର୍ଯ୍ୟମାନ ଦେଖି ଅଛନ୍ତି ଏବଂ ଅନ୍ୟ କମିଶନରଙ୍କ ଦ୍ୱାରା ତଦାରକ କରାଇ ଅଛନ୍ତି । ଏ ବିଷୟରେ ସେମାନଙ୍କର କିଛି ତ୍ରୁଟି ଲକ୍ଷିତ ହୋଇ ନାହିଁ । ନୂତନମିଉନିସିପାଲିଟୀର କାର୍ଯ୍ୟ ଏମାନେ ଯେମନ୍ତ ଯୋଗ୍ୟତା ଓ ପରିଶ୍ରମ ସହିତ ନିର୍ବାହ କରି ଅସ୍ୱାସ୍ଥ୍ୟକରପ୍ରଣାଳୀର ମଧ୍ୟରୁ ରକ୍ଷା କରିଛନ୍ତି ତହିଁ ନିମିତ୍ତ ଅମ୍ଭେମାନେ ତାଙ୍କଠାରେ କୃତଜ୍ଞ ଅଛୁଁ ଏବଂ ଯେବେ ସେମାନେ ପୁନର୍ବାର ଉକ୍ତ ପଦରେ ମନୋନୀତ ହେବେ ତେବେ ଅମ୍ଭମାନଙ୍କର ଆପତ୍ତି କରିବା ଦୂରେ ଥାଉ ବରଂ ଆନନ୍ଦିତ ହେବୁଁ ।

ଭଗାରପୁରର ବଣ୍ଡ୍ୟାଲ ଜମିଦାର ଚୌଧୁରୀଙ୍କ ନାମରେ ତାହାଙ୍କର ପ୍ରଜାମାନେ ନାନା ଅତ୍ୟାଚାରର ଗୁହାରିମାନ ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ କରିବା ଏବଂ ତହିଁର ତଦନ୍ତ ହେଉଥିବା କଥା ପାଠକମାନଙ୍କୁ ଜଣାଅଛି । ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରସବିହାରୀ ନାୟକ ଅନୁସନ୍ଧାନର ଫଳ ଅପଣା ରିପୋର୍ଟ-ଦ୍ୱାରା ମାଜିଷ୍ଟ୍ରେଟ ସାହେବଙ୍କୁ ଜଣାଇଅଛନ୍ତି ଅଦ୍ୟାପି ତହିଁର ଶେଷ ନିଷ୍ପତ୍ତି ହୋଇ ନାହିଁ । ଏଥିମଧ୍ୟରେ ପ୍ରଜାମାନେ ଏହି ମର୍ମରେ ଦରଖାସ୍ତ କରିଅଛନ୍ତି କି ଜମିଦାର ସେମାନଙ୍କର ଯାହା କିଛି କରିଥିଲେ ତାହା ବୁଝାଇଦେବା ଏବଂ ଭବିଷ୍ୟତରେ ସେମାନଙ୍କ ପ୍ରତି ଅତ୍ୟାଚାର ନ ହେବାର ବନ୍ଦୋବସ୍ତ କରିବାରୁ ସେମାନେ ଦସ୍ତବରଦାର ହେଲେ । ମାଜିଷ୍ଟ୍ରେଟ ସାହେବ ଜମିଦାରଙ୍କ କେବଳ ପ୍ରଜାଙ୍କପ୍ରତି ଅତ୍ୟାଚାର ନ କରିବା ବିଷୟରେ ତାଗିଦ କରିଦେଇ ତାହା ଗ୍ରହଣ କରିଅଛନ୍ତି । ସୁତରାଂ ଜଣେ ପ୍ରଧାନ ଜମିଦାର ଏବଂ ପ୍ରଜାଙ୍କମଧ୍ୟରେ ଯେଉଁ ଅପ୍ରୀତିକର ସମ୍ବନ୍ଧ ଉପସ୍ଥିତ ହୋଇଥିଲା ତାହା ଆପାତତଃ ନିବାରିତ ହେଲା । ଭରସା କରୁଁ ଜମିଦାରମାନେ କାଳର ଗତି ଦେଖି ପ୍ରଜା-

Digitized by srujanika@gmail.com

ରଞ୍ଜନ କେଶ୍ୱଙ୍କୁ ସମ୍ପୂର୍ଣ୍ଣରୂପେ ଯତ୍ନଶୀଳ ହେବେ ।

---

କଲିକତାରେ ନୀଳମାଧବ ମିତ୍ର ନାମରେ ଏକ ବ୍ୟକ୍ତି ଆପଣା ପିତାଙ୍କୁ ପିସ୍ତଲଦ୍ୱାରା ବଧ ଏବଂ ଆପଣା ଭ୍ରାତାଙ୍କୁ ସେହିରୂପ ବଧ କରିବା ଚେଷ୍ଟା କରିଥିବା ଅପରାଧରେ ଧରା ହୋଇଥିବାର ପାଠକମାନଙ୍କୁ ଜଣାଅଛି । ଆସାମୀ ନୀଳମାଧବ ଦୋଷ ସ୍ୱୀକାର ହୋଇ ହାଇକୋର୍ଟଙ୍କ ବିଚାରରେ ଯାବଜ୍ଜୀବନ କାରାବାସ ଦଣ୍ଡ ଲଭିଅଛି । ଏପରି ଅପରାଧରେ ଫାଶି ନ ହୋଇ ନ୍ୟୂନ ଦଣ୍ଡ ହେବାର ଏହି କାରଣ ଜଣାଯାଏ ଯେ କେବଳ ପୁଲିସ ତଦାରଖ-ସମୟରେ ମାଜିଷ୍ଟ୍ରେଟ ସାହେବଙ୍କ ସାକ୍ଷାତରେ ଆସାମୀର ଏକରାର ଭିନ୍ନ ତାହା ବିରୁଦ୍ଧରେ ଅନ୍ୟ କୌଣସି ପ୍ରମାଣ ନାହିଁ ଏବଂ ସେହି ଏକରାର ଆଇନସଙ୍ଗତ ପ୍ରମାଣ ନୁହଇ ବୋଲି ଆସାମୀର କାଉନ୍ସେଲ ଉଡ଼ରଫ୍ ସାହେବ ଅନେକ ତର୍କ କରିବାରେ ଫୁଲବେଞ୍ଚରେ ଉକ୍ତ ବିଚାର ହୋଇ ଉକ୍ତ ଏକରାର ଆଇନସଙ୍ଗତ ପ୍ରମାଣ ଥିବାର ଧାର୍ଯ୍ୟ ହେଲା । ଏବଂ କେବଳ ସେହି ପ୍ରମାଣ ଅନୁସାରେ ଆସାମୀ ଦଣ୍ଡନୀୟ ହେବାରୁ ହାକମ ତାହାଙ୍କୁ ଉକ୍ତ ଦଣ୍ଡ ଦେଇଅଛନ୍ତି । ଫୁଲବେଞ୍ଚ ବିଚାର-ବିରୁଦ୍ଧରେ ବିଲାତ ଅପିଲ କରିବା କାରଣ ଉଡ଼ରଫ୍ ସାହେବ ଅନୁମତି ପ୍ରାର୍ଥନା କରିଥିଲେ ମାତ୍ର ହାଇକୋର୍ଟ ତାହା ଦେଲେ ନାହିଁ । ଉକ୍ତ ଅଦାଲତର ନିଷ୍ପତ୍ତି ସମସ୍ତଙ୍କ ଶିରୋଧାର୍ଯ୍ୟ ମାତ୍ର ଏଥିରେ ସମସ୍ତଙ୍କର ମନ ମାନିବାର ପ୍ରକାର ପାଉ ନାହିଁ ।

---

ମଧ୍ୟପ୍ରଦେଶର ଗତବର୍ଷର ଦେୱାନୀ କାର୍ଯ୍ୟ-ବିବରଣରୁ ପ୍ରକାଶ ଯେ ବାକି ଖଜଣାର ମୋକଦ୍ଦମା ସେଠାରେ କ୍ରମଶଃ ବଢ଼ୁଅଛି ଅର୍ଥାତ୍ ସନ ୧୮୮୪ ସାଲରେ ନ ୫୨୪୯ ମକ୍ ସନ ୧୮୮୫ ସାଲରେ ନ ୬୪୨୯ ମକ୍ ସନ ୧୮୮୬ ସାଲରେ ନ ୭୧୬୭ ମକ୍ ଏବଂ ସନ ୧୮୮୭ ସାଲରେ ନ ୮୪୧୬ ମକ୍ ବାକି ଖଜଣାର ନାଲିସ ହୋଇଅଛି । ଗତ ଦୁଇତିନି ବର୍ଷରୁ ଉକ୍ତ ପ୍ରଦେଶରେ ଫସଲ ଊଣା ହୋଇଥିବାରୁ ପ୍ରଜାମାନେ ବାକିଦାର ହୋଇଅଛନ୍ତି ତଥାପି ଜମିଦାରମାନଙ୍କ ମଧ୍ୟରୁ କେହି କହୁଅଛନ୍ତି ଯେ ପ୍ରଜାମାନଙ୍କୁ ନାଚାର ଦେଖି ଜମିଦାରମାନେ ତାହାଙ୍କୁ କଷ୍ଟ ଦେବା କାରଣ ବାକି ଖଜଣାର ନାଲିସ କରୁଅଛନ୍ତି ଏବଂ ଅନ୍ୟ କେହି କହୁଅଛନ୍ତି ଯେ ଜମିଦାରମାନେ ପ୍ରଜାଙ୍କପ୍ରତି ସୁବିଚାର ପୂର୍ବକ କାର୍ଯ୍ୟ କରୁଅଛନ୍ତି ବୋଲି ଏପରି ଘଟୁଅଛି ନୋହିଲେ ଏକ ଜମିଦାରୀର ଖଜଣାର ଏକଚତୁର୍ଥାଂଶରୁ ଅଧିକ ଅଦାୟ ହୋଇ ନ ଥିବା ପ୍ରତ୍ୟେକ ଅଚ୍ଚରୁ ଅଧିକ ବାକି ଖଜଣାର ନାଲିସ ହୋଇଥାନ୍ତା । ପ୍ରଧାନ କମିଶ୍ନରଙ୍କ ବିବେଚନାରେ ଫସଲ ଊଣା ହେବା ବାକିଖଜଣା ମାମଲାବୃଦ୍ଧିର ନ୍ୟାୟସଙ୍ଗତ ଯଥେଷ୍ଟ କାରଣ ଅଟଇ ଏଥିରେ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଅସଦ୍ଭାବ ଥିବାର ପ୍ରକାଶ ପାଉ ନାହିଁ । ଏ ମନ୍ତବ୍ୟ ଉଚିତ ହୋଇଅଛି କିନ୍ତୁ ଯେ ସ୍ଥଳେ ପ୍ରଧାନ କମିଶ୍ନର ଦେଖୁଅଛନ୍ତି ଯେ ଗତ ତିନିବର୍ଷ କ୍ରମାଗତ ଫସଲ ହାନି ହେବାରୁ ପ୍ରଜାମାନେ ଖଜଣା ଦେଇପାରୁ ନାହାନ୍ତି ଏବଂ ବାକିଖଜଣାର ନାଲିସଦ୍ୱାରା ପ୍ରପୀଡ଼ିତ ହେଉଅଛନ୍ତି ସେସ୍ଥଳେ ଗବର୍ଣ୍ଣମେଣ୍ଟଙ୍କ ପ୍ରତ୍ୟକ୍ଷ କର୍ତ୍ତବ୍ୟ ବିଷୟରେ କିଛି କହି ନାହାନ୍ତି ବଡ଼ ଦୁଃଖର ବିଷୟ ଅଟଇ ସାମାନ୍ୟରୂପେ ଫସଲ ଊଣା ହେଲେ ପ୍ରଜା ଖଜଣାଦେବାକୁ ଅକ୍ଷମ ହେବ ଏହା ବନ୍ଦୋବସ୍ତର ଦୋଷ ଅଟଇ । ଏମନ୍ତସ୍ଥଳେ ଛାଡ଼ ଦେବାର କିଛି ବ୍ୟବସ୍ଥା କରିବା ଉଚିତ ମାତ୍ର ଗବର୍ଣ୍ଣମେଣ୍ଟକର୍ମଚାରୀମାନେ କେବଳ ଜମିଦାରଙ୍କ କର୍ତ୍ତବ୍ୟ ପ୍ରତି ଦୃଷ୍ଟି କରିବେ ଆପଣା-କର୍ତ୍ତବ୍ୟ ବେଳେ କିଛି କଥା ନାହିଁ । କେବଳ ନୀତିଶିକ୍ଷାରେ ଫଳ ନାହିଁ ଉଦାହରଣଦ୍ୱାରା ଶିକ୍ଷା ଦେବାର ଉଚିତ ।

---

ବନାରସ ନଗରର ଗଣେଶ, ଶିବ ଓ ଅନ୍ନପୂର୍ଣ୍ଣା ଏବଂ ଛଅ ଦେଉଳମାନଙ୍କରୁ ଯେ ସମସ୍ତ ସମ୍ପତ୍ତି ନିଆ ଯାଇଅଛି ସେ ସମସ୍ତ ସମ୍ପତ୍ତି ଉକ୍ତ ଦେଉଳମାନଙ୍କର ଟ୍ରଷ୍ଟି ରାମଚନ୍ଦ୍ର ପାଇନସିଙ୍କୁ ଫେରଦେବା ପ୍ରାର୍ଥନାରେ ଭାରତ-ଗବର୍ଣ୍ଣମେଣ୍ଟଙ୍କୁ ଅବେଦନପତ୍ର ପ୍ରେରିତ ହେବା-ମର୍ମରେ ଗତମାସ ତା ୨ ଖ ଅପରାହ୍ଣ-କାଳରେ କଲିକତା ନଗରର ଟାଉନ ହଲ-ଠାରେ ଗୋଟିଏ ବୃହତ୍ସଭା ହୋଇଥିଲା । କପ୍ତାନ ହ୍ୟୁସେ ସାହେବ ଏଥିର ପ୍ରଧାନ ଉଦ୍ଯୋଗକର୍ତ୍ତା । ଯେଉଁ ଅବେଦନପତ୍ର ଗବର୍ଣ୍ଣମେଣ୍ଟଙ୍କୁ ପଠାଯିବ ତାହା ଧାର୍ଯ୍ୟ କରିବା କାରଣ ଉକ୍ତସଭା ଆହୂତ ହୋଇଥିଲା । ଅବେଦନପତ୍ରରେ ଲେଖାଅଛି ଯେ ସନ ୧୮୫୮ ମସିହା ଜାନୁଅରମାସ ତା ୧୯ ରଖ ଏବଂ ଫେବୃୟାରୀମାସ ତା ୧୯ ରଖ ମଧ୍ୟରେ ଦେୱାନୀ ଏବଂ ଫୌଜଦାରୀ ଆଇନର ବିପରୀତ ଏବଂ ଶ୍ରୀମତୀ ଭିକ୍ଟୋରିଆଙ୍କ ସେହି ବର୍ଷର ଘୋଷଣାପତ୍ରକୁ ଅବହେଳା କରି ଭାରତଗବର୍ଣ୍ଣମେଣ୍ଟ ଉକ୍ତ ମନ୍ଦିରମାନ ଏବଂ ତଦନ୍ତର୍ଗତ ସମୁଦାୟ ବହୁମୂଲ୍ୟ ପାତ୍ର, ମଣି, ନଗଦ ଟଙ୍କା, ଅସବାବ, ସ୍ୱର୍ଣ୍ଣ ଏବଂ ଇଷ୍ଟ୍ରାଂଲଗ୍ଗର ଏବଂ ବଗିଚାମାନ କୋରକ ଓ ନିଲାମକରି ଇତ୍ୟାଦିକ ଟଙ୍କା ଆତ୍ମସାତ କରିଅଛନ୍ତି । ଏଣୁ ପ୍ରାର୍ଥନା ହୋଇଅଛି ଯେ (୧) ଏ ବିଷୟରେ ହିନ୍ଦୁମାନଙ୍କର ନ୍ୟାଯ୍ୟ ସମ୍ମାନ ଏବଂ ଧର୍ମବିଶ୍ୱାସରେ ଗୁରୁତର କ୍ଷତ ହୋଇ ଥିବାରୁ ଗବର୍ଣ୍ଣମେଣ୍ଟ ଉକ୍ତ ସମସ୍ତ ବିଷୟ ଅନୁସନ୍ଧାନ ପୂର୍ବକ ହିନ୍ଦୁମାନଙ୍କର ଧର୍ମବିଶ୍ୱାସର ଅବମାନନା ଓ ସେମାନଙ୍କର ମନକୁ ପୀଡ଼ା ଦେବା ଉଦ୍ଦେଶ୍ୟରେ ହୋଇ ନ ଥିବାର ଜଣାଇ ଦେଉନ୍ତୁ, (୨) ଯେବେ ତଦନ୍ତରେ ଏପରି ଅନ୍ୟାୟ କାର୍ଯ୍ୟ କରାଯାଇଥାଏ ଏବଂ ତଦ୍ୱାରା ହିନ୍ଦୁମାନଙ୍କର ଧର୍ମନୀତି ଏବଂ ଧର୍ମବିଧି ଉଲ୍ଲଂଘିତ ହୋଇ ହିନ୍ଦୁମାନଙ୍କର ଧର୍ମବିଶ୍ୱାସର ଅବମାନନା ଏବଂ ଅଦୃଷ୍ଟପୂର୍ବ କାର୍ଯ୍ୟ ହୋଇଥାଏ ତାହା ହେଲେ ଉକ୍ତ ମନ୍ଦିରମାନଙ୍କର ମେନେଜର ଓ ଟ୍ରଷ୍ଟିଙ୍କ ପ୍ରତି ସୁବିଚାର ପୂର୍ବକ ସେସବୁ ଫେରାଇ ଦିଆଯାଉ ଏବଂ (୩) ସନ ୧୮୫୭ ମସିହାରେ ରାଜବିଦ୍ରୋହ ଖୁନି ଏବଂ ଅନ୍ୟାନ୍ୟ ଅପରାଧ ହେତୁ ଯଥାର୍ଥରୂପେ ଦଣ୍ଡୀ ଫଇଜାବାଦ ଏବଂ ଲକ୍ଷ୍ନୌର ମସ୍ଜିଦମାନ ତଦବସ୍ଥିତ ସମୁଦାୟ ସମ୍ପତ୍ତି ସହିତ କୋରକ ହୋଇଥିଲା ସେ ସମସ୍ତ ଗବର୍ଣ୍ଣମେଣ୍ଟ ମୁସଲମାନମାନଙ୍କୁ ବର୍ତ୍ତମାନ ଫେରାଇ ଦେଇଥିବା-ସ୍ଥଳେ ବନାରସଠାରେ ସେପରି କୌଣସି ଅପରାଧ ଘଟି ନ ଥିବା ପ୍ରତ୍ୟକ୍ଷେ ଯଥାର୍ଥରୂପେ କୋରକ ହେଉ ବା ନ ହେଉ ସେ ସମସ୍ତ ହିନ୍ଦୁମାନଙ୍କୁ ଫେରାଇ ଦେବା ଉଚିତ ହେଉଅଛି ନୋହିଲେ ସ୍ୱଭାବତ ହିନ୍ଦୁପ୍ରଜାଙ୍କୁ ଛାଡ଼ି ଗବର୍ଣ୍ଣମେଣ୍ଟ ମୁସଲମାନମାନଙ୍କ ପକ୍ଷପାତୀ ବୋଲି କଳଙ୍କ ରହିଯିବ । କପ୍ତାନ ହ୍ୟୁସେ ସାହେବ ଉକ୍ତ ଅବେଦନପତ୍ର ପାଠ କରନ୍ତିଥିବାରୁ କହିଲେ ଯେ ଭୂତପୂର୍ବ ଗବର୍ଣ୍ଣର ଜେନେରଲ ରିପନ ମହୋଦୟ ଏ ବିଷୟ ତଦନ୍ତ କରିବା କାରଣ ଆଦେଶ ଦେଇଥିଲେ ମାତ୍ର ସର ଅଲ ଫ୍ରେଡ ଲିଏଲ ସାହେବ ଏଥିସକାଶୁ

Digitized by srujanika@gmail.com

Split by PDF Splitter

204



କାଗଜପତ୍ର ଲୁଗୃଇ ଦେଇ ଶେଷକୁ କୌଣସି ତଦନ୍ତ କରିବାକୁ ନିଷେଧ କଲେ । ହ୍ୟୁମ୍ସ ସାହେବଙ୍କୁ ଏ ବିଷୟରେ ଯତ୍ନଶୀଳ ହେବା କାରଣ ତ୍ରୁଟି ଅନୁରୋଧ କରିବାରୁ ସେ ଏଥିରେ ବତୀ ହୋଇଅଛନ୍ତି ଏବଂ ସେ ପଚାରନ୍ତି ଯେ ଗବର୍ଣ୍ଣମେଣ୍ଟ କି କେବେ କୌଣସି ସେମାନଙ୍କ କାଥଲିକ ଗୀର୍ଜାଘରକୁ ଯାଇ ଉଦବସ୍ଥିତ କୁମାରୀ ମେରୀଙ୍କ ମୁକୁଟ ଏବଂ ଗୀର୍ଜାଘରର ପାତ୍ର ଏବଂ ଅନ୍ୟାନ୍ୟ ଅଳଙ୍କାରମାନ ନିଲାମ କରାଇପାରନ୍ତି ? କେବେ ନୁହେଁ । ସେ କହନ୍ତି ଜଣେ ଖ୍ରୀଷ୍ଟିୟାନ ହେଲେ ହେଁ ସେ କହନ୍ତି ଶିବ, ଗଣେଶ ବା ଅନ୍ନପୂର୍ଣ୍ଣାଙ୍କ ମୂର୍ତ୍ତି ଆଶ୍ରା କରୁ ନାହାନ୍ତି ମାତ୍ର ତାଙ୍କର ବିଶ୍ୱାସ ଯେ ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କର ଗୀର୍ଜା ଯେପରି ପବିତ୍ର ହିନ୍ଦୁମାନଙ୍କୁ ସେମାନଙ୍କର ଦେବାଳୟ ମଧ୍ୟ ସେହିପରି ପବିତ୍ର, ଏହି ହେତୁରୁ ସେ ଅନ୍ୟାୟ ହୋଇଥିବାର ଜାଣି ଏ କାର୍ଯ୍ୟରେ ବ୍ରତୀ ହୋଇଅଛନ୍ତି । ଯେଉଁ ଆବେଦନପତ୍ର ସଭାରେ ପଠିତ ହେଲା ତାହା ଭାରତର ମୋଟ ୧୨।୧୩ ଟି ନଗରରେ ଧାର୍ଯ୍ୟ ହୋଇ ପଞ୍ଜାବ, ଉତ୍ତରପଶ୍ଚିମାଞ୍ଚଳ ଏବଂ ଅଯୋଧ୍ୟାରେ ଦସ୍ତଖତ ନିମିତ୍ତ ପ୍ରସ୍ତୁତ ହୋଇଅଛି । ଏତକ କହିଲା ଉତ୍ତାରୁ କପ୍ତାନ ସାହେବଙ୍କ ଅନୁରୋଧକ୍ରମେ ପଣ୍ଡିତ ଶଶଧର ତର୍କଚୂଡ଼ାମଣି ସଂସ୍କୃତରେ ବଙ୍ଗଳାଭାଷାରେ ଗୋଟିଏ ବକ୍ତୃତା କଲେ । ତତ୍ପରେ କପ୍ତାନ ସାହେବଙ୍କୁ ଭୂରି ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ଆମ୍ଭେମାନେ ମଧ୍ୟ କପ୍ତାନ ସାହେବଙ୍କ ଏତାଦୃଶ ଉଦାରପ୍ରବୃତ୍ତିର ପରିଚୟ ପାଇ ତାହାଙ୍କୁ ଧନ୍ୟବାଦ ନ ଦେଇ କ୍ଷାନ୍ତ ରହିପାରୁ ନାହୁଁ ଏବଂ ସର୍ବାନ୍ତଃକରଣେ ଆଶା କରୁଁ କପ୍ତାନ ସାହେବଙ୍କର ଏତାଦୃଶ ମହତ୍ କାର୍ଯ୍ୟର ଅପରିସୀମ ପରିଶ୍ରମ ସଫଳ ହେଉ ।

---

### ଫୌଜଦାରୀ-ହାଜତଜାମିନ ।

ଏତତ୍କାଳରେ ମହାମାନ୍ୟ ହାଇକୋର୍ଟ ଯଥୋଚିତ ଆଦେଶ ଦେଇଅଛନ୍ତି । ଓ ତାହା ସକଳସ୍ଥାନରେ ଠିକମତେ ପ୍ରତିପାଳିତ ହେଲେ ମାମଲତକାରମାନେ ଅନର୍ଥକ ଅପହରଣ ଓ କ୍ଲେଶରୁ ରକ୍ଷା ପାଇବାର ସମ୍ଭବ । ପ୍ରଚଳିତ ପ୍ରଥା ଏହି ଥିଲା ଯେ ଫୌଜଦାରୀ ମାମଲାରେ ଆସାମିଙ୍କଠାରୁ ହାଜତଜାମିନ ନେବାର ହୁକୁମ ହେଲେ ଆସାମୀ କୋର୍ଟ ସବ ଇନସପେକ୍ଟରଙ୍କଠାରୁ ପଠାଯାଉଥିଲା ଓ ତାହାଙ୍କ ପ୍ରଦତ୍ତ ଜାମିନ ଗ୍ରହଣ କରିବାର ନ କରିବାର ଭାର କୋର୍ଟ ବାବୁଙ୍କ ପ୍ରତି ଥିଲା ଓ ତାଙ୍କୁ ସନ୍ତୁଷ୍ଟ ନ କରାଇଲେ ଲୋକେ ସହଜରେ କାର୍ଯ୍ୟ ଲଭି ନ ଥିଲେ । ଏ ସମ୍ବନ୍ଧରେ ଆମ୍ଭେମାନେ ଅନେକ ଗୁହାରି ଶୁଣିଅଛୁଁ କିନ୍ତୁ ହାକିମଙ୍କ ଗୋଚରରେ ଆଣିବା କାରଣ ଏପର୍ଯ୍ୟନ୍ତ କେହି ସାହସ କରି ନ ଥିଲେ । ଚମ୍ପାରଣରେ ପାଲକଧାରୀ ମାହାତନାମକ ଏକବ୍ୟକ୍ତି କ୍ଲେଶ ଓ ଖର୍ଚ୍ଚା ସ୍ୱୀକାରପୂର୍ବକ ଏ ବିଷୟ ମେଜିଷ୍ଟ୍ରେଟଙ୍କଠାରୁ ହାଇକୋର୍ଟପର୍ଯ୍ୟନ୍ତ ହାକିମଙ୍କ ଗୋଚରରେ ଆଣି କୃତକାର୍ଯ୍ୟ ହେଲା । ତହିଁର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ । ଯଥା ।

ପାଲକଧାରୀ ସନ ୧୮୮୭ ସାଲ ନବେମ୍ବର ମାସ ତା ୧୬ ରିଖରେ ତପସିର ମେଜିଷ୍ଟ୍ରେଟଙ୍କଠାରେ ଦରଖାସ୍ତ ଦେଲା କି କୌଣସି ମକଦ୍ଦମାରେ ହାଜତଜାମିନ ସକାଶେ ସେଠା କୋର୍ଟ ସବ ଇନସପେକ୍ଟର ଗାୟତ୍ରୀପ୍ରସନ୍ନ ଘୋଷାଲ ତାହାଠାରୁ ଟ ୫୦ ଙ୍କା ପାରତୋଷିକ ତଲବ କଲା । ମେଜିଷ୍ଟ୍ରେଟ ଏ ମକଦ୍ଦମା ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରାମଅଘୋରନାରାୟଣ ସିଂହଙ୍କୁ ଅର୍ପଣ କଲେ । ଡେପୁଟୀଙ୍କଠାରେ ମୁଦେଇ ଆବେଦନ କଲା କି ସେ ଅନ୍ୟ ମେଜିଷ୍ଟ୍ରେଟଙ୍କଠାରୁ ଏ ମକଦ୍ଦମା ଖାରଜ ତର୍ଜ ନେବା କାରଣ କାର୍ଯ୍ୟବିଧିର ଦ ୫୨୬ ଧାରାନୁସାରେ ହାଇକୋର୍ଟରେ ମୋସନ କରିବ ଅତଏବ ୫୨୬ କ ଉକ୍ତ ଧାରାନୁସାରେ ମକଦ୍ଦମା ସ୍ଥଗିତ ରଖାଯାଉ । ଡେପୁଟୀ ତାହାର ପ୍ରାର୍ଥନା ଅଗ୍ରାହ୍ୟ କରି ମକଦ୍ଦମା ଚଳାଇଲେ । ମୁଦେଇ କେତେକ ଜଣ ସାକ୍ଷୀ ଦେଇ ଆଉ ସାକ୍ଷୀ ଦେବା ସକାଶେ ଏକ ସପ୍ତାହର ସମୟ ଚାହିଁଲା ଡେପୁଟୀ ସମୟ ନ ଦେଇ ସେହି ମାସ ତା ୨୧ ରିଖରେ ମକଦ୍ଦମା ଡିସମିସ କଲେ ଓ କୋର୍ଟ ବାବୁଙ୍କୁ ଖଲାସ ଦେଇ ମୁଦେଇ ଓ ତାହାର ସାକ୍ଷୀଙ୍କ ନାମରେ ମିଥ୍ୟା ନାଲିସ ଓ ମିଥ୍ୟାସାକ୍ଷ୍ୟ ଅପରାଧର ମକଦ୍ଦମା ଚଳାଇବା କାରଣ ଅନୁମତି ଦେଲେ ଏବଂ ଆଉ କେତେକ ବ୍ୟକ୍ତିଙ୍କ ଉପରେ କି ସକାଶେ ସେମାନେ ଏ ମିଥ୍ୟା ମୋକଦ୍ଦମାରେ ସାହାଯ୍ୟ କରିଥିବା ଦୋଷରେ ଫୌଜଦାରୀ ସୋପର୍ଦ୍ଦ ନ ହେବେ ଏଥିର କାରଣ ଦର୍ଶାଇବା ସକାଶେ ନୋଟିସ ଜାରି କଲେ ।

ଏ ଆଜ୍ଞା ସବୁର ବିରୁଦ୍ଧରେ ପାଲକଧାରୀ ସାଧାରଣଙ୍କ ସେସନ ଜଜ ସାହେବଙ୍କଠାରେ ମୋସନ କଲା ଓ ସାହେବ ପୁନର୍ବିଚାରପୂର୍ବକ ଡେପୁଟୀଙ୍କ ଆଜ୍ଞା ରଦ ରହିତ କରିବା କାରଣ କାଗଜାତ ହାଇକୋର୍ଟକୁ ପଠାଇଲେ । ହାଇକୋର୍ଟଙ୍କ ନିଷ୍ପତ୍ତି କ୍ରିମିନାଲ ଲ ରିପୋର୍ଟର କଲିକତା ୧୫ ଭଲୁମର ପୃ ୪୫୫ ଠାରୁ ୪୬୦ ସ୍ଥାରେ ପ୍ରକାଶିତ ହୋଇଅଛି ପାଠକମାନେ ତହିଁରୁ ସବିଶେଷ ଅବଗତ ହେବେ । ହାଇକୋର୍ଟ ସେସନ ଜଜ ସାହେବଙ୍କ ସହିତ ଐକ୍ୟ ହୋଇ ଡେପୁଟୀଙ୍କ ତାବତୀୟ ଆଜ୍ଞା ଓ କାର୍ଯ୍ୟମାନ ରଦ ରହିତ କରି କୋର୍ଟବାବୁଙ୍କର ପୁନର୍ବିଚାରର ଆଜ୍ଞା ପ୍ରଦାନ କଲେ । ଅଧିକନ୍ତୁ ହାଇକୋର୍ଟ ସ୍ଥିର କଲେ ଯେ ଫୌଜଦାରୀ ମୋକଦ୍ଦମାରେ ହାଜତଜାମିନ ଗ୍ରହଣ କରିବାର ଅବା ନ କରିବାର ଭାର ପୋଲିସ ହାତରେ ରହିବାର ପ୍ରଥା ଆଇନ ବିରୁଦ୍ଧ ଓ ଅନ୍ୟାୟ ଅଟଇ ଏହି ହେତୁରୁ ଏ ମୋକଦ୍ଦମା ଘଟିଲା ଓ ଅନେକ ଅନିଷ୍ଟ ଘଟିବାର ସମ୍ଭବ ଓ ଘଟୁଅଛି । ଅତଏବ ଯେଉଁ ହାକିମ ଜାମିନର ଆଦେଶ ଦେବେ ସେହି ହାକିମ ପ୍ରଦତ୍ତ ଜାମିନ ଯଥେଷ୍ଟ ଥିବାର ବିଚାର ଗ୍ରହଣ କରିବେ ପୋଲିସ ହାତରେ ଏଥିର ଭାର ନ ରହିବ ଏ ଆଜ୍ଞା ଯେ ଅତି ଯଥାର୍ଥ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଓ ଏହାଦ୍ୱାରା ଅନେକ ଉପକାର ହେବ । ଶୁଣିବାରେ କୌଣସି କୋର୍ଟବାବୁ ଜାମିନ ରସୁମ ସ୍ୱରୂପ ଟ ୫ ଙ୍କା ଲେଖାଏଁ ଧାର୍ଯ୍ୟ କରିଥିଲେ ଓ କେହି ଏହା ନ ଦେବାପର୍ଯ୍ୟନ୍ତ ଜାମିନକୁ ମୁକ୍ତ ପାଉ ନ ଥିଲେ । ହାଇକୋର୍ଟଙ୍କ ଆଦେଶଦ୍ୱାରା ଏତତ୍କାଳ ଅପହରଣ ଅବା ପାରତୋଷିକ ସମ୍ପୂର୍ଣ୍ଣ ରହିତ ନ ହେଲେ ମଧ୍ୟ ଅନେକ ପରିମାଣରେ ଊଣା ହେବ ଓ କୋର୍ଟ ବାବୁମାନଙ୍କର ପକ୍ଷ ଅନ୍ୟାୟ ଅର୍ଥପତ୍ୟ ରହି ନ ପାରିବ । ଏହେତୁ ଆମ୍ଭେମାନେ ହାଇକୋର୍ଟଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ ଓ ମେଜିଷ୍ଟ୍ରେଟମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଏ ଆଜ୍ଞା ସମ୍ପୂର୍ଣ୍ଣରୂପେ ପ୍ରତିପାଳିତ ହେବା ପକ୍ଷରେ ବିଶେଷ ଦୃଷ୍ଟି ରଖିବେ । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଅମ୍ଭମାନଙ୍କ ମେଜିଷ୍ଟ୍ରେଟ ସାହେବ ହାଇକୋର୍ଟଙ୍କ ଆଜ୍ଞାନୁସାରେ କାର୍ଯ୍ୟ କରିବା କାରଣ ଆପଣା ଅଧୀନସ୍ଥ ହାକିମ ଓ ଦାରୋଗାମାନଙ୍କ ପ୍ରତି ଆଦେଶ ଦେଇଅଛନ୍ତି । ଏହିପରି ଆଦେଶ ସବଡିଭିଜନରେ ଓ ସବଡିଭିଜନାଲମାନଙ୍କରେ ହେବାର ଉଚିତ । କୌଣସିଠାରେ ଏ ନୂତନ ହୁକୁମ ପ୍ରଚଳିତ ହୋଇ

Digitized by srujanika@gmail.com

ଶୁଣିଲ ସେଠା ମୁକ୍ତିଅର ଓ ମାମଲତଦାର- ଙ୍କ ହାକିମଙ୍କୁ ହାଇକୋର୍ଟଙ୍କ ଯକ୍ଷ ଦେଖାଉ ନା ପ୍ରବଳ ଜସ୍ରତା ପକ୍ଷରେ ଯତ୍ନ ଉଥାରନ୍ତି ।

---

ବଙ୍ଗବାସିରୁ ଉଦ୍ଧୃତ ।

ଗ୍ରୀଷ୍ମଋତୁର କର୍ତ୍ତବ୍ୟବିଧାନ

ଚରକ, ସୁଶ୍ରୁତପ୍ରଭୃତି ଆୟୁର୍ବେଦୀୟ

ସଂହିତାରୁ ସଂଗୃହୀତ ।

ଜ୍ୟେଷ୍ଠ ଓ ଆଷାଢ ଦୁଇମାସ ଗ୍ରୀଷ୍ମକାଳ । ହୁ କାଳରେ ସୂର୍ଯ୍ୟ ଅତ୍ୟୁଗ୍ରଭାବ ଧାରଣ କରନ୍ତି ଏବଂ ନୈର୍ଋତ କୋଣରୁ ଅସୁଖ- ଜନକ ରୁକ୍ଷୋଷ୍ଣ ବାୟୁ ସର୍ବଦା ବହଇ । ପୃଥି- ବୀସ୍ଥ ଓ ଜଳାଶୟସ୍ଥ ସକଳ ପ୍ରାୟ ଶୁଖିଲ ଗଲ ସମସ୍ତ ବଣ ପ୍ରଜ୍ୱଳିତ ହେଲପ୍ରାୟ ବୋଧ ହୁଅଇ । ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣରେ ପୃଥ୍ୱୀର ଜଳୀୟ ଅଂଶ ଶୋଷିତ ହୋଇ ତଦ- ନୁସାର ମନୁଷ୍ୟଦେହର ଶ୍ଳେଷ୍ମକ୍ଷୀଣ ଓ ବା ସଞ୍ଚିତ ହୁଅଇ । ଏହି ଗ୍ରୀଷ୍ମ ଋତୁରେ ବାୟୁ- ଗୁଣଗତ, କ୍ରିୟାଗତ ଓ ଦ୍ରବ୍ୟଗତ ପରିମାଣ- ଚିର ଅରମ୍ଭ ସଞ୍ଚୟନାମରେ ଅଭିହିତ ହୁଅ- । ଅ ଏମନ୍ତ କାଳର ଲକ୍ଷଣ ଦେହରୁ ଚିତ୍ତର ତୁଷ୍ଟିଗୁଣକୁ ବୃଦ୍ଧି କରୁଥାଏ ।

ଗ୍ରୀଷ୍ମଋତୁରେ କଟୁ, ଅମ୍ଳ, ଲବଣ, ତୀକ୍ଷ୍ଣ ରସର ଅତିସେବନ, ବ୍ୟାୟାମ, ଉଷ୍ଣସ୍ଥା- ରେ ବାସ, ଉଷ୍ଣବୀର୍ଯ୍ୟଦ୍ରବ୍ୟ ଭକ୍ଷଣ ତ୍ୟାଗ କରିବ । ଏହି ସମୟରେ ମଦ୍ୟପାନ ନିଷିଦ୍ଧ । ଗ୍ରୀଷ୍ମଋତୁରେ ଶୀତଳ ସ୍ଥାନରେ ବୁଡ଼ି ସ୍ନାନ, ର, ସ୍ନିଗ୍ଧ, ଲଘୁ ଓ ଶୀତଳଦ୍ରବ୍ୟ ସେବନ, ଶର୍କରାସଂଯୁକ୍ତ ଛତୁଲେହନ କରିବ । ମନ୍ଥକ ଧାନ୍ୟର ଅନ୍ନ ଜାଙ୍ଗଲପଶୁମାଂସର ରସ ସେବନ କରିବ ।

ଦାରୁଚିନି, ଶ୍ୱେତ ଅଳାଇଚ, ତେଜପତ୍ର, ଶେଷର, ଜିରା, ଗୁଡ, ଅଦା ଏବଂ ଶୁଣ୍ଠିସଙ୍ଗେ ମର୍ଦ୍ଦନ କରି ଛାଣି ସେବନ କରିବ । ଏ- କୁ ରସାଲା ବା ଶିଖରିଣୀ ବୋଲନ୍ତି ଏହାର ଓ ବଳ ବୃଦ୍ଧିକର ବାତପିତ୍ତନାଶକ ଅ- ଶୀତଳ କୋଷ୍ଠପରିଷ୍କାରକ ତୃପ୍ତିକର ସ୍ୱାଦ ଓ ଚିତ୍ତସନ୍ତୋଷକାରକ ।

ଟଗା, ଖର୍ଜୁର, ଦୈନିକ, ମହାଦ୍ରାକ୍ଷା, ପଣ- ସ୍ଥା, ଆମ୍ରକୋଳିର ରସ ଏବଂ ବହୁ ଯୋରଟ ଜଳରେ କ୍ଷୀରସହିତ ମର୍ଦ୍ଦନ କରି ଛାଣି ପାନ କରିବ । ଏହାର ନାମ "ରାଗ" ଏହା ସେବନ କଲେ ଦାହ, ପିତ୍ତ ଦାହ ଓ ତୃଷ୍ଣା ଭିଣା ହୁଅଇ ଏବଂ ରୁଚି ବୃଦ୍ଧି ହୁଏ ।

ମଧୁର, ଅମ୍ଳ, ଲବଣ ଓ ନାନା ସୁଗନ୍ଧଦ୍ର- ବ୍ୟଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟକୁ ଷାଡ଼ବ ବା ଖାଣ୍ଡବ ବୋଲଯାଏ ଏହା ମଧ୍ୟ ପୂର୍ବଭୁଲ୍ୟ ଗୁଣକର । କପିତ୍ଥ, ମହୁଲ ଫୁଲ, ଖଜୁରି, ଗମ୍ଭାରି ଫଳ, ଫଲସୁଆ ଫଳ, ଜଳରେ ମର୍ଦ୍ଦନ କରି ଛାଣିନେବ ଏବଂ ତହିଁରେ କଣ୍ଠ କର୍ପୂର ମିଶାଇ ପାନ କରିବ । ଏହାକୁ "ପଞ୍ଚସାରଖ୍ୟ ପାନକ" ବୋଲନ୍ତି । ଏହା ଦାହ, ତୃଷ୍ଣା ଓ ବିଷନାଶକ ।

ଚମ୍ପା ବା ମିଶ୍ରି ଗୁଡ଼ଗୁଣ ଜଳରେ ମର୍ଦ୍ଦନ କରି ଛାଣିଦେଲେ ସାଧାରଣ ପାନକ (ପଣା) ପ୍ରସ୍ତୁତ ହୁଅଇ ଏବଂ ଏଥିରେ ମଧ୍ୟ ଦାହ, ତୃଷ୍ଣା ଉପଶମ ହୁଅଇ ।

ଚନ୍ଦନାଦି ସୁଗନ୍ଧଦ୍ରବ୍ୟ ପଦ୍ମ ବା ଅନ୍ୟାନ୍ୟ ସୁବାସିତ ଜଳସିକ୍ତ ପୁଷ୍ପମାଳଙ୍କୁ ଗୁନ୍ଥି ମାଳାଧା- ରଣ ଏବଂ ଆର୍ଦ୍ର ଚିତଣା ବା ପଁଖା ହସ୍ତ ଚପଦ୍ମପତ୍ର ବା ମୟୂରପୁଚ୍ଛାଦିର ଧୀରପବନ ସେବନ କରିବ । କୋକିଳମାନଙ୍କ ମଧୁରଧ୍ୱନି ଏବଂ ମଧୁରଭାଷି ଶିଶୁମାନଙ୍କ କର୍ଣ୍ଣନର୍ତ୍ତିତ ଅର୍ଦ୍ଧସ୍ଫୁଟ ସୁମଧୁରବାକ୍ୟ ଶ୍ରବଣରେ ଗ୍ରୀଷ୍ମଜନିତ କ୍ଳାନ୍ତି ଦୂରୀଭୂତ ହୁଅଇ ।

ଏହି ସମୟରେ ବାତର ସଂଚୟ, ଅଗ୍ନିର ଅଲ୍ପତା ଏବଂ ଅବାଜକାଳବଶତଃ ଏହି ସମ- ୟରେ ସ୍ୱଭାବତଃ ଶରୀର ରକ୍ଷଗୁଣସମ୍ପନ୍ନ ହୁଅଇ, ଏଯୋଗେ ଏହି ସମୟରେ ଦିବାନିଦ୍ରା ପ୍ରଶସ୍ତ, ଗ୍ରୀଷ୍ମକାଳରେ ଦିବାନିଦ୍ରାରେ ଥାଉ ସାମ୍ୟ ହୁଅଇ । ଦେହରେ ବଳବୃଦ୍ଧି ହୁଅଇ, ଶଙ୍କ ଦେହର ପୁଷ୍ଟିସମ୍ପାଦନ କରଇ ଏବଂ ଆୟୁର ସ୍ଥିରତା ପ୍ରାପ୍ତହୁଅଇ ।

ସନ୍ଧ୍ୟାପରେ ଦେହରେ ଶ୍ୱେତଚନ୍ଦନ ଓ ଅନୁଦ୍ୱର ଲେପନ କରି ସୁବାସିତ ପୁଷ୍ପମାଳ ଧାରଣ କରିବ ଏବଂ ସରୁ ଶୁକ୍ଳବସ୍ତ୍ର ପିନ୍ଧି ଚନ୍ଦ୍- କିରଣ ପଡ଼ିଥିବା ଅଟ୍ଟାଳିକାରେ ଉପବେଶନ- ପୂର୍ବକ ସୁଦୃଶ୍ୟ ବାଳକବୃନ୍ଦଙ୍କୁ ଚନ୍ଦନକ- ଲେପନ କରି କର୍ପୂର ଓ ମଲ୍ଲିସୁରଭିଦ୍ୱାରା ରଚିତ ମାଳା ଓ ମଣିମୁକ୍ତାଖଚିତ ହାର ଏବଂ ବିବିଧଭୂଷାରେ ଭୂଷିତ କରି ସେମା- ନଙ୍କର ମନୋହର ବୀଣାବାଦ୍ୟ ସଙ୍ଗୀତ ଶ୍ରବଣ କରିବ । କର୍ପୂର, ମିଶ୍ରି ଓ ତାଳସ୍ପନ୍ଦଦ୍ୱାରା ନିର୍ମିତ ଦନ୍ତକ ସେବନ କରିବ । ଏହାକୁ ପ୍ରଶାନ୍ତକରଣ ବୋଲଯାଏ, ଏହା ସେବନରେ ଅତ୍ୟନ୍ତ ରୁଚି ବୃଦ୍ଧିହୁଏ । ତହିଁ ଉତ୍ତାରୁ ମହିଷ- ଦୁଗ୍ଧରେ ଚିନି ମିଶାଇଁ ଅନାବୃତ ସ୍ଥାନରେ ରଖି ଚନ୍ଦ୍ର ଓ ନକ୍ଷତ୍ର କିରଣରେ ଶୀତଳ କରାଇଁ ପାନକରିବ । ରାତିରେ ଜଦାପି ଗୁରୁ- ଦ୍ରବ୍ୟ ଭୋଜନକରିବ ନାହିଁ, ଦୁଗ୍ଧସଙ୍ଗେ ଯବଛତୁ ଓ ଶର୍କରା ମିଶାଇ ସେବନ କଲେ ଭଲ ହେବ । ଗ୍ରୀଷ୍ମଋତୁର ଆହାର ଓ ଆଚ- ରଣାଦି ସଂକ୍ଷେପରେ କଥିତ ହେଲା । ଯତ୍ନସ- ହିତ ପ୍ରତିପାଳନ କଲେ ଋତୁଜନିତ ପୀଡ଼ାରେ ପୀଡ଼ିତହେବ ନାହିଁ । ଏଥିର ଅନ୍ୟଥାଚରଣ କଲେ ଅଚିରେ କାଳର କବଳକବଳରେ ପଡ଼ିବାର ସମ୍ଭବ ।

---

# ସାପ୍ତାହିକସଂବାଦ ।

ଏସପ୍ତାହରେ ଏଠାରେ ଭାରି ଗ୍ରୀଷ୍ମ ହୋଇଅଛି । ମୋ- ଫସଲର କୌଣସି ସ୍ଥାନରେ ବୃଷ୍ଟି ହୋଇଅଛି ମାତ୍ର ସହରରେ ଅଦ୍ୟାପି ନାହିଁ ଏବଂ ଜଳ ବସ୍ତୁନେ ନାଲମାନ ଫିଟି ପାରି ନାହିଁ ।

ଗତ ମାସ ଶେଷସପ୍ତାହରେ ଏ ନଗରରେ ସର୍ବାପେକ୍ଷା ଅଧିକ ଗ୍ରୀଷ୍ମ ହୋଇଥିଲା । ତାପମାନ ଯନ୍ତ୍ରରେ ପାରା ୧୧୪ ଅଂଶପର୍ଯ୍ୟନ୍ତ ଉଠିବାର ସରକାରୀ ରିପୋର୍ଟରୁ ପ୍ରକାଶ ।

ପ୍ୟାରିମୋହନ ଏକାଡେମୀ ଗତକାଲିଠାରୁ ଫିଟିଅଛି । ଗତସପ୍ତାହରେ ଜୋ ୪୦ ଟ ଅର୍ଦ୍ଧେକ ଓ ଏକତୃତୀୟାଂଶ ବେତନର ବୃତ୍ତି ପାଇ ଥିବାର ଉକ୍ତସ୍କୁଲର ସମ୍ପାଦକ ବିଜ୍ଞାପନ ଦେଇଥିଲେ । ସ୍କୁଲର ଉଦ୍ଦେଶ୍ୟ ଗରିବ ଛାତ୍ରଙ୍କୁ ଅଳ୍ପ ବ୍ୟ- ୟରେ ଶିକ୍ଷା ଦାନ କରିବା । ବାସ୍ତବରେ ଏତଦ୍ୱାରା ଗରିବ ଛାତ୍ରମାନେ ଉପକୃତ ହେବେ ସ୍କୁଲର ଉନ୍ନତି ହେବ ଓ ସାଧାରଣ ଏସ୍କୁଲର ଆବଶ୍ୟକତା ବୋଧ କରିବେ ।

ରେଭେନ୍‌ସା କଲେଜ ଓ କଲେଜିୟେଟ ସ୍କୁଲ ଗ୍ରୀଷ୍ମାବ- କାଶ ସମାପ୍ତ ହେବାରୁ ଗତବୁଧବାର ତା ୨୦ ରିଖରୁ ଫିଟିଅଛି କିନ୍ତୁ ଗ୍ରୀଷ୍ମ ପୂର୍ବପରି ବର୍ତ୍ତମାନ୍ ଥିବାରୁ ପ୍ରାତଃକାଳରେ ସ୍କୁଲ ଓ କଲେଜ ବସୁଅଛି ଅନ୍ୟାନ୍ୟ ସ୍କୁଲମାନଙ୍କର ଅବସ୍ଥାମଧ୍ୟ ତ- ଦନୁରୂପ ।

ବୃଷ୍ଟି ଅଭାବରୁ ଏ ଜିଲ୍ଲାର କେତେ ସ୍ଥାନରେ ଓଲାଉଠା ହୋଇ ଥିବାର ଶୁଣା ଯାଏ ।

ଏ ସପ୍ତାହରେ ତେଲଙ୍ଗାବଜାର ଏବଂ ବକସିବଜାରରେ ବ ୧୦।୧୨ ଘର ପୋଡ଼ି ହୋଇଅଛି । ଯାଜପୁରରେ ପ୍ରାୟ ବ ୩୦୦ ଶହ ଘର ପୋଡ଼ି ଯାଇଅଛି ଓ ଧନ ଓ ଦ୍ରବ୍ୟାଦି ବିଶେଷ ନଷ୍ଟ ହୋଇଅଛି ।

ଯାଜପୁରର ମୁନସଫ ବ ୨୦ ଦିନ ଛୁଟୀ ନେବାରୁ ଏଠାର ଅଦାଲତର ରଜିଷ୍ଟର ବାବୁ ଜଗନ୍ନାଥ ଦାସ ତାହାଙ୍କ କର୍ମରେ ଏକ୍‌ଟିଂ ହୋଇ ଯାଇଅଛନ୍ତି ।

ତା ୭ ରିଖ ଜୁନ । ସ୍ତ୍ରୀ । ଅଫିସ । ମୀ । ଦାତ୍ତମାନିକବାଗ୍ମୀ ପୋଦର ନାମକ ଗ୍ରାମରେ ଜଣେ କ୍ୟକ୍ତି । ବ । ବୁଢଙ୍ଗ ଅଦ୍ୱିକା ଗ୍ରାମରୁ ମଧୁବୋଙ୍କ ସେନଅସି କୃଷ୍ଣଚନ୍ଦ୍ର ଜଙ୍ଗ- ଲଦ୍ୱାରେ ଦେଖିଲ ସେ ତ ୩ ଏ କଣ୍ଡୁଚୁଣୀ ଉକ୍ତ ଛତ୍ରାଙ୍କୁ ପଥି ଅପରେ ସାଥରେ ହେଉଛି ତେଣୁ ସେ ସାହସୀ ହୋଇ- ଦ୍ୱାରେ ପଶିଗଲ କୂଳ ତା ୪ ଠ ଅଛି ଏବଂ ବିଡ଼ତ ଲୁଣ୍ଠିତ

Digitized by srujanika@gmail.com

ଯାହା ଜଙ୍ଗଲୁ ଜାମୁଡ଼ି ଧଇସମାତ୍ରକେ ବ୍ୟକ୍ତିଟି ଲେଉଟି ପଡ଼ଲ ବୃକ୍ଷିରର ହାତ ଗୋଟିଏ ନ ଥିବାରୁ ସେ ତାକୁ ପିଠିଉପରେ ପକାଇପାରିଲ ନାହିଁ ମାତ୍ର ପାଣିରେ ବୁଡ଼ାଇଦେଲ ପାଣି ସେଠାରେ ଫୁ ୪ ଟି ହେବ ଏଣୁ ଲୋକମୁଣ୍ଡରୁ ମଣ୍ଡବୋଝ ଓ ଜୁଲା ଦ୍ୱିହିଲରୁ ତାହାକୁ ମନୁଷ୍ୟ, କ୍ଷଣରେ ବୁଡ଼ିର ଗୋଡ଼ାଇଲ ସେକଣି କଲସ୍ତ ଛଠି ସୁରୁରି କୂଳକୁ ଥିଲ ଏହି ସମୟରେ ଜଣେ ଡଙ୍ଗା ନେଇ ତାହାକୁ ଉଦ୍ଧାର ଅଧିଅଛି ମନୁଷ୍ୟ କଷ୍ଟଅଛି ମସ୍ତ ମଧ୍ୟ ଗୁଳି ତ୍ତାଇ ଅଣିଲେ ।

ହାବଡ଼ା ପ୍ରାୟ ଗ୍ରାମପୁତଠାରେ ମଧ୍ୟ ଏକ କୌତୁକାବହ ମୋକଦ୍ଦମା ସେଠା ଡେପୋଟି ମେଜେଷ୍ଟରଙ୍କଦ୍ୱାରା ବିଗ୍ଭର ହେଉଅଛି । ମୃଦେଇ ବୈଦ୍ୟେଶ୍ୱରର କ୍ଷବଟବର୍ତ୍ତି ଗୋଡ଼ହାଟି ଗ୍ରାମର ବାସିନ୍ଦା ଅଟେ । ଅସାମି ତାହାର ପ୍ରତିବେଶୀ । ମୃଦେଇ ନାଲିସକରେ ଯେ ଅସାମି ତାହାର ଷୋଡ଼ଶବର୍ଷୀୟା ବଳାତ୍କୃତା ଭାର୍ଯ୍ୟାକୁ ଫୁସଲାଇ ଘରୁ ବାହାରକରି ନେଇଯାଇ ମନାଇଭାସ ତତ୍ପରାର୍ଥ କଲିକା ପ୍ରଦେଶରେ ଦ ୭ ନ ବାଳ ନୁସ୍ତର ରକ୍ଷିଅଛି । ବସ୍ତୁତରେ ମୋକଦ୍ଦମା ପ୍ରମାଣ ହେବାରୁ ଅସାମୀପ୍ରତି ମା ୬ ସ କଠିନ ପରିଶ୍ରମସହିତ କାରାବାସର ଦଣ୍ଡାଜ୍ଞା ହୋଇଅଛି ଅସାମୀ କତ୍ତୃ ପ୍ରତିବେଶୀର ଉପଯୁକ୍ତ କାର୍ଯ୍ୟ କରିଥିଲ ।

ଫ୍ରାନ୍ସ୍ ଦେଶର ବର୍ତ୍ତମାନ ବ୍ୟବସ୍ଥାପକ ସଭା ଶାସନପ୍ରଣାଳୀ ପରିବର୍ତ୍ତନ କରି ଅର୍ଥାତ୍ ବର୍ତ୍ତମାନର ସାଧାରଣ ପ୍ରତାନ୍ତ୍ର ପ୍ରଣାଳୀ ଉଠାଇଦେଇ ଅନ୍ୟ କୌଣସିପ୍ରଣାଳୀ ଅବଲମ୍ବନ କରିବା ମର୍ମରେ ଯେଉଁ ପ୍ରସ୍ତାବ ଆଗତ ହୋଇଥିଲେ ତହିଁ ବିପକ୍ଷରେ ଗୋ ୧୯୧ ଟି ମତ ଅଧିକ ହେବାରୁ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଅଛି ।

କାଶ୍ମୀରଠାରେ ଓଲାଉଠା ରୋଗ କ୍ରମଶଃ ଉଣା ପଡ଼ୁଥିବାର ସମ୍ବାଦ ମିଳଇ । ତଥାପି ଗତମାସ ତା ୨।୩।୪ ଦିନମାନଙ୍କରେ ସର୍ବସୁଦ୍ଧା ନ ୫୭୭ ଣ ଲୋକ ଉକ୍ତ ରୋଗଦ୍ୱାରା ଆକ୍ରାନ୍ତ ହୋଇ ତହିଁମଧ୍ୟରୁ ନ ୧୮୭ ଣ ସଂସାରରୁ ବିଦାୟହୋଇ ଯାଇଅଛନ୍ତି । ଜ ଇଶ୍ୱରଙ୍କ ମଙ୍ଗଳ ।

ହରଦ୍ୱାର ଗୁଦବୁମାର ଗତମାସ ତା ୧୭ ଦିନରେ ଶୁକ୍ରବାର ସୁଦର୍ଶନ ଅରମ୍ଭରେ ଯାତ୍ରା କରିଥିବାର ସମ୍ବାଦ ମିଳଇ । ଏ ଜନ୍ତୁ ପ୍ରାୟ ମା ୭ ସକାଳ କାପିବାର ସମ୍ଭବ ।

କଲିକତାରେ ଷ୍ଟାର ଥିଏଟର ନାମରେ ଗୋଟିଏ ଦେଶୀୟ ନୂତନ ରଙ୍ଗଭୂମି ନିର୍ମିତ ହୋଇଅଛି । ଏହା ନିର୍ମିତ ହେବାରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ବ୍ୟୟ ହୋଇଅଛି ସୁରଙ୍ଗ ରଙ୍ଗଭୂମିର ଅଭ୍ୟନ୍ତର ଯେ ଅତ୍ୟନ୍ତ ମନୋହର ଓ ନୟନାଭିରାମ ହୋଇଅଛି ଏହା ବୋଲିବା ବାହୁଲ୍ୟ । ଏଠାରେ ଲ ପେଦ୍ୱସହସ୍ର ଟଙ୍କାମୂଲ୍ୟ ରଙ୍ଗଭୂମିସ୍ଥାନେ ମିଳୁ ନାହିଁ ।

## ବିଶପୁର ସମ୍ବାଦ ।

କେତେକମାସ ହେଲ ବୃଷ୍ଟି ନ ଥିବାରୁ ଭୟଙ୍କର ଗ୍ରୀଷ୍ମ ହୋଇଥିଲ ଏବଂ ଅଧିକାଂଶ କୂପ ଓ ଜଳାଶୟର ଜଳଶୁଷ୍କ ହୋଇ ଯାଇଥିବାରୁ ଲୋକମାନେ ଅସହ୍ୟ କଷ୍ଟ ଅନୁଭବ କରୁଥିଲେ ଗତ ତା ୩୦ ଦିନ ରାତ୍ର ଦୁଇପ୍ରହରସମୟରେ ଘୋର ପବନ ଓ ବୃଷ୍ଟି ହେବାରୁ କେତେକାଂଶରେ ଶୀତଳ ହୋଇଥିଲ ମେଘଦଳଠାରୁ ମେଘ ଛାଡ଼ି ନାହିଁ ପ୍ରତ୍ୟହ ଅଳ୍ପ ଏକ ବୃଷ୍ଟି ହୋଇଥିବାରୁ ଅନେକ ଘର ଭାଙ୍ଗି ଯାଇଅଛି ଓ ଗଛମାନ ମଧ୍ୟ ଭାଙ୍ଗି ପଡ଼ିଅଛି ବର୍ତ୍ତମାନ ଭୂଣାଭୂମି ସମୟ ଥିବାରୁ ଅଧିକ ବର୍ଷା ନ

ହେବା ବାଞ୍ଛନୀୟ ଏବର୍ଷ ଯେପରି ଗ୍ରୀଷ୍ମାଧିକ୍ୟ ଓ ରୋଗାଣ ହୋଇଅଛି ପାଞ୍ଚବର୍ଷ ହେଲ ଏପରି ଦେଖାଯାଇ ନାହିଁ ।

ବର୍ତ୍ତମାନ ଆମ୍ବ ଶେଷ ହୋଇ ଗଲଣି ଲୋକମାନେ କୃଷିକର୍ମରେ ବ୍ୟସ୍ତ ଅଛନ୍ତି ।

ଏବର୍ଷ ରଥଯାତ୍ରା ଅତ୍ୟନ୍ତ ସମାରୋହସହିତ ନିର୍ବାହ ହୋଇଅଛି ସରକାରୀଭାବ ଜଗନ୍ନାଥ ସର୍ବୋତ୍କୃଷ୍ଟ ହୋଇଥିବାର ଦେଖାଗଲ ମେଘ ଓ ଝଡ଼ହେତୁରୁ ଦର୍ଶକ ଯାତ୍ରୀ ଉତ୍ତମରୂପେ ହୋଇପାରିଲ ନାହିଁ ।

## କୌଦ-ସମ୍ବାଦ ।

ଶ୍ରୀଯୁତ ରାଜା ମହୋଦୟ ସ୍ୱୀୟ ବନ୍ଧୁତା ଓ ବଦାନ୍ୟତାପରିଚୟକ ଗୋଟିଏ ରାଜପଥ ଦୁର୍ଗର ଦକ୍ଷିଣ ତରଫରେ ନିର୍ମାଣ କରିଅଛନ୍ତି ; ଉକ୍ତ ପଥ ସହରର ମଧ୍ୟରୁ ଅସ୍ପୃଷ୍ଟ ଥିବାରୁ ବର୍ଷାକାଳରେ ଦୁର୍ଗନିବାସିମାନଙ୍କର ବିଶେଷ କ୍ଷତି ଜାଣିଲେ ଅଛି । ତହିଁରେ ଅନେକ ମା ୭ ସ ହେଲ ଏକଣତକୁ ଭର୍ତ୍ତି ଦୁର୍ଭିକ୍ଷପୀଡ଼ିତ ଗରିବ ପ୍ରଜା କର୍ମ କରି ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । ଏତଦ୍ଭିନ୍ନ ଦୁର୍ଗର ଦକ୍ଷିଣତରଫରେ ଥିବା ପଡ଼ିଶାକୁ ମୁଣ୍ଡିବା ଆରମ୍ଭ ହୋଇଥିବାରୁ ପୃଥକ ଦର୍ଶିତ ଓ ଅଷ୍ଟାଷ୍ଟଜନ ପଦାର୍ଥ ହୋଇଅଛି ଯେ ସକଳକୁଳରେ ପରିଷ୍କାର ପୂର୍ଣ୍ଣ ରହିଲେ ଓ ପ୍ରତିମାନେ ଉକ୍ତ ରାଜପଥରେ ଗମନାଗମନପୂର୍ବକ ଜାଗୃତ ହେଲେ ଦୁର୍ଗନିବାସିମାନଙ୍କର ଜନନ୍ଦେଶ ଓ ଗୌରବ ଉଦ୍ଭାବନ ହେବ । ଏ କାର୍ଯ୍ୟରେ ଶ୍ରୀ ଦେଓାନ ବାବୁ ମଧୁସୂଦନ ବନ୍ଦ୍ୟୋପାଧ୍ୟାୟ ବିଶେଷ ଯତ୍ନବାନ୍ ହୋଇଅଛନ୍ତି

ଅଦ୍ୟାବଧି ଏ ପ୍ରଦେଶରେ ଇନ୍ଦ୍ରଦେବତା କୃପା ଦୃଷ୍ଟି ପାତ କରି ନ ଥିବାରୁ କୃଷକମାନେ ଭୂମିକର୍ଷଣ ଅବସରେ ଚିନ୍ତିତ ଅଛନ୍ତି ।

ଅଗ୍ନିଦେବତା ବନ୍ୟଜନ୍ତୁମାନଙ୍କର [illegible] ଭୋଜନରେ ତୃପ୍ତିଲଭ ନ କରି କେତେକ ଗ୍ରାମ[illegible] ଲୋକମାନଙ୍କ ନିବାସସ୍ଥଳ ଗୃହ ପୋଡ଼ି ସାର୍ଥ କରୁଅଛନ୍ତି ଅଗ୍ନି ଦୁର୍ଗପ୍ରାନ୍ତର କେତେକ ସ୍ଥାନରେ ଅଗ୍ନ୍ୟୁପଦ୍ରବ ନିବାରଣାର୍ଥ ପ୍ରତ୍ୟେକ ଗୃହରେ ଜଳପୂର୍ଣ୍ଣ ଘଟ ପ୍ରଚୁର ପରିମାଣରେ ରକ୍ଷିବାର ସରକାରଙ୍କ ପକ୍ଷରୁ ସୁବନ୍ଦୋବସ୍ତ ହୋଇଥିବାରୁ ସେହି ସ୍ଥଳମାନଙ୍କରେ ଅଗ୍ନିଦେବ ଲଗ୍ନୋଦ୍ୟମ ହୋଇଅଛନ୍ତି ।

ଗତମାସ ତା ୫ ଦିନ ରାତ୍ରି ପ୍ର ୧ ପ୍ରହରଠାରେ ବର୍ଷାର ଉପକ୍ରମ ହୋଇଥିଲ ମାତ୍ର ସେହି ସମୟରେ ପବନଦେବତା ପ୍ରଖରତରରେ ବହିଲେ ବଡ଼ ବଡ଼ ବୃକ୍ଷ ଉତ୍ପାଟନପୂର୍ବକ ସହରବାସୀମାନଙ୍କର ଗୃହ ଉଡ଼ାଇ ଅଛନ୍ତି ଧନ୍ୟ ଦେବତାଙ୍କର ମହିମା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନାହୁଁ ।

---

ଶ୍ରୀଲଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ

ଏ ପ୍ରକାଶ୍ୟପତ୍ରିକାଟି ଆପଣଙ୍କପତ୍ରିକାର ଏକାଂଶରେ ସ୍ଥାନଦାନ କରି ବାଧିତ କରିବାକେବେ ।

ଏହି ବ । ପ୍ର । ହରିହରପୁର ଏକ ଗ୍ରାମରୁ ଜଣେ ବ୍ରାହ୍ମଣସନ୍ତାନର । ପ୍ର । ୧୯ବର୍ଷବୟସ୍କା

ଏକତ୍ରଣରୁ କନ୍ୟାଟିକେ ବେଶ୍ୟାପ୍ରତି ହେବାର ଜଣ ବୈଶାଖମାସ ଦ ୧୯ ନ ଲଗ୍ନ ସ୍ଥିରହୋଇ ବିବାହଦିବସ ଧାର୍ଯ୍ୟ ହୋଇଥିଲ । ତାଙ୍କ ସହିତ ଏହିପରି ଉତ୍ସବ ହୋଇଥିଲ କି ବେସନାଇଜମ୍ବକେ ପ୍ରାଣ ଛାଡ଼ିଗଲୁ ଅଣିବାକୁ ହେବ । ମାତ୍ର ସେ ଉତ୍ସବରୁ କ ଅଣି ଦୂରକରି ବାଣ ଅଣିବା ହୋଇଛି ଗ୍ରାମବାସୀ ସମସ୍ତ ଭଦ୍ରଲୋକ ବଙ୍ଗଉତ୍ତମାନେ ଉକ୍ତ ବେସନାଇ ପ୍ରତି ଅସନ୍ତୋଷ ହୋଇ ସେ ଗ୍ରାମରେ ଅନ୍ୟ ଏକଟଇ ଲକ୍ଷଣାତ୍ର ସ୍ଥିରକରି ଉକ୍ତ କନ୍ୟାକୁ ବିବାହ କରିଦେବାକୁ ବେସନାଇ କରିଥିବା ବର ନିଃସ୍ୱ ହୋଇ ବେସନାଇ ସ୍ଥାନରେ ସୁରକ୍ଷିତ ହୋଇ ରହିଲେ । ମହାଶୟ ମହାତ୍ମାବଡ଼ଙ୍କ ଯେ ଶିଷ୍ୟପାଳ କଥା ଶୁଣାଥିଲ ତାହା ବର୍ତ୍ତମାନ ଏହିଠାରେ ପ୍ରତ୍ୟକ୍ଷମାନ ହେଲ । ଯାହା ହେଉ ତାହାର ଦୁର୍ଦ୍ଦଶା ମେଣ୍ଟଣ ସକାଶେ ଈଶ୍ୱର ଇହାକୁ ନିକଟସ୍ଥ ଗ୍ରାମମାନଙ୍କର କେତେକ ଭଦ୍ରଲୋକ ଗୋଟିଏ କନ୍ୟା ମନୋନୀତ କରି ଅତି ମୂଲ୍ୟରେ ସେହି ଶିଷ୍ୟପାଳ ବରକୁ ପ୍ରଦାନ କରିଲେ ଅତି ସୁଖର ବିଷୟ । ଇତି ।

---

To the Editor of the Utkal Dipika.

Sir,

The Pubiic is growing almost impatient of repeated abuses of journalism iu Orissa. Malicious as well as flattering comments are too frequent in the local newspapers on private affairs and private individuals. They certainly afford fit occasions for remarks of public interest, but not for the gratification of private grudges or passions. For instance, the recent Brahmo marriage in the town could safely be made the occasion for any decent and well-directed remarks of the good or evil of such intermarriage, on the efficacy or otherwise of such system, &c. But what does it signify to allude in abusive, churlish and revolting language to personalities and especially to the unoffending pair, as the Orissa Patriot did in his issue of the 7th? It seems as if the modesty of virgin daughters were not safe against the abusive attacks of ruffians in gentlemen's guise. Is there then no remedy against such serious distemper of puny editors? Were it in our power, we would perhaps assign to him the Lunatic Asylum. The remedy which the Public can effectually apply is to discontinue receiving the paper, until at its own expense it proved itself worthy of approaching gentlemen's presence. It is we think

Split by PDF Splitter

Digitized by srujanika@gmail.com

hame and a reproach to the community
t can tolerate such tamperings with its
ience.

Your correspondent "*Momus*" and the
itor O. P. seem to be equally interesting
aracters to compare. One calls the
arrige between a Bengalee youth and
Oryah (or Mahratta) girl a "hybrid"
rriage, as if the two belonged to two
tinct species; the other discovers an
union" between the Junior & Senior
tasik brothers, which he would following
worthy editor's nomenclature, "hybrid"
; the one in his impatience to be a
ged for some private grudge, throws
credit on a respectable gentleman's
igin, the other in his fury brings forward
unter-allegations respecting his adversary's
igin; and both agree in having done so
no good purpose—the Editor having done
e public no good by his gratuitous agres-
on, and "*Momus*," though he has come
rward evidently to contradict his adver-
ry's allegations has signally failed to do
, for counter-allegations, though a tit for
t, have no effect in contradicting or clear-
ng the alleged doubt.

We would fain be silent, as we all along
re, in this matter, and Madhu Babu
would be quite at ease whether or not
o notice the barkings of the Patriot, were
t not for the appearance of the foolish
champion in the field, for it raises the
question—had Madhu Babu any defensive
weapons, would he not have lent the
champion the use thereof. As matters
stand, unless Madhu Babu vindicates his
origin they will leave an unfavourable im-
pression on the public mind. The course
for Madhu Babu is easy enough—he shall
simply have to cause the offending Editor
to be dragged to the Criminal, and there
leave him to prove not only that his allega-
tions are true, but that they were also made
for the public good, or to pay the penalty
of his folly or to taste the pleasures of the
cell. Besides many curious secrets may
thereby be out.

Cuttack 13—6—86. } Yours sincerely,
*Urchin.*

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୌରମୋହନ ଘୋଷ ଧର୍ମଶାଳା ଅଗ୍ରିମ | ଟ | ୩ |
| „ ମଦନମୋହନ ଦାସ ବାଲେଶ୍ୱର | „ | ଟ ୩ |
| „ ଭୁବନ ସରଦାର ଜାଗାହାଲ | „ | ଟ ୩ |
| ଡାକ୍ତର ଫ୍ରି କାର୍ଡ ସାହେବ କଟକ | „ | ଟ ୧୮ |
| ବାବୁ ଗୋପାଳଚନ୍ଦ୍ରନାରଓ୍ୱାଳ କଟକ | „ | ଟ ୩ |
| „ ଦାଶରଥି ସାମନ୍ତସିଙ୍ଗାର ଦାଲଭେର | „ | ଟ ୩ |
| ଅଧିକାରୀ ମଧୁସୂଦନ ଦାସ ସୁଗୁଅ | „ | ଟ ୩ |
| ବାବୁ ସାନନ୍ଦ ସିଂ ବପିଲ | „ | ଟ ୩ |

# ବିଜ୍ଞାପନ ।

ହ୍ୱାଇଟାବୁଙ୍କ କୃତ ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ସରଳଭୂଗୋଳ | ଟ ୦ ⁄ |
| ଓଡ଼ିଶ୍ୟାଭୂଗୋଳ | ଟ ୦ ⁄ ୧୦ |
| ଚତୁର୍ଦ୍ଦଶୀ | ଟ ୦ ୫⁄ |
| ଶିକ୍ଷାବିଧାନ | ଟ ୦ ୫ |

ଶ୍ରୀ ଗୌରୀଶଙ୍କରରାୟ
ସେକ୍ରେଟରୀ

# ଉତ୍କଳ ଇତିବୃତ୍ତ

ଦ୍ୱିତୀୟ ସଂସ୍କରଣ
ପ୍ରକାଶିତ ହୋଇଅଛି ।
ମୂଲ୍ୟ ଦୁଇ ଅଣା ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଓ ବାଲେଶ୍ୱର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ନିକଟରେ ପ୍ରାପ୍ତବ୍ୟ ।

ଏହା ଅପର ପ୍ରାଇମେରି ପରୀକ୍ଷାର ପାଠ୍ୟପୁସ୍ତକ ନିର୍ଦ୍ଦିଷ୍ଟ ହୋଇଅଛି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ କିମ୍ବା ନ କରି ଛାତ୍ରମାନେ ଉତ୍କଳ ଇତିବୃତ୍ତ କିଣି କଲେ ବିଶେଷ ଲାଭବାନ୍ ହେବେ । କାରଣ ଓଡ଼ିଶା ଇତିହାସର ମୂଲ୍ୟ ଟ ୦ । ଅଣା, ମାତ୍ର ଉତ୍କଳ ଇତିବୃତ୍ତର ମୂଲ୍ୟ ଟ ୦⁄ ଅଣା ଅଟେ । ଓଡ଼ିଶାଇତିହାସର ଯେଉଁ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି ତାହା ଇତିବୃତ୍ତ ସଙ୍ଗେ ଏପରି ଐକ୍ୟ ହୋଇ ମୁଦ୍ରିତ ହୋଇ ଅଛି ଯେ ତାହାର ପ୍ରତି ଲଇନ ଏବଂ ପ୍ରତିଶବ୍ଦ ଇତିବୃତ୍ତର ପ୍ରତିଲଇନ ଏବଂ ପ୍ରତିଶବ୍ଦ ସଙ୍ଗେ କୌଣସି ପାର୍ଥକ୍ୟ ନାହିଁ । ଛାତ୍ରମାନେ ଦୁଇ ଅଣାର ପୁସ୍ତକ କିଣି କରି ଯାହା ପଢ଼ିବେ ଚାରିଅଣାର ପୁସ୍ତକରେ ମଧ୍ୟ ଅବିକଳ ସେହିତା ପଢ଼ିବେ ।

୪ । ୬ । ୮୬ ବାଲେଶ୍ୱର } ଶ୍ରୀ ସାଧୁଚରଣ ରାୟ ।

ଅଳ୍ପ ମୂଲ୍ୟରେ ବିକ୍ରୟ ।

ତତ୍ତ୍ୱବୋଧକ ନାମକ ପୁସ୍ତକଖଣ୍ଡି ଉତ୍କଳକ୍ଷେତ୍ରରେ ବିତରଣ କରିବା ପାଇଁ ବହୁପ୍ରୟାସସହିତ ପ୍ରକାଶ କରୁଅଛି; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକକୁ ଶୀଘ୍ରେ ଲେଖାଏଁ ନେଇଁ ପଠନ କରନ୍ତୁ ଯହିଁରେ କି ଅମୂର ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମିତ୍ତ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବାଲେଶ୍ୱରର ସମ୍ବାଦବାହିକାଙ୍କ ଅଫିସରେ

ଶ୍ରୀଯୁତ ରାମଚନ୍ଦ୍ର ସାହ
ନନ୍ଦାଦେବ
ବାମଣ୍ଡା
ତା ୧୯।୪।୮୬

# ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ । ଏଷ୍ଟିମେଟ ମାଗିଲେ ମିଳଇ ।

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜି, ବି, ସାହାଙ୍କ ସାମେରଟାନିକନ୍ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଶୋଧିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରି, କୃମି, ପାଥୁରି, କନ୍ଦୁଦନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତରର ଘା, ଶୁକ୍ରସମ୍ବନ୍ଧୀୟ, ମୂତ୍ରରେ କ୍ଲେଦ, ମେଦ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଲେଷ୍ମ ।

ଡାକ୍ତର ଜି, ବି, ସାହାଙ୍କ ସାମାରଟାନ ଔଷଧ ବାହ୍ୟକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ପୋଡ଼ା ଘା, ବହୁଦିନର ଘା, ପୀଡ଼ାଦାୟକ ଘା, କୃମି, ଲୁଣ୍ଠିଆ, ଦଦ୍ରୁ, ପକ୍ଷାଘାତ, ଝୁଣ୍ଟ, ଅର୍ଦ୍ଧଗଣ୍ଡିପୀଡ଼ା, କାଉ, ଗରମି ଘା, ଓ ନାନାପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୬, ଟ ୩୪ ୫ ଓ ୧୦ ଙ୍କା ଅଟେ ଏତଦ୍ବ୍ୟତୀତ ପଠା-

Split by PDF Splitter

208



ଲଗାପାଇଁ ୫ ୦ । ଡାକମାଶୁଲ ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅଲ୍ତଃପାତି } ଏ, ଛ, ମୁଖର୍ଯ୍ୟା
ବଗ୍ନନଗର }

## NOTICE.

Keys to Royal Readers No. II and III ( New Series ) containing notes will soon be ready.

To be had at the Printing Company Cuttack.

Gowri Sunker Roy
*Secretary.*

## ମେହରୋଗ ।

ଏ ୨୪ ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍କି ରୋଗ ନିବାରଣ କରିବାର ଦୃଢ଼ତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ଅନୁଗ୍ରହରେ ପରୀକ୍ଷିତ ନ ହେଲେ ଆଉ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ୯୩ ନମ୍ବର ଭବନରେ ଏ, ଦେ, ସରକାର କମ୍ପାନୀଙ୍କଠାରେ ଏବଂ କଟକ ଉତ୍କଳପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୫ ୨ ଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍

## ବାଲିକାଗଜ ।

ଉପରଲିଖିତ ବସ୍ତୁ ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସାନିକଟେ ବାବୁ ଅଭିରାମ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | | |
|---|---|---|---|---|
| ୧୬ ରଡି | ବାଲ | ୨ ୧୦ ୫ ୨୩ | ୧ ୧୦ | ୫ ୦ ୧୨ |
| ୧୮ ରଡି | ,, | ,, ୫ ୨୫ | ,, | ୫ ୦ ୧୪ |
| ୨୨ ରଡି | ,, | ,, ୫ ୨୮ | ,, | ୫ ୦ ୧୫ |
| ୨୨ ରଡି | ଉଟଲପୁରିଉଣ୍ଡୋ ,, | ୫ ୩୨ | ,, | ୫ ୦ ୧୭ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୧ ୧ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରିବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ କନ୍‌ଫେକ୍ସନେରୀ ପ୍ରଭୃତି ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଆଉ କେତେକ ଫେସନ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଜେର ଖାଡ଼ୁ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ୁମାନ ବିକ୍ରୟ ହେବା ପୂର୍ବ ଆପଣା ମହଲରେ ସକାଶେ ବଡ଼ା ଲୋକମାନେ ନେବେ ଏକ ବର୍ଷକୁ ଫି ବଡ଼ା ୫ ୦।୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖତି ଖଯ୍ୟାନତିର ଭାର ତାଙ୍କ ଉପରେ ଥିବ । ଖତି ହେଲେ ଖାଡ଼ୁର ପରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ।

- ବଜର ସେମିଣା ବ ଉହୁଁଲେ ଗ୍ୟବ ଦେଖେ ଗ୍ୟଲେ।
- ଚେଞ୍ଜରିଷ୍ଟାକ
- ବକ୍ସେଣ୍ଟନ୍ ଫେଲ ଜଟକା ସେନ ସାବା ଓ ଲୋମ ସହିତ ।
- ଜୁଟ୍‌ଂ ଅର୍ଥାତ୍ ଜକସା ବଟବା ବାଇକ ପେନ୍‌ସିଲ ଓ କଲମ ।
- ପେନ୍‌ସିଲ ବାଇବା ଯନ୍ତ୍ର ।
- ନାନା ପ୍ରକାରର ଚଠି କାଗଜ ଓ ଲଫାପା ଚିଠି ଲୁଥ
- ଟିକର ଛାପ ।
- କଲମ ଗାରୁଡ଼ ।
- ତାକାଇ ସାବାନ ସର୍ବ ରେ ଦୁଗ୍ଧ ପରସ୍ପର ଦ୍ରବ୍ୟ ।
- ଅଟୋଲ ସ୍କେଚ—ଅର୍ଥାତ୍ ମୁରଲୀ ଦ୍ରବ୍ୟ ।
- ଅନେକ ଲୁଥ ।
- ମହାକଲ ଶୁଦ୍ଧ ହେଉ ।
- ବର୍ଣ୍ଣ ଅଙ୍କ ।
- ଫ୍ଲୋରେନ୍ସଭାପଟ୍ ।
- କାବ ଗିଲାସ ଓ ବଡ ଚନ୍ଦନ ଓ ଛାତା
- ଘଡ଼ୀ
- ଉନ୍ନତ ଦୁରିବୀକ୍ଷଣ ଏକଫଣ ଦୁଗ୍ଧ
- କେଲସନ ଟଗୋଲ ଏମ ଟିକସର ଅଣେ
- ୧, ବୋଷଲ ସମ୍ପେକ କାମୀଜ ଓ କୁର୍ତ୍ତା ।
- ବସନ୍ତ ଅବରୋଧ ଏକକ ଆରନ୍ତ ।
- ଅଟମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲରେ ଲେଡ ଭରିଲେ ସେସ ହେବ ଉଠାଇ ଦେଲେ ପେନ୍‌ସିଲ ଲେଖା ହ ହେବ ତେବେ ଉଠାଇ ଦେଲେ ବନ୍ଦ ହ ହେବ ।
- ସୋର୍ଣ୍ଣଲୁଚନ ଓ ପିତ୍ତଳର କେଣ୍ଡଲ ମେନ ଓ ଡଲକ ସ୍ଥରେ ଦୁରେ
- ଚୁମ୍ବକ ବାକ ଅର୍ଥାତ୍ ଲେଖିବା ବେଳେ ଖଣ୍ଡ ଓ ଶୁଖିଲେ ବନ୍ଦ ହେବ ।
- ଅଇନା ବଡ଼ା
  - ୧୨ × ୧୦ ଇଞ୍ଚ
  - ୧୪ × ୧୨ ଇଞ୍ଚ
  - ୧୬ × ୧୪ ,,
- ମୋଜା ଓ ମୋଜାବନ୍ଧ ଇଲମ ଏଥି ଜନସନଙ୍କ ଚଉରୀ ଗାହିଚ ବଡ଼ା ଓ ସ୍ୱଚ୍ଛା
- ଚକି ଓ ଘାଇକଭଡ଼ୋର ଶେଷା
- ଚଷମିଆ ଚେଲରେ ବକ ଜାତବାର ଖାଦ ମନପାମା
- ରେଡ଼ି ବ୍ଲୁ, ପେନ୍‌ସିଲ
- କଳାରଙ୍ଗି ଖାଲି ଓ ଗେ ଓ ଜର
- ମରକୁଡାଗାସ ଓ ପାଇ ପାଇପୋଖ ଖାଲି ।
- ଟିବିଂ ଖାତ

## ପିଚକାରି ।

ଏ କାଳକୁ କେହରି ପାଣରେ ଭଡ଼ି ନର୍ଦ୍ଦ ଦେ ନଲ୍‌ଜାଇ ଢୋଠାଷ୍ଟର ଫାଇଲ ଦେଲେ ପାଣିଗଲା ବଢ ହେବ ଶରଣ ଖଳିଅଲେ ଲେପିଦେଲେ ମଜବୁତ ଓ ଭଲ ଧରିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର କାଳ ମଧ୍ୟ ଅଛି ।

ଅଭିରାମ ଦାସ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦୵ |
| ଅର୍ଦ୍ଧସ୍ତମ୍ଭକୁ | ୫ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ୫ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଶ
ସ ୨୬ ଅଂ

ତା ୩୦ ରିଖ ମାହେ ଜୁନ ସନ ୧୮୮୮ ମହିହା । ମା ଆଷାଢ଼ ବ ୧୯ ଚ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାଦେୟ ଟ ୬୧

ଯେଉଁମାନଙ୍କ କାନକୁ ଆଦୌ ଶବ୍ଦ ନାହିଁ ଅଥବା ଯାହାଙ୍କ କାନଭିତରେ ଭଣଭଣ ହୁଅଇ ସେମାନେ କି ଉପାୟରେ ଭଲ ହେବେ ତାହା ବିଶେଷରୂପେ ବର୍ଣ୍ଣନା କରି କଲିକତାର ଡାକ୍ତର ନିକଲସନ୍ ସାହେବ ଗୋଟିଏ ପୁସ୍ତକ ଲେଖିଅଛନ୍ତି ଯେ ତାହା ପାଠକରି ରୋଗିମାନେ ଆପଣା ଘରେ ବସି ଆରୋଗ୍ୟ ହୋଇପାରିବେ । ପୁସ୍ତକର ମୂଲ୍ୟ ଓ ତାହା ପାଇବାର ଠିକଣା ବିଜ୍ଞାପନସ୍ତମ୍ଭରେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ।

---

ସମ୍ବାଦବାହିକାରେ ପାଠକଲୁଁ କି ବାଲେଶ୍ୱରକୁ ଜଣେ ମୌଲବୀ ଆସିଅଛନ୍ତି । ତାହାଙ୍କ ଘର ଗାଜିପୁରଠାରେ ଓ ସେ ଧର୍ମପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବାର ଜଣାଯାଏ । ସ୍ୱଧର୍ମାବଲମ୍ବିମାନଙ୍କୁ ଉପଦେଶ ଦେବା ଉପରାନ୍ତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ତର୍କବିତର୍କ ଏବଂ ପ୍ରାୟ ପ୍ରତ୍ୟହ ଆଦାଲତ ସମ୍ମୁଖରେ ଧର୍ମସମ୍ବନ୍ଧୀୟ ବକ୍ତୃତା କରୁଅଛନ୍ତି । ଏହାଙ୍କର ଭଲ କଲ୍ୟାଣଶକ୍ତି ଥିବାର ଜଣା ଯାଉଅଛି । ବାଲେଶ୍ୱରର କେତେଜଣ ବ୍ରାହ୍ମ ଏକଦିନ ମୌଲବୀ ସାହେବଙ୍କ ବସାକୁ ଯାଇ ଧର୍ମବିଷୟରେ କଥୋପକଥନ କରିଥିଲେ ।

---

ଜଳଙ୍ଗା ଟଙ୍କଶାଳ ଉଠାଇଦେବା ବିଷୟରେ ଯେଉଁ ପ୍ରସ୍ତାବ ହୋଇଥିଲା ଏବଂ ଯହିଁରେ ବଣିକ୍‌ସଭା ସମ୍ମତି ସୂଚକ ମତ ଦେଇଥିଲେ ତାହା ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଗୃହୀତ ହେଲା ନାହିଁ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଆପଣା ମନ୍ତ୍ରିବର୍ଗଙ୍କ ସଙ୍ଗରେ ବିଚାର କରି ଅଛନ୍ତି ତ ଗୋଟିଏ ଟଙ୍କଶାଳରେ ସମସ୍ତ କାର୍ଯ୍ୟ ନିର୍ବାହ ହେବା ସୁବିଧାଜନକ ନୁହଇ ବିଶେଷତଃ ବମ୍ବେଇର ଟଙ୍କଶାଳ ସମୁଦ୍ରର ଅତିପାଖରେ ଥିବାରୁ ସେଠାରେ ଶତ୍ରୁର ଆକ୍ରମଣର ଭୟ ଅଛି ଏବଂ ଇଉରୋପରେ ଯୁଦ୍ଧ ହେଲେ ଗୋଟିଏ ଟଙ୍କଶାଳରେ କାର୍ଯ୍ୟ ଚଳିବ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଏହି ନିଷ୍ପତ୍ତିରେ ଆମ୍ଭେମାନେ ଆନନ୍ଦିତ ହେଲୁଁ ।

---

ସନ ୧୮୮୬ ସାଲ ବାବଦ ମଧ୍ୟପ୍ରଦେଶର ଚିକିତ୍ସାଳୟ ସମ୍ବନ୍ଧୀୟ ବାର୍ଷିକ ବିବରଣୀରୁ ପ୍ରକାଶ ଯେ ଉକ୍ତ ପ୍ରଦେଶରେ ସର୍ବସୁଦ୍ଧା ୧୦୬ ଚିକିତ୍ସାଳୟ ଅଛି ତହିଁ ପୂର୍ବବର୍ଷ ୧୦୨ ଥିଲା । ଏ ସମସ୍ତ ଚିକିତ୍ସାଳୟର ମୋଟ ବ୍ୟୟ ଟ ୧୨୭୮୧୩ ଙ୍କା ଓ ତହିଁ ପୂର୍ବବର୍ଷ ଟ ୧୧୫,୭୭୬ ଙ୍କା ହୋଇଥିଲା ଏବଂ ତହିଁମଧ୍ୟରୁ ଟ ୪୫୮୬୯ ଙ୍କା ଓ ତହିଁ ପୂର୍ବବର୍ଷ ଟ ୪୩୬୭୮ ଙ୍କା ସରକାର ଦେଇଥିଲେ । ଅବଶିଷ୍ଟ ଟଙ୍କା ମିଉନିସିପଲ ପ୍ରଭୃତି ସ୍ଥାନୀୟ ଫଣ୍ଡ ଏବଂ ସ୍ଥାନୀୟ ଭଦ୍ରଲୋକଙ୍କ ଦେବାଦ୍ୱାରା ଜଗାଇଥିଲା ହୋଇଥିଲା । ଅତଏବ ଦେଖାଯାଏ ଯେ ଚିକିତ୍ସାଳୟ ନିମିତ୍ତ ସରକାର ଯେତେ ବ୍ୟୟ କରୁଅଛନ୍ତି ଲୋକମାନେ ତହିଁର ଦ୍ୱିଗୁଣ ଦେଉଅଛନ୍ତି ତଥାପି ପ୍ରଧାନ କମିଶ୍ନର ତୁଷ୍ଟ ନ ହୋଇ ଲେଖିଅଛନ୍ତି କି ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକମାନେ ଆଶାନୁରୂପ ହେବା ଦେଉ ନାହାନ୍ତି । ଏଥିଅନ୍ତୁ ବଳିଲେ କେତେ ଅଧିକ ପଡ଼ିବ କି ?

---

ଓଡ଼ିଶାପେଟ୍ରିଅଟ୍‌ଙ୍କ ବିବେଚନାରେ ଏ ନଗରର ମିଉନିସିପଲ କମିଶନରମାନେ ଯେବେ ଜଣେ ଇଉରୋପୀୟଙ୍କୁ ଆପଣାର ଚେଅରମେନ ଓ ଦେଶୀୟ ଜଣଙ୍କୁ ଭାଇସ୍ ଚେଅରମେନ୍ ମନୋନୀତ କରନ୍ତେ ତେବେ ବଡ଼ ଭଲ ହେବ । ତାହାଙ୍କ ମତରେ ଇଉରୋପୀୟ ଚେଅରମେନ୍ ହେଲେ ଉକ୍ତ ପଦର ମର୍ଯ୍ୟାଦା ବଢ଼ିବ ଏବଂ ସର୍ବସାଧାରଣଙ୍କର ବିଶ୍ୱାସପାତ୍ର ହେବ । ଏ ଯୁକ୍ତି ଆମ୍ଭମାନଙ୍କ ମନକୁ ଦିଶିଲା ନାହିଁ ଏବଂ ଏଥିରେ ଜାତିଭେଦର କଥା ଥିବାରୁ ଅନର୍ଥକର ଅଟଇ । ଆଉ ନଗରବାସୀ ଦଶପନ୍ଦର ଜଣ ଇଉରୋପୀୟ ଆପଣା ଅଭିଯୋଗମାନ ନିଷ୍ଠାର କେବାକୁ ସମ୍ପୂର୍ଣ୍ଣରୂପେ ସକ୍ଷମ ଅଟନ୍ତି । ସେମାନଙ୍କୁ ବିଶେଷ ଅଧିକାର ଲୋଡ଼ା ନାହିଁ । ପଶ୍ଚାତ୍ତରେ ଏ ନଗରର ବାସିନ୍ଦା ପ୍ରାୟ ସମସ୍ତେ ଦେଶୀୟ ଲୋକ ଓ ସେମାନଙ୍କ ଅଭାବ ଯେମନ୍ତ ଦେଶୀୟ ଲୋକ ବୁଝିବ ତେମନ୍ତ ଇଉରୋପୀୟ ବୁଝିବ ନାହିଁ ବିଶେଷତଃ ଦେଶୀୟ ଲୋକଙ୍କ ଶିକ୍ଷା ନିମିତ୍ତ ଅନୁଷ୍ଠାନ-

Digitized by srujanika@gmail.com

Split by PDF Splitter

210



ପ୍ରଣାଳୀର ସୃଷ୍ଟି ହୋଇଅଛି । ଆମ୍ଭେମାନେ ଆଶା କରୁଁ କମିଶନରମାନେ ଏହାସବୁ ଉତ୍ତମରୂପେ ବିବେଚନା କରିବେ ।

---

ଅନୁଗୋଳଠାରୁ ସମ୍ବାଦ ଆସିଅଛି ଯେ ସେଠାରେ ଶସ୍ୟ ବଡ଼ ଦୁର୍ମୂଲ୍ୟ ହୋଇଅଛି ମଧ୍ୟ ସମୟେ ମିଳୁ ନ ଥିବାରୁ ଲୋକଙ୍କୁ ବଡ଼ କଷ୍ଟ ପଡ଼ୁଅଛି । ଲୁଣ ଟଙ୍କାରେ ସେ ୨୪ ଶମା ବଡ଼ହେଲେ ସେ ୩ ଭରୁ ଅଧିକ ମିଳୁ ନାହିଁ । ତେଲ ମଧ ଟଙ୍କାକୁ ଦୁଇ ସେର କେବେ ଅଢାଇସେର ମିଳୁଅଛି । କୂଅ ପୋଖରୀମାନ ଶୁଖିଯିବାରୁ ଲୋକେ ପାଣି-ପକାଶେ ବଶେଷ କଷ୍ଟ ଅନୁଭବ କରୁଅଛନ୍ତି । ତହିଁ ଉପରେ ପୁଣି ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣ ଏବଂ ଭୟାନକ ଗ୍ରୀଷ୍ମ ହେତୁ ବସ୍ଥିବା କଠିନ ହୋଇଅଛି । ବେଳେ ବେଳେ ଯଦ୍ୟପିଓ ଆକାଶରେ ମେଘ ଦେଖାଯାଉଅଛି ମାତ୍ର ପାଣି ସଙ୍ଗେ ଦେଖା ନାହିଁ । ଗ୍ରୀଷ୍ମକର୍ମର ଭୟାନକ ଉତ୍ପାତ ହୋଇଅଛି ଏବଂ ଯେଉଁଠାରେ ଲୋକେ ଭୁଣାଭୁଣି କରୁଥିଲେ ସେସ୍ଥାନମାନଙ୍କରେ ବେଳେ ବେଳେ ଅଳ୍ପ ବୃଷ୍ଟି ଯୋଗେ ଗଙ୍ଗା ହୋଇ ଖସ୍ତ-ଯୋଗେ ସଢାମରୁଡ଼ି ହୋଇଗଲାଣି । ସୁତରାଂ ଲୋକଙ୍କର ଗ୍ଲାନିର ସୀମା ନାହିଁ । ଏଥି ହିସାବରୁ ଡେଙ୍ଗୁଜ୍ୱର ଆସି ଉପସ୍ଥିତ ହୋଇ ଲୋକମାନଙ୍କୁ ଲଣ୍ଡଭଣ୍ଡ କରୁଅଛି । ଏତେ ଉତ୍ପାତ ଏକତ୍ରରେ ମିଳିଲାଠାରେ ଲୋକେ ବଞ୍ଚିବେ କିପରି ?

---

ଏଠାରେ ଯେମନ୍ତ ଗତ କେତେଦିନରୁ ଅସହ୍ୟ ଗ୍ରୀଷ୍ମ ହୋଇଅଛି ବଙ୍ଗଳାରେ ସର୍ବତ୍ରରେ ପ୍ରାୟ ସେହିରୂପ ଅଛନ୍ତି । ଗତ ସପ୍ତାହରେ କାଲେକ୍ଟରରେ ତାପମାନ ଯନ୍ତ୍ରରେ ୧୧୪ଅଂଶ ପର୍ଯ୍ୟନ୍ତ ପାରା ଉଠିଥିଲା । ଅନ୍ୟାନ୍ୟ ସ୍ଥାନରେ ୧୦୮ ଠାରୁ ୧୧୩ ପର୍ଯ୍ୟନ୍ତ ହୋଇଅଛି । କଲିକତା ନଗରରେ ଏମନ୍ତ ପ୍ରବଳ ଗ୍ରୀଷ୍ମ ହୋଇଅଛି ଯେ ହାଇକୋର୍ଟ ତୁରନ୍ତ ହେଲା ବନ୍ଦ ହୋଇଅଛି ଅନ୍ୟାନ୍ୟ ଅଫିସମାନ କେତେ ଦୂର ସ୍ୱଚ୍ଛନ୍ଦ ବନ୍ଦ ଓ କେତେ ଅବା ସକାଳୁଆ ହୋଇଅଛି । ଏ ସମୟରେ ମିଉନିସିପାଲିଟୀର କଳରୁ ଜଳ କରିଉଠିବାରୁ ଉପଯୁକ୍ତ ଜଳ ଯୋଗାଇ ପାରୁ ନାହିଁ ଅଥଚ ଏତେବେଳେ ଅଧିକ ଜଳର ଦରକାର । ତେଣୁ ଜଳ ହେତୁ ଲୋକେ ଛଟପଟ ହେଉ-ଅଛନ୍ତି ଏବଂ ଦେଶୀୟ ଓ ଇଉରୋପୀୟ ଉଭୟଙ୍କ ମଧ୍ୟରେ ଗ୍ରୀଷ୍ମଜନିତ ମୂର୍ଚ୍ଛାରୋଗର ବୃଦ୍ଧି ହୋଇଅଛି କେହି କେହି ମରିପଡ଼ୁଅଛନ୍ତି । ତରଫ ସେଇଠୁ ଏକଅଣା ଲେଖାଏଁ ବିକ୍ରୟ ହେଉଥିଲା । ବର୍ତ୍ତମାନ ଅଠଅଣା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଏ ନଗରର ଅବସ୍ଥା କଲିକତାଠାରୁ ଉଣା ନୁହେ । କେବଳ ରାତ୍ରରେ ବେଳେ ବେଳେ ପବନ ହେଉଥିବାରୁ ଜନମାନର କଷ୍ଟ କିଛି ପରିମାଣରେ ଊଣା ହେଉଅଛି । ଆଷାଢ଼ ମାସର ଅର୍ଦ୍ଧେ ଗତ ହୋଇଗଲା ଆଉ କେତେଦିନ ଏପରି ଅବସ୍ଥା ରହିବ କହିନା ହେଉ ନାହିଁ । ଏଥି ମଧ୍ୟରେ ଜ୍ୱରରୋଗର ବୃଦ୍ଧି ହେବାର ଆରମ୍ଭ ହେଲାଣି ।

---

ଭାରତବର୍ଷରୁ ଯେ ସମସ୍ତ ରୌପ୍ୟନିର୍ମିତ ଦ୍ରବ୍ୟ ବିଲାତକୁ ପ୍ରେରିତ ହୁଅଇ ତହିଁଉପରେ ବିଲାତରେ ଆମଦାନୀ ମାସୁଲ ଦିଆଯାଏ ପୁଣି ରୂପା ଭଲ କି ନା ତହିଁର ପରୀକ୍ଷା ସେଠାରେ ହୁଅଇ ! ରୂପା ଭଲ ହେଲେ ଦ୍ରବ୍ୟ ବିକ୍ରୟ ହେବ ନୋହିଲେ ସେ ଦ୍ରବ୍ୟ ସେଠାରୁ ଫେରିଆସିବ । ଏଥିରେ ଭାରତବର୍ଷର ଗୋଟିଏ ଶିଳ୍ପ ବ୍ୟବସାୟର ବହୁତ କ୍ଷତି ହେଉଥିବାରୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଏଠା ରୌପ୍ୟନିର୍ମିତ ଦ୍ରବ୍ୟର ଆମଦାନୀ ମାସୁଲ ଉଠାଇ ଦେବା କାରଣ ଇଂଲଣ୍ଡୀୟ ଗବର୍ଣ୍ଣମେଣ୍ଟଙ୍କୁ ପୁନଃ ପୁନଃ ଯେ ସମସ୍ତ ପତ୍ର ଲେଖିଥିଲେ ଓ ତହିଁର ଯେ ସମସ୍ତ ଉତ୍ତର ଆସିଥିଲା ସେ ସମସ୍ତ ଇଣ୍ଡିଆ-ଗେଜେଟରେ ପ୍ରକାଶିତ ହୋଇଅଛି । ଏ ସମସ୍ତ ପତ୍ର ପାଠକଲେ ସ୍ପଷ୍ଟ ଜଣା ଯାଉଅଛି ଯେ ଇଂଲଣ୍ଡୀୟ ଗବର୍ଣ୍ଣମେଣ୍ଟ ସ୍ୱଦେଶୀୟଙ୍କ ସ୍ୱାର୍ଥ-ନିମିତ୍ତ ଏହି ଅନ୍ୟାୟ ମାସୁଲ ଉଠାଇ ଦେଉ ନାହାନ୍ତି । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହା ଉଠାଇ ଦେବାନିମନ୍ତେ ଶେଷପତ୍ରରେ ଇଂଲଣ୍ଡକୁ ଲେଖିଥିଲେ କି "ଆମ୍ଭମାନଙ୍କର ଅନେକ ଦୁଃଖର ବିଷୟ ଏହି କି ଆମ୍ଭମାନଙ୍କ ଅନେକ ଚେଷ୍ଟା କାର୍ଯ୍ୟରେ ପରିଣତ କରିବା ତଥାପି ଇଂଲଣ୍ଡୀୟ ଟ୍ରେଜେରୀ କର୍ତ୍ତୃପକ୍ଷମାନେ କୌଣସି କଥା କହୁ ନାହାନ୍ତି । ପ୍ରଥମେ ଉତ୍ତମ-ରୂପେ ଅସୁବିଧା ପ୍ରଦର୍ଶିତ ହେଲା ଓ ସେ ଆପତ୍ତି ଖଣ୍ଡିତ ହେବାରୁ ଅନନ୍ତର ଅସୁବିଧାର କଥା କାହାରିକି କିନ୍ତୁ ସେ ଆପତ୍ତିଟି ସ୍ପଷ୍ଟ କରିଲେଖାହେଲା ନାହିଁ । ବର୍ତ୍ତମାନ କୋଷାଧ୍ୟକ୍ଷ ମହାଶୟ କୌଣସି କାରଣ ବିନା ରୌପ୍ୟଦ୍ରବ୍ୟର ମାସୁଲସମ୍ବନ୍ଧ ନିୟମ ପରିବର୍ତ୍ତ କରିବାକୁ ପ୍ରସ୍ତୁତ ନ ଥିବାର ଲେଖିଅଛନ୍ତି । ଗୋଲଡ଼ସ୍ମିଥ କମ୍ପାନୀଙ୍କ ପତ୍ରର ଭଙ୍ଗୀରୁ ଜଣାଯାଏ ଯେ କେବଳ ଉକ୍ତ କମ୍ପାନୀର ସ୍ୱାର୍ଥନିମିତ୍ତ ରୌପ୍ୟମାସୁଲ ଉଠିଯିବ ନାହିଁ ।" ଶେଷରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଦେଖାଇ ଦେଇଅଛନ୍ତି କି ଯେ ସ୍ଥଳେ ସ୍ୱାଧୀନ ବାଣିଜ୍ୟର ନିୟମ ରକ୍ଷାର୍ଥେ ଭାରତୀୟ ଗବର୍ଣ୍ଣମେଣ୍ଟ ବିଲାତଲୁଗାର ମାସୁଲ ପ୍ରାୟ ଏକକୋଟି ଟଙ୍କା ଛାଡ଼ିଦେଲେ ସେ ସ୍ଥଳେ ଇଂଲଣ୍ଡ ଯେ ଭାରତବର୍ଷୀୟ ରୌପ୍ୟଦ୍ରବ୍ୟର ମାସୁଲ କେବଳ ବାର୍ଷିକ ସତୁରି ହଜାର ଟଙ୍କା ଛାଡ଼ିଦେବାକୁ କୁଣ୍ଠିତ ହେଉଅଛନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଏଥିଉପରେ ଆମ୍ଭମାନଙ୍କର ଆଉ କିଛି ବକ୍ତବ୍ୟ ନାହିଁ । ପାଠକମାନେ ଦେଖନ୍ତୁ ଯେ ବିଲାତବାସିମାନେ କେମନ୍ତ ସ୍ୱାର୍ଥପର । ଅନ୍ୟବେଳରୁ ସ୍ୱାଧୀନ ବାଣିଜ୍ୟ ପ୍ରଭୃତି ବଡ଼ ବଡ଼ ଧର୍ମ ଓ ନ୍ୟାୟର କଥା କାହାରେ ମଧ୍ୟ ନିଜବେଳେ ପରିସାଟେ ନା ବାସ । ସ୍ୱାଧୀନ ବାଣିଜ୍ୟର ସ୍ୱଣ ଦେଇ ବିଲାତିଲୁଗାର ମାସୁଲ ଉଠାଇ ଦେଲେ କାରଣ ତହିଁରେ ବିଲାତବ୍ୟବସାୟିଙ୍କର ଲାଭ ଏଥିରେ ଭାରତବର୍ଷର ବାର୍ଷିକ ଏକକୋଟି ଟଙ୍କା ଗଲା ହେଲା । କିନ୍ତୁ ରୌପ୍ୟମାସୁଲ ସମୟରେ ସେ ନ୍ୟାୟ ଖଟିବ ନାହିଁ କାରଣ ତହିଁରେ ଭାରତବର୍ଷର ଲାଭ ଓ ବିଲାତର କ୍ଷତି ହେବ । ଏ ଅବସ୍ଥାରେ ଭାରତବାସିମାନେ କାହାଠାରେ ଗୁହାରି କରିବେ କପାଳ ମନ୍ଦ ।

---

ପାଠ୍ୟପୁସ୍ତକ ଯୋଗାଇବାର ନିୟମ ।

ଓଡ଼ିଶା ପୁସ୍ତକ ବିକ୍ରୟର ଅତି ଦୁର୍ଗତିସ୍ଥାନ । ବିଦ୍ୟାଳୟର ଅତି ନିମ୍ନଶ୍ରେଣୀର ପାଠ୍ୟପୁସ୍ତକ ଛଡ଼ା ଅନ୍ୟ କୌଣସି ପୁସ୍ତକ ଏକହଜାର ଖଣ୍ଡ ବିକ୍ରୟ ହେବାକୁ ଦୁଇ ତିନିବର୍ଷ ଲାଗଇ ଅଥଚ ଏକ ସଂସ୍କରଣରେ ଏକହଜାର ଛପା ନ କଲେ ମୂଲ୍ୟ ସୁଲଭ ହୁଅଇ ନାହିଁ । ବିଦ୍ୟାଳୟର କୌଣସି ଏକଶ୍ରେଣୀ ନିମନ୍ତେ ଦୁଇ ତିନି ବା ଅଧିକଖଣ୍ଡ ପୁସ୍ତକ ନିର୍ଦ୍ଦିଷ୍ଟ ହେଲେ ଏକ ଏକ ପୁସ୍ତକର ବିକ୍ରୟ ଅତିଶୟ ଊଣା ହୁଅଇ ଏବଂ କୌଣସି ପୁସ୍ତକ ଆଦୌ ବିକ୍ରୟ ହୁଅଇ ନାହିଁ । ଏଥିରେ ଗ୍ରନ୍ଥକାର ବା ପ୍ରକାଶକଙ୍କର ଲାଭ ଅତି ସାମାନ୍ୟ ହୁଅଇ ବା କାହାର ଆଦୌ ହୁଅଇ ନାହିଁ । ଏହି କାରଣରୁ ଆମ୍ଭେମାନେ ପାଠ୍ୟପୁସ୍ତକନିର୍ବାଚକ କମିଟୀଙ୍କଠାରେ କୌ-

Digitized by srujanika@gmail.com

Split by PDF Splitter



ଣସି ଏକଶ୍ରେଣୀ ନିମନ୍ତେ ଅନେକଖଣ୍ଡ ପୁସ୍ତକ ଧାର୍ଯ୍ୟ ନ କରିବାର ପ୍ରସ୍ତାବ କରିଥିଲୁଁ । ଏକଶ୍ରେଣୀ ନିମନ୍ତେ ଖଣ୍ଡିଏ ଗ୍ରନ୍ଥ ନିର୍ବାଚିତ ହେଲେ ଯେ ଏକପ୍ରକାର ଏକଚାଟିଆ ବ୍ୟବସାୟ ହେବ ଏବଂ ତଦ୍ୱାରା ଉକ୍ତ ପୁସ୍ତକ ପ୍ରାପ୍ତି ବିଷୟରେ ଅସୁବିଧା ହେବ ଏକଥା ଅମ୍ଭେମାନେ କଳ୍ପନା କରିପାରି ନ ଥିଲୁଁ ଓ ବାସ୍ତବରେ ସକଳ ପୁସ୍ତକ ସମ୍ପର୍କରେ ଏପରି ଘଟି ନାହିଁ । ପ୍ରବନ୍ଧମାଳା, ବସ୍ତୁପାଠ, କବିତାବଳୀର ୨ୟ ଭାଗ, ବକ୍ଷାଳସୂତ୍ର, ସରଳଶରୀରରକ୍ଷା, ଭୂଗୋଳପାଠ, କବିତାକୁସୁମ ଓ ସରଳଜଡ଼ବିଜ୍ଞାନ ଏସବୁ ପୁସ୍ତକ ଏକ ୧ ବିଦ୍ୟାଳୟର ଏକ ୨ ଶ୍ରେଣୀ ନିମନ୍ତେ ନିର୍ଦ୍ଦିଷ୍ଟ ହୋଇଅଛି ଏଥିମଧ୍ୟରୁ କୌଣସି ଏକ ପୁସ୍ତକ ବଦଳରେ ଅନ୍ୟ କିଛି ପୁସ୍ତକ ଧାର୍ଯ୍ୟ ହୋଇ ନାହିଁ । କିନ୍ତୁ ଉପରଲିଖିତ ଦୁଇପୁସ୍ତକ ଛଡ଼ା ଅନ୍ୟ କୌଣସି ପୁସ୍ତକ ପ୍ରାପ୍ତି ବିଷୟରେ କିଛି ମାତ୍ର ଅସୁବିଧା ନାହିଁ । କାରଣ ଗ୍ରନ୍ଥକାର ବା ପ୍ରକାଶକମାନେ ନାନା ସ୍ଥାନରେ ପୁସ୍ତକ ରଖାଇ ଏବଂ ଉପଯୁକ୍ତ କମିଶନ ପ୍ରଦାନପୂର୍ବକ ନାନା ଲୋକଙ୍କଦ୍ୱାରା ବିକ୍ରୟ କରାଉଅଛନ୍ତି ଓ ଛାତ୍ରମାନେ ଯାହାର ଯେଉଁଠାରେ ଇଚ୍ଛା ସେଠାରେ କିଣି ନେଉଅଛନ୍ତି । କିନ୍ତୁ କବିତାକୁସୁମ ଓ ସରଳଜଡ଼ବିଜ୍ଞାନର ପ୍ରକାଶକ ଭିକ୍ଟୋରିଆପ୍ରେସ ଉକ୍ତ ଦୁଇପୁସ୍ତକସମ୍ବନ୍ଧରେ ନିୟମ କରିଅଛନ୍ତି କି ଗ୍ରାହକ ଓ ପୁସ୍ତକବିକ୍ରେତାକୁ ଏକାଦରରେ ବିକ୍ରୟ କରିବେ ଓ କେହି ଜଣେ ଅଧିକ ଟଙ୍କାର ପୁସ୍ତକ ନେଲେ ସୁଦ୍ଧା ତାକୁ କମିଶନ ଦେବେ ନାହିଁ । ଏଥିର ଫଳ ଏହି ହୋଇଅଛି ଯେ ଛାତ୍ରମାନେ ଉକ୍ତ ପ୍ରେସର ଦୋକାନକୁ ଯିବାକୁ ହେବ ଓ ଯାହାର ଯେଉଁଠାରେ ଇଚ୍ଛା ସେଠାରେ ସେ କ୍ରୟ କରିପାରିବ ନାହିଁ କାରଣ ବିନା ଲାଭରେ ପୁସ୍ତକ ବିକ୍ରେତା କାହିଁକି ତାହା କ୍ରୟ କରି ଆଣି ଆପଣା ଦୋକାନରେ ରଖିବ । ଅମ୍ଭେମାନେ ଅନୁଭବଦ୍ୱାରା ବୁଝିଅଛୁଁ ଯେ ଏଥିରେ ସଦର ମୋଫସଲର ଅନେକ ଛାତ୍ରଙ୍କର ଭାରି କଷ୍ଟ ହୋଇଅଛି ଏବଂ କଟକ ପ୍ରିଣ୍ଟିଂକମ୍ପାନୀ ଯଥାସାଧ୍ୟ ଆପଣା ଗ୍ରାହକମଣ୍ଡଳୀର ଅସୁବିଧା ଲାଘବ ଉଦ୍ଦେଶ୍ୟରେ ବିନା ଲାଭରେ ଅନେକ ଟଙ୍କାର ପୁସ୍ତକ କ୍ରୟ କରି ଆଣି ସେମାନଙ୍କୁ ଯୋଗାଉଅଛନ୍ତି । ତଥାପି ଏହା ସମସ୍ତଙ୍କ ପକ୍ଷରେ ସୁବିଧାଜନକ ନୁହଇ ଏବଂ ଏପରି ଅନୁଗ୍ରହରେ ସର୍ବଦା କାର୍ଯ୍ୟ ଚଳି ନ ପାରେ । ଉକ୍ତ ପୁସ୍ତକଦ୍ୱୟର ପ୍ରତିଦ୍ୱନ୍ଦ୍ୱୀପୁସ୍ତକ କିଛି ନ ଥିବାରୁ ପୁସ୍ତକବିକ୍ରୟସମ୍ବନ୍ଧରେ ଉକ୍ତପ୍ରେସ ଏହି ନୂତନନିୟମ ଜାରି କରିବାକୁ ସାହସୀ ହୋଇଅଛନ୍ତି ନଚେତ୍ ଏପରି ହୁଅନ୍ତା ନାହିଁ । ମୋଫସଲର ପୁସ୍ତକବିକ୍ରେତାଙ୍କର ଶକ୍ତି ନାହିଁ ଯେ ସେମାନେ ଅଗ୍ରିମ ନଗଦ କିଣି ପୁସ୍ତକ ବିକ୍ରୟ କରିବେ ଓ ସେମାନଙ୍କୁ ସୁଦ୍ଧା କମିଶନ ଦେବାର ନିୟମ ହୋଇଅଛି ବୋଲି ଜଣାଯାଇ ନାହିଁ । ପୁସ୍ତକନିର୍ବାଚନକମିଟୀ ଏହି ଦୁଇପୁସ୍ତକକୁ ନିର୍ବାଚନ କରିଅଛନ୍ତି ବୋଲି ଅମ୍ଭେମାନେ ସେମାନଙ୍କର ଦୋଷ ଦେଇ ନ ପାରୁଁ କାରଣ ସେମାନଙ୍କ ବିବେଚନାରେ ଯେଉଁ ପୁସ୍ତକ ଭଲ ହେବ କେବଳ ତହିଁର କେହି ପ୍ରତିଦ୍ୱନ୍ଦ୍ୱୀ ନାହିଁ ବୋଲି ତାହାକୁ ପରିତ୍ୟାଗ କରିବା ଉଚିତ ନୁହଇ । ଉପଯୁକ୍ତ ପୁସ୍ତକକୁ ସେମାନେ ଅବଶ୍ୟ ଗ୍ରାହ୍ୟ କରିବେ । କିନ୍ତୁ ଉପର ଲିଖିତ ଅସୁବିଧା ଦୃଷ୍ଟିରେ ଅମ୍ଭେମାନେ ବିବେଚନା କରୁଁ କି ଯେଉଁ ପୁସ୍ତକ ସେମାନେ ନିର୍ବାଚନ କରିବେ ତାହା ସର୍ବସାଧାରଣଙ୍କ ପ୍ରାପ୍ତି ବିଷୟରେ ଯଥେଷ୍ଟ ସୁବିଧା କରି ଦେବାକୁ ଗ୍ରନ୍ଥକାର ପ୍ରସ୍ତୁତ ଅଛନ୍ତି କି ନା ଏକଥା ସେମାନଙ୍କର ଦେଖିବାର କର୍ତ୍ତବ୍ୟ ହେଉଅଛି । କାରଣ ସେମାନଙ୍କ ଆଦେଶକ୍ରମେ ଛାତ୍ରମାନେ ଉକ୍ତ ପୁସ୍ତକ ପଢ଼ିବାକୁ ବାଧ୍ୟ ସୁତରାଂ ତାହା ସହଜରେ ଯୋଗାଇବାର ବ୍ୟବସ୍ଥା କରିବାର ଭାର ସେମାନଙ୍କ ଉପରେ ରହିଅଛି । ଅମ୍ଭେମାନେ ପୁସ୍ତକନିର୍ବାଚନକମିଟୀଙ୍କଠାରେ ଏଥିର ପ୍ରତିକାରର ପ୍ରାର୍ଥନା କରୁଁ ।

---

## ପୁରୀ ରେଲବାଟ ।

ପୁରୀସଭାର ସଭାପତି ବାବୁ ହରମୋହନ ରାୟ ଚୂଡ଼ାମଣିଙ୍କ ସ୍ୱାକ୍ଷରିତ ଓ ଚଳିତମାସ ତା ୫ ରିଖ ଲିଖିତ ଖଣ୍ଡିଏ ଆବେଦନପତ୍ରର ପ୍ରତିଲିପି ଅମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ଏହି ଆବେଦନପତ୍ର ପୁରୀସଭା ମାନ୍ୟବର ବଙ୍ଗଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁରଙ୍କ ସମୀପକୁ ପୁରୀ, କଟକ, ବନାରସ ରେଲବାଟର ପୁରୀଠାରୁ ନଗର (କଟକ) ପର୍ଯ୍ୟନ୍ତ ଅଂଶକୁ ଶୀଘ୍ର ନିର୍ମାଣ ହେବା ପ୍ରାର୍ଥନାରେ ପଠାଇଅଛନ୍ତି । ଉକ୍ତ ଦରଖାସ୍ତରେ ଲେଖାଅଛି ଯେ ପୁରୀ କଟକ ରେଲବାଟଦ୍ୱାରା ଯେ ସମସ୍ତ ଉପକାର ସାଧିତ ହେବ ପୂର୍ବ କମିସ୍ନର ସ୍ମିଥ ସାହେବ ସ୍ନ ୧୮୮୭ ମସିହା ଅପ୍ରେଲମାସ ତା ୭ ରିଖ ଲିଖିତ ନ ୫୧୭ ନମ୍ବର ଚିଠିରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି । ଏଥିଦ୍ୱାରାରୁ ଚିଲ୍କା ହ୍ରଦ କ୍ରମଶଃ ପୋତି ପଡ଼ିବାରୁ ଦକ୍ଷିଣଜିଲ୍ଲାର କାରବାର ବନ୍ଦ ହୋଇ ଆସୁଅଛି । ଏ ସମୟରେ ରେଲବାଟ ନ ପଡ଼ିଲେ ପୁରୀବାସିମାନଙ୍କର ଗତି ଅନିଷ୍ଟ ହେବ । ଦରଖାସ୍ତରେ ଆହୁରି ଲେଖାଅଛି ଯେ ଜଗନ୍ନାଥଯାତ୍ରାରେ ଯେଉଁ ବଙ୍ଗଳା ଓ ପଶ୍ଚିମରୁ ଯେଉଁ ବହୁସଂଖ୍ୟକ ଯାତ୍ରୀ ଯିବାଆସିବା କରନ୍ତି ସେମାନେ ଫେରିଯିବା ସମୟରେ ପୁରୀଠାରୁ କଟକ ପର୍ଯ୍ୟନ୍ତ ବାଟରେ ଓଲାଉଠାର ପ୍ରାଦୁର୍ଭାବ ଅତ୍ୟନ୍ତ ହୁଅଇ । ଯେବେ ଏହି ବାଟ ଶୀଘ୍ର ବାହାରିଯିବାର ଉପାୟ ହେବ ତେବେ ରୋଗର ପ୍ରାଦୁର୍ଭାବ ଅନେକ ଊଣା ପଡ଼ିବ ଏବଂ କଟକଠାରୁ କୋଷ୍ଟକେନାଲ ହାଇଲେବଲ କେନାଲବାଟେ ଶୀଘ୍ର ବାହାରିଯିବାର ଉପାୟ ଥିବାରୁ ଯାତ୍ରିମାନେ ଓଲାଉଠାର ହାତରୁ ରକ୍ଷାପାଇ ଯିବେ । ପରଶେଷରେ ଆବେଦନକାରିମାନେ ଦେଖାଇଅଛନ୍ତି କି ଏ ବାଟ ନିର୍ମାଣ ହେଲେ ଏଥିରେ ଏତାଦୃଶ ଯାତ୍ରୀ ଓ ମାଲ ତୋଳାଇର କାରବାର ହେବ ଯେ ଏ ବାଟ ବିଶେଷ ଲାଭବାନ୍ ହେବ ଏବଂ ଏଥିପାଇଁ ସରକାରଙ୍କୁ କିଛି କଷ୍ଟ ସହିବାକୁ ହେବ ନାହିଁ ।

ଅଳ୍ପଦିନ ହେଲା ପୁରୀ କଟକ ବନାରସରେଲବାଟର ଦକ୍ଷିଣାଂଶ ଅର୍ଥାତ୍ ପୁରୀଠାରୁ ବଙ୍ଗଳା ନାଗପୁର ରେଲରେ ମିଶିବା ପର୍ଯ୍ୟନ୍ତ ବାଟ ଶୀଘ୍ର ନିର୍ମାଣ କରିବା କାରଣ ଉତ୍କଳସଭାରୁ ଏକ ଆବେଦନପତ୍ର ଯାଇଅଛି ପୁରୀସଭା ତହିଁ ପକ୍ଷେ ୨ ଉପରଲିଖିତ ଆବେଦନପତ୍ର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇ ବଡ଼ ଭଲ କରିଅଛନ୍ତି । ଉଭୟ ଆବେଦନ ପତ୍ରର ହେତୁବାଦ ପ୍ରାୟ ଏକାପ୍ରକାର ଅଟଇ ଏବଂ ସେ ସବୁ ଯେ ବଡ଼ ପ୍ରବଳ ତହିଁରେ ସନ୍ଦେହ ନାହିଁ । ଦୁର୍ଭିକ୍ଷନିବାରଣ ଉଦ୍ଦେଶ୍ୟରେ ଯେ ସମସ୍ତ ରେଲବାଟ ଶୀଘ୍ର ନିର୍ମାଣ କରିବା ଆବଶ୍ୟକ ବୋଲି ପାର୍ଲିମେଣ୍ଟସଭାରୁ ଧାର୍ଯ୍ୟ ହୋଇଅଛି । ପୁରୀ କଟକ ବନାରସ ବାଟ ତନ୍ମଧ୍ୟରେ ଥିବାରୁ ଗବର୍ଣ୍ଣମେଣ୍ଟ ଏ ବାଟର ଆବଶ୍ୟକତା ଅଙ୍ଗୀକାର କରିଅଛନ୍ତି ମାତ୍ର ଓଲାଉଠା ନିବାରଣ ସକାଶେ ଏହି ରେଲବାଟର ବିଶେଷ ପ୍ରୟୋଜନ ଗବର୍ଣ୍ଣମେଣ୍ଟ ଏକଥା ଉତ୍ତମରୂପେ ବିବେଚନା କରିଲେ

Digitized by srujanika@gmail.com

ଏହି ରେଲବାଟର ନିର୍ମାଣକାର୍ଯ୍ୟ ବନ୍ଦ କରିବା ଉଚିତ କହିବା ଅତ୍ୟନ୍ତ ଅନ୍ୟାୟ ଓ ପାପ ମନେ କରୁଥିବେ । ସେ ନ ଜାଣେ ଯେ ଏହା ଓଡ଼ିଶା ଛାଡ଼ି ବଙ୍ଗଳା ଓ ଅନ୍ୟାନ୍ୟ ପ୍ରଦେଶର ଓଲାଉଠାର କାରଣ ଯୁକ୍ତ ହେଉଅଛି । ଏହି ଠାରୁ ଯାତ୍ରିମାନେ ଫେରିବା ସମୟରେ ରୋଗାକ୍ରାନ୍ତ ହୋଇ ଆସନ୍ତି ସଙ୍ଗେ ସେହି ସ୍ଥଳରୁ ଓ ନାନାସ୍ଥାନରେ ତାହା ସଂକ୍ରମିତ ହୋଇଯାଏ । ଯାତ୍ରିମାନେ ବହୁଦୂର ବାଟରେ ପଡ଼ି ନ ରହି ଶୀଘ୍ର ଯାଇପାରିଲେ ଏ ରୋଗର ପ୍ରାଦୁର୍ଭାବ ଅନେକ ଊଣା ପଡ଼ିବ ବା ପ୍ରାୟ ଜଣାଯିବ ନାହିଁ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଅତଏବ ଏବାଟ ନିର୍ମାଣରେ ଯେତେ ବିଳମ୍ବ ହେଉଅଛି ସେତେ ମହାପ୍ରାଣୀ ନାଶ ହେଉଅଛନ୍ତି ଏବଂ ଏ ଦୋଷ ଯେ କାହାରକୁ ନ ଲାଗିବ ଏକଥା କିଏ କହିବ । କେତେ ଲୋକ ଭାବୁଥାଇନ୍ତି ଏବଂ ବାସ୍ତବରେ ପୂର୍ବେ ଏପରି ଆପତ୍ତି ହୋଇଥିଲା କି ପୁରୀ କଟକ ରେଲବାଟ ଇଷ୍ଟ ଇଣ୍ଡିଆ ଷ୍ଟେଟ୍ ଥିବା ଓ ଅନ୍ୟାନ୍ୟ ରେଲବାଟର ଅସଂଲଗ୍ନ ଓ ଦୂରରେ ଅବସ୍ଥିତ ହେବାରୁ ଏଥିର କାର୍ଯ୍ୟ ନିର୍ବାହ ବ୍ୟୟ ଅତ୍ୟନ୍ତ ଅଧିକ ପଡ଼ିବ କାରଣ ଏଥିପାଇଁ ଯେଉଁ କର୍ମଚାରୀମାନେ ନିଯୁକ୍ତ ହେବେ ସେମାନଙ୍କୁ ଯଥେଷ୍ଟ କାର୍ଯ୍ୟ ମିଳିବ ନାହିଁ । ମାତ୍ର ଏ ଆପତ୍ତି ବର୍ତ୍ତମାନ କାର୍ଯ୍ୟକର ହୋଇ ନ ପାରେ କାରଣ ପୂର୍ବେ କେବଳ ପୁରୀଠାରୁ କଟକ ପର୍ଯ୍ୟନ୍ତ ଷ୍ଟେଟ ରେଲବାଟ ହେବାର କଥା ଥିଲା ଏବେ ତାହା ନହୋଇ କେବଳ ପୁରୀଠାରୁ ଆରମ୍ଭ କରିବାର ପ୍ରାର୍ଥନା ହେଉଅଛି । ସମୁଦ୍ରବାଟେ କଲିକତା ବା କଲିକତାରୁ ରେଲବାଟ ନିର୍ମାଣର ଉପକରଣମାନ ଅଳ୍ପଖର୍ଚ୍ଚରେ ଆସିପାରିବ ଏବଂ ପୁରୀରୁ କ୍ରମଶଃ କଟକ ଓ ସେଠାରୁ ସମ୍ବଲପୁର ଦେଇ ବାଟ ନିର୍ମାଣ ହେବ କର୍ମଚାରୀମାନେ ବାଟ ନିର୍ମାଣ ଓ ରେଲ ଚଳାଇବା କାର୍ଯ୍ୟ ନିର୍ବାହ କରିବେ ସୁତରାଂ ବ୍ୟୟ ଅଧିକ ପଡ଼ିବାର କୌଣସି ଆଶଙ୍କା ନାହିଁ । ବରଂ ପ୍ରଥମରୁ ଯାତ୍ରିସଂଖ୍ୟା ଅଧିକ ହେବାରୁ ଆମଦାନୀ ଯଥେଷ୍ଟ ହେବ । ଅତଏବ ଏବାଟ ନିର୍ମାଣ ପକ୍ଷରେ ବିଶେଷ ମନୋଯୋଗ ଦେବା କାରଣ ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ପୁନଃ ଅନୁରୋଧ କରୁଅଛୁଁ ।

---

# ସାପ୍ତାହିକସଂବାଦ ।

ଗତ ସ୍ନାନପୂର୍ଣ୍ଣିମାଠାରୁ ପ୍ରାୟ ପ୍ରତିଦିନ ମେଘ ଘୋଟିବାର ଦେଖାଯାଉଅଛି ମାତ୍ର ଏ ନଗରରେ ଅଦ୍ୟାପି ବୃଷ୍ଟି ହୋଇ ନାହିଁ । ମୋଫସଲରେ କେବେ କେଉଁଠାରେ ସଦାଏ ବର୍ଷୁଅଛି ମାତ୍ର ତହିଁରେ ବହୁ ଉପକାର ହେଉ ନାହିଁ ।

ଗତ ବୁଧବାର ଏଠାରୁ ଦୂରବର୍ତ୍ତୀ ଷ୍ଟିମର ପରୀକ୍ଷାସ୍ୱରୂପ କେନ୍ଦ୍ରାପଡ଼ା ନାଳବାଟେ ଚାଳିତ ହୋଇଅଛି । ଏମାନ ନିର୍ବିଘ୍ନରେ ଫେରିଆସିଲେ ଅତଃପର ନିୟମିତରୂପେ ଏ ନାଳରେ ଜାହାଜ ଯାତାୟାତ କରିବ । ନାଳରେ ଯଥେଷ୍ଟ ଜଳ ହୋଇଥିବାର କହିବା ଯାଉଅଛି

ଏଠା ପୋଷ୍ଟମାଷ୍ଟର ବିଜ୍ଞାପନ ଦେଉଅଛନ୍ତି ଯେ ଆସନ୍ତା କାଲିଠାରୁ କଲିକତା ଓ ପୁରୀର ଡାକ ବଙ୍ଗ ଦରଭାଙ୍ଗରଠାରୁ ରବିବାରଦିନ ଅପରାହ୍ନ ଠିକ ସ ୫ ଘଣ୍ଟା ସମୟରେ ଏବଂ ସପ୍ତାହର ଅନ୍ୟବାରମାନଙ୍କରେ ଠିକ ସ ୫ ଘଣ୍ଟା ସମୟରେ ଅନ୍ୟ ଥିବେଟରଙ୍କୁ ପଠାଯିବ ।

ଗତ ଗୁରୁବାର ଶେଷ ରାତ୍ରରେ କାଳୀଜଳାଗରେ ଅଗ୍ନି ଲାଗି ଦୁଇଖଣ୍ଡ ଘର ପୋଡ଼ିଗଲା । ସେ ସମୟରେ ପବନ ଥିଲେ ଅନେକ କ୍ଷତି ହୋଇଥାନ୍ତା । ଅଗ୍ନି କେହି ଲଗାଇ ଦେଇଥିବା ଅନୁମାନ ହୁଏଇ ।

ଏବର୍ଷ ଓଲାଉଠା ରୋଗ ଅଞ୍ଚଳରେ ପଶିଅଛି । କଟକ ଚେର ମୋଫସଲରେ ରୋଗ ଉପସ୍ଥିତ ହୋଇଅଛି । ଏ ନଗରରେ ପ୍ରଥମେ ଚାନ୍ଦିନୀଚୌକ ନାଟକ ଅଭିନୟ ହେବା ଇଚ୍ଛାରେ ଉକ୍ତ ନାଟକର ଅଭିନୟ ଉପଲକ୍ଷେ ହୋଇଥିଲା ପୁଣି କୋଟିଏ ନାଟକାଭିନୟ ଅନୁଷ୍ଠାନରେ ହୋଇଅଛି ଉକ୍ତ ସ୍ଥାନରେ ପ୍ରାୟ ୫୦୦ ଦର୍ଶକ ଉପସ୍ଥିତ ହୋଇଥିଲେ । ମୋଫସଲରେ ଥିଏଟରର ଅଭିନୟ ଦେଖି ଅମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁଁ ଓ ନିର୍ଦ୍ଦୋଷ ଆମୋଦରୂପ ଥିଏଟରର ଉନ୍ନତ ଆଶା କରୁଁ ଏତନ୍ମଧ୍ୟରେ ଅନ୍ୟାନ୍ୟ ମୋଫସଲରେ ଥିଏଟର ହେବାର ଆୟୋଜନ ଚଳିବାର ମଧ୍ୟ ସମ୍ବାଦ ପ୍ରାପ୍ତ ହୋଇଅଛୁଁ ।

ଜଗତ୍‌ସିଂହପୁର ତାଳଚୁଆ ଅଞ୍ଚଳର ଦୁଇଜଣ ଲୋକ ମରି ପଡ଼ିଥିବାର ସମ୍ବାଦ ମିଳଇ ।—ଶୀଘ୍ର ବୃଷ୍ଟି ନ ହେଲେ ଏହିପରି ଅଧିକ ଅନେକ ଅନିଷ୍ଟ ଘଟିବ ।

ଯାଜପୁରର ମୁନସଫ ଅମ୍ବିକା ବାବୁ ଛୁଟି ନେଇଥିବାରୁ ତାହାଙ୍କ କର୍ମରେ କିଏ ଏକଟିଂ ପଠାଇବା ହାଇକୋର୍ଟଙ୍କ ଦରବାରରେ ଅବଧାରିତ ହୋଇ ନାହିଁ । ସୁତରାଂ ବାବୁ ତ୍ରିଲୋକନାଥ ଦତ୍ତ ଉକୀଲଙ୍କର ସେଠାକୁ ଯିବାର ପ୍ରସ୍ତାବ ଉଠିଲା ହେଲା ।

ଶୁଣାଯାଏ ଯେ ଜଗତସିଂହପୁର ତୁଳସୀପୁର ଗ୍ରାମରେ ଏକ ବିଲରେ ବୈଶାଖ ମାସଠାରୁ ଭୂମି ଫାଟିଯାଉଅଛି ଏବଂ ପ୍ରାୟ ହା ୫୦ ତ ପର୍ଯ୍ୟନ୍ତ ଫାଟିବାର ଏବେ ଦେଖାଯାଏ । ଅନ୍ତ ସେ ଅତିଗଭୀର ସ୍ଥଳର ଦେଖା ଯାଉଅଛି । ଫାଟ ଏତେ ଗଭୀର ଯେ ହା ୫୦ ତ ପୌଛି ପାରୁ ନାହିଁ । ଏପରି ଦରାର ଅଳ କେବେ ଦେଖାଯାଇ ଥିଲା କି ? ଏହା ଭୂମିକମ୍ପରେ ଏପରି ହେବା ଅସମ୍ଭବ ।

## ଉତ୍କଳ-ଗେଜେଟ ।

କଟକର ଅତିରିକ୍ତ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏ, ପି, ଷ୍ଟୁଆର୍ଟ ସାହେବ ଦୁଇମାସ ଛୁଟିରେ ଯାଇ ଫେରିଲେ ଏକ ଅବଧାନ ପର୍ଯ୍ୟନ୍ତ ଦ୍ୱିତୀୟ ଶ୍ରେଣୀରେ କାର୍ଯ୍ୟ କରୁଥିବେ ।

ବାବୁ ଧର୍ମମୋହନ ସେନ ଜମୁରର ଡିପୋଟିଓର ଚତୁର୍ଥ ଶ୍ରେଣୀରେ ବାହାଲ ହେଲେ ।

ଅତିରିକ୍ତ ସର୍ଜନ ଡବଲ୍ଲୁ ଡି ଲାଷ୍ଟ ଦାର୍ଜିଲିଂ ଡିସ୍ପେନସାରୀ ଟୀକାଦେବା ଉପକାର କେମ୍ପବେଲ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଏଡ଼ୁକେସନର ପଣ୍ଡିତମାନଙ୍କର ମିଃ ଜେ, ସି, ବୁଲୋଣ୍ଡ ଓ ମିଃ ଜେ, ଏ, ଟଳବଟ ଓଡ଼ିଶା ସରକାରଙ୍କୁ ସ୍ଥାନାନ୍ତରିତ ହୋଇଛନ୍ତି ।

ଅଠଗଡ଼ର ରାଜପୁତ୍ର ସତ୍ୟବାଦୀନଙ୍କୁ ରାଜଗୃହ ହେଉ ଦେବାକୁ ତିନିଗୋଟି ସନ୍ତାନଙ୍କ ସଙ୍ଗେ ମିଶିବାର ଏବଂ ପୁଣି ସହର ଓ ପୁରୀ ସଦର ପର୍ଯ୍ୟନ୍ତ ପ୍ରୋତ୍ସାହ ଥାଉ ହେବାର ବିଜ୍ଞାପନ ପ୍ରକାଶ ହୋଇଅଛି ।

---

କୁଷ୍ଟିଆର ସମ୍ରାଟ ନାଥାନିଅଲ ପରଦର୍ଶନର ଭବ କର୍ଣ୍ଣମାଳ ଭୋଗ କରୁଛନ୍ତି । ଏହା ଶାସ୍ତ୍ରର ତତ୍ତ୍ୱ ।

କାଶ୍ମୀରରେ ମହାମାରୀର ଭୟ ଅତ୍ୟନ୍ତ ହୋଇଅଛି ପ୍ରାୟ ପ୍ରତ୍ୟହ ୬୦ ଏଠାରୁ ୫୦ ଏ ଲୋକ ଏହାରେ ପତିତ ହେଉଛନ୍ତି । ରୋଗର କାରଣ ଅନୁସନ୍ଧାନାର୍ଥେ ସେଠାର ସ୍ୟାନିଟାରି କମିସନର ଓ ଡାକ୍ତର ସାହେବ ପ୍ରେରିତ ହୋଇଛନ୍ତି ।

ପୁସ୍ତରେ ଲପ୍ତନେଣ୍ଟ ଟେଲର ସାହେବ ଦର୍ଶନ ଦେଇଛି ।

ବନାରସର ବିଶେଷ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଅଦ୍ଭୁତ ମୋକଦ୍ଦମା ଉପସ୍ଥିତ ହୋଇଅଛି । ଜଣେ ବାଲକ କହେ ଯେ ସେ ତାହାର ଶ୍ୱଶୁରଙ୍କଠାରୁ ସ୍ତ୍ରୀ ଫେରିବା ପାଇଁ ବାରମ୍ବାର ପ୍ରାର୍ଥନା କରିଥିଲେ କିନ୍ତୁ ତାହାର ସ୍ତ୍ରୀ ମୃତ ହୋଇଥିବାର ଉତ୍ତର ପ୍ରାପ୍ତ ହେଲା । ପଶ୍ଚାତ୍ ଅନୁସନ୍ଧାନରେ ବୁଝିଲା ଯେ ତାହାର ଶ୍ୱଶୁର କନ୍ୟାକୁ ଅନ୍ୟ ଏକ ଧନୀ ଜମିଦାରପୁତ୍ରଙ୍କୁ ବିବାହ ପ୍ରଦାନ କରିଅଛି ଉକ୍ତ ଜମିଦାରର ବାର୍ଷିକ ଆୟ ଏକଲକ୍ଷ ଟଙ୍କା ହେବ । ଏବଂପ୍ରକାର ଦୁଇ ବା ତତୋଧିକ ସ୍ତ୍ରୀ ବିବାହ କରୁଥିଲେ ବା କରୁଛନ୍ତି ବର୍ତ୍ତମାନ ଧନ ମହାତ୍ମ୍ୟରେ ପିତା କନ୍ୟାକୁ ଏକସ୍ଥାନରେ ବିବାହ ପ୍ରଦାନ କରି ପୁଣି ଅନ୍ୟସ୍ଥାନରେ ବିବାହ ଦେବାକୁ କୁଣ୍ଠିତ ହେଉ ନାହାନ୍ତି । ଧନ୍ୟ କଳିକାଳ !

ବରୋଦାର ମହାରାଜା ଗୁଇକୱାର ଭାରତବର୍ଷ ପ୍ରାଚ୍ୟ ଦେଶୀୟ ଜ୍ଞାନ ବୋଧହେଲା ନାହିଁ ସୁତରାଂ ଇଉରୋପ ଭ୍ରମଣ ଆରମ୍ଭ କରିଥିଲେ । ଗତ ତା ୧୦ ରେ ସେ ମାଦ୍ରାଜ୍ ରୁ ମୁଠଇଂଲଣ୍ଡକୁ ଯାତ୍ରା କରିଛନ୍ତି । ସଙ୍ଗରେ ମହାରାଣୀ ନାହାନ୍ତି କିନ୍ତୁ ଅପରଲୋକ ୧୦ ଏ ହେବେ । ପ୍ରାୟ ଛମାସକାଳ ଇଉରୋପ ଭ୍ରମଣରେ ଅତିବାହିତ କରିବେ । ଶରୀର ଅସୁସ୍ଥ ହେତୁରୁ ଏ ଭ୍ରମଣ ହେଉ ନାହିଁ କେବଳ ଇଚ୍ଛାହେତୁରୁ । ଦେଶୀୟ ଶାସନ ଭାର ବଳବ ବର୍ତ୍ତମାନ ସମ୍ପନ୍ନ କରିବାସ କୁହନ୍ତି । ଯେବେ ଦେଶୀୟ ରାଜାମାନେ ଯୁରୋପରେ ବଦେଶ ଭ୍ରମଣ କରନ୍ତି ତେବେ ବ୍ୟୟସାଧ୍ୟ ନର ଅବସ୍ଥା ଯେ କିରୂପ ହେବ ତାହା ଲୋକମାନେ ମାତ୍ରବେ ବୁଝିପାରିବେ ।

ଜର୍ମାନିର ନୂତନ ସମ୍ରାଟଙ୍କ ପିତା ସମ୍ପୂର୍ଣ୍ଣରୂପେ ଇଂଲଣ୍ଡର ପକ୍ଷପାତୀ ଥିଲେ । ପ୍ରିନ୍ସବିସମାର୍କ ପୂର୍ବ ସମ୍ରାଟଙ୍କ ମୃତ୍ୟୁ ସମୟରେ ଯେଉଁ ସହାନୁଭୂତି ପତ୍ର ପାଇଥିଲା ତହିଁ ଉତ୍ତରରେ ସମ୍ରାଟ ଉଲ୍ଲେଖ କରିଅଛନ୍ତି ଯେ ଜର୍ମାନି ଏବଂ ବ୍ରିଟିସ ମଧ୍ୟରେ ଯେପରି ସଦ୍ଭାବ ବଜାୟ ଥାଏ ତାହା ସର୍ବଦା ସେ କାମନା କରନ୍ତି ।

ଶଶୁର୍ଲଣ୍ଡର ରେଲ୍ ସାହେବ ପ୍ରତିପନ୍ନ କରୁଥିବା ଅପରାଧରେ ଯେ ମା ୭ ସ କାରବାସର ଦଣ୍ଡାଜ୍ଞା ପାଇଥିଲେ ଅପିଲରେ ତାହା କଟାଇ ରହିଥିବାର ସମ୍ବାଦ ମିଳଇ ।

Digitized by srujanika@gmail.com

ଜର୍ମ୍ମାନର ଭୂତପୂର୍ବ ସମ୍ରାଟ ଫ୍ରେଡ୍‌ରିକ ଅନେକଦିନ-ଠାରୁ ରୋଗଗ୍ରସ୍ତ ଥାଇ ଅନେକଗୁଡ଼ିଏ ପ୍ରବୀଣ ଡାକ୍ତରଙ୍କ-ଦ୍ୱାରା ଚିକିତ୍ସିତ ହେଉଥିଲେ ମାତ୍ର ତାଙ୍କର ରୋଗ ଠିକ ଠିକ ହୋଇ ପାରି ନ ଥିଲା । ତାଙ୍କ ମୃତ୍ୟୁ-ଅନନ୍ତରେ ସ୍ଥିର ହୋଇ ପାରିଲା ଯେ, ... ଶବ ପରୀକ୍ଷା ହୋଇ ଜୋଷ୍ଠ ଡାକ୍ତରମାନେ ଦେଖି-ଲେ ଯେ ସେଠାରେ ସାଧା cancer ହୋଇଥିଲା । ସେ-ଲ ଯେ ସେଠାରେ ... ଉଚିତେ ଡୋକ୍ତର କେମ୍ପି ପରିମିତ ସ୍ଥାନ କାଟିଯାଇ ... ବଡ଼ ଦେଇଥିଲା ।—ହ ଭଗ୍ୟାନକ ରୋଗ !

... ଅନ୍ତର୍ଗତ ହୁସିଆରପୁରଠାରେ ଦୁଇଜଣ ସ୍ତ୍ରୀଲୋକ ... ଗୋଟିଏ ପୁରୁଷକୁ ହତ୍ୟା କରିଥିବା ଏବଂ ତାହାକୁ ଅଟ-କାଇବାକୁ ଯିବାରେ ଅନ୍ୟ ଦୁଇଜଣ ଲୋକ ଅଘାତପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ । କଥିତହୁଏ ହତ୍ୟାକାରିର ... ଜଣେ ସ୍ତ୍ରୀଲୋକ ହତପୁରୁଷର ସାପତ୍ନୀ ନିମିତ୍ତ ... ନେଇଯିବାରୁ ହତ୍ୟାକାରୀ ସଶଙ୍କିତ ହୋଇ ... ବାଣ୍ଡ କରିଅଛି । ବର୍ତ୍ତମାନ ସେ ଧୃତହୋଇ କଏଦଅଧୀନ ... ଅଛି । ଏକା କାମକୁ କେତେ ଅନର୍ଥ ଜାତହୁଅଇ !

ଏଡ୍‌ଅର୍ଡ ହୋଗାନନାମକ ଜଣେ ଲୋକ ଅମେରିକା-ନିଉଗାନଠାରେ ବ୍ୟୋମଯାନ ଯୋଗେ ଫୁ ୧୦୦୦୦ ଟ ଉପରକୁ ଯାଇ ସେଠାରୁ ଲମ୍ଫମାରି ତଳେ ପଡ଼ିଥିବାର ସମ୍ବାଦ ମିଳଇ । ହୋଗାନ ଲମ୍ଫଦେଲେ ବ୍ୟୋମଯାନ-ସଙ୍ଗକୁ ଗୋଟିଏ ଦଉଡ଼ିକୁ ଧରି ଲମ୍ଫଥିଲା ଏବଂ ଏମନ୍ତ କୌଶଳ ସହିତ ସେ ଦଉଡ଼ିକୁ ଧରି ଓହ୍ଲାଇଲା ଯେ ଦଶମିନିଟ-ମଧ୍ୟରେ ସେ ପୃଥିବୀ ଉପରେ ପହଞ୍ଚିଲା । ତାହାର କୌଣସି ଅନିଷ୍ଟ ହୋଇ ନାହିଁ ।—ଅଶ୍ଚର୍ଯ୍ୟ କାଣ୍ଡ ! ଏହିର କେତେକ ଦିନ ପୂର୍ବେ ବଲଡ଼ଇନ ନାମକ ଆଉ ଏକଜଣ ଲୋକ ଏହିରୂପେ ଫୁ ୫୦୦୦ ଟ ଉଚ୍ଚରୁ ଲମ୍ଫଥିଲା ।

ଶ୍ରୀ ଦେଶୀ ସମ୍ବାଦ ... ଭଙ୍ଗଣ ମହୋଦୟାଙ୍କ ପାଶ୍ଚାତ୍ୟ ... ମାଣିକ ... ମହାଶୟ ଟ ୭୦୦୦ ଙ୍କା ଦାନ କରିଅଛନ୍ତି । ଏ ଟଙ୍କା ଗବର୍ଣ୍ମେଣ୍ଟ କାଗଜରେ ... ଆଉ ... ସେ ସୁଧ ଟ ୨୮୦ ... ହେବ ତାହା ପ୍ରବେଶିକାପରୀକ୍ଷୋତ୍ତୀର୍ଣ୍ଣ ଗୋଟିଏ ... ଥିବ ... ପଢ଼ାଇ ହଉଥିବ ।—ଏତାନ ପ୍ରଶଂସ୍ତ ଅଟଇ ।

ଗତମାସ ତା ୧୮ ରିଖ ସନ୍ଧ୍ୟାସମୟରେ କଲିକତା-ଠାରେ ତୋଫାନ ହୋଇ ଯାଇଥିବାର ସମ୍ବାଦ ମିଳଇ ଏଥିରେ ପାଞ୍ଚଗଣ୍ଡି ବୋଟ ୫୦୦।୬୦୦ ମହଣ ଲୁଣ ସହିତ ବୁଡ଼ିଯାଇଅଛି । ... ପଡ଼ି ନାହିଁ କେବଳ ଜଣେ ମାଝି ବୁଡ଼ିମରିଥିବାର ସମ୍ବାଦ ମିଳଇ । ... ଗୋଟିଏ ସ୍ତ୍ରୀଲୋକକୁ ପବନ ଉଡ଼ାଇ ନେଇଥିଲା ଯେ ସେ ସ୍ତ୍ରୀ କେବଳ କେତେକ କ୍ଷଣମାତ୍ର ଅଚେତନ ଥାଇ ସୁସ୍ଥ ହେଲା । ଅନେକ ଗଛବୃକ୍ଷ ଭାଙ୍ଗି ପଡ଼ିଥିବାର କଥିତହୁଏ ।

ଗଙ୍ଗାନଦୀ ତଳେ ଗୋଟିଏ ସୁଡ଼ଙ୍ଗ ଖୋଳିବାର ପ୍ରସ୍ତାବ ହେଉଅଛି । ... ଘାଟଠାରୁ ହାବଡ଼ା ଷ୍ଟେସନ-ପର୍ଯ୍ୟନ୍ତ ଏକ ସୁଡ଼ଙ୍ଗ ହେବ ତହିଁରେ ରେଲ ଯିବ ଆସିବ । ପୋର୍ଟ କମିଶନରମାନଙ୍କର ... ଇଞ୍ଜିନିୟର ... ସାହେବ ଏ କଳ୍ପନା କରିଅଛନ୍ତି ଏବଂ ... ଜଣେ ... ଏ ... ତାହାଙ୍କ ସଙ୍ଗେ ଯୋଗ ଦେଇଅଛନ୍ତି । ରେଲ ଓ ... ର କର୍ତ୍ତୃପକ୍ଷମାନେ ମଧ୍ୟ ଅନୁକୂଳ ମତ ପ୍ରଦାନ କରିଅଛନ୍ତି । ଏ ସୁଡ଼ଙ୍ଗ ହେଲେ ଭାରତବର୍ଷରେ ଗୋଟିଏ ନୂତନ କାଣ୍ଡ ହେବ ।

ଗୋରକ୍ଷପୁରର ଜଣେ ସମ୍ବାଦପତ୍ରର ସମ୍ପାଦକ ସେଠାର ପୁଲିସସୁପରିଣ୍ଟେଣ୍ଡେଣ୍ଟଙ୍କ ଚରିତ୍ର ବିଷୟରେ କିଛି ଲେଖିଥିବାରୁ ... ପୁଲିସସୁପରିଣ୍ଟେଣ୍ଡେଣ୍ଟ ତାହାଙ୍କ ବଲକ୍ଷଣ ପ୍ରହାର

ଦେଇଅଛନ୍ତି । ପୁନଶ୍ଚ ଅପଣାନାମଧର୍ମ୍ମ ରକ୍ଷା କରିଅଛନ୍ତି ସନ୍ଦେହ ନାହିଁ । ଏଥର ସମ୍ପାଦକ ଅପଣା ଧର୍ମ କପରି ରକ୍ଷା କରିବେ ଦେଖା ଯିବ ।

ଲକ୍ଷ୍ନୌଠାରେ ଗତମାସ ତା ୧ ରଖ ଘଣ୍ଟା ୧୧ଷ-ଙ୍କା ସମୟରୁ ପ୍ରାୟ ଦୁଇଘଣ୍ଟାକାଳ ପ୍ରବଳ ତୋଫାନ ହୋଇ ଯାଇଥିବାର ସମ୍ବାଦ ମିଳଇ । ଅନେକ ଘରର ଛପରଗୁଡ଼ିକ ଏଥିରେ ଉଡ଼ି ଯାଇଅଛି ଏବଂ ଅନେକ ବୃକ୍ଷ ଭୂମିସାତ ହୋଇଥିବାର କଥିତ ହୁଏ ।

ମହୀଶୂରର ମହାରାଜାଙ୍କର ଗୋଟିଏ ପୁତ୍ରସନ୍ତାନ ଗତମାସ ତା ୫ ରଖରେ ଜାତ ହୋଇଥିବାର ସମ୍ବାଦ ମିଳଇ ।

## ପତ୍ରପ୍ରେରକଙ୍କ ପ୍ରତି ।

ସ୍ଥାନାଭାବରୁ କେତେକ ଖଣ୍ଡ ପ୍ରେରିତପତ୍ର ଅଗାମୀ ସପ୍ତାହକୁ ରହିଗଲା ।

*Momus.*—We must thankfully decline to publish any more correspondence on the subject.

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନାହୁଁ ।

ଶ୍ରୀ ଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ମହାନୁଭବେଷୁ

ଆପଣ ଅନୁଗ୍ରହପୂର୍ବକ ତଳଲିଖିତ ବିଷୟକୁ ଆପଣଙ୍କ ଦୀପିକାରେ ସ୍ଥାନ ପ୍ରଦାନପୂର୍ବକ ବାଧିତ କରିବା ହେବେ ।

କେନ୍ଦ୍ରାପଡ଼ା ମୁନସଫୀ ଏକବର୍ଷ ନିମନ୍ତେ ଅର୍ଥାତ କେନ୍ଦ୍ରାପଡ଼ା ସବଡିଭିଜନର ଯେଉଁସୀମା ଅଛି ତହିଁରେ କେତେ ମାମଲା ହେଉଅଛି ଏଥିର ପରୀକ୍ଷାସ୍ୱରୂପ ସ୍ଥାପନ ହୋଇଅଛି ଓ ବର୍ତ୍ତମାନ କେନ୍ଦ୍ରାପଡ଼ାରେମଧ୍ୟ ଅନେକ ମୋକଦ୍ଦମା ଦାଏର ହେଉଅଛି ଏଥିମଧ୍ୟରେ ଅମ୍ଭେମାନେ ଶୁଣିଲୁଁ ଯେ କେନ୍ଦ୍ରାପଡ଼ା ମୁନସଫ ସାଲେପୁର-ଷ୍ଟେସନର ମୁକରପଡ଼ା ଓ ମାହଙ୍ଗା ଓ କେଶନଗର ଓ ଧର୍ମ୍ମଶାଳ ଏଲକାର ତାଲଚଦ୍ରପୁର ଥାନାମାନ କେନ୍ଦ୍ରାପଡ଼ା ମୁନସଫୀ ସାମିଲ ହେବାର ରପୋର୍ଟ ପଠାଇ ଅଛନ୍ତି ତହିଁ ସଙ୍ଗେ ତାଲଚନ୍ଦ୍ରପୁର ନିବାସୀ କେତେକଜଣଙ୍କ ଦରଖାସ୍ତ କେନ୍ଦ୍ରାପଡ଼ା ପୋଷ୍ଟଅଫିସରୁ ଅସିଅଛି କେନ୍ଦ୍ରାପଡ଼ାରେ ଯଥେଷ୍ଟ ମୋକଦ୍ଦମା ହେଉଥିବା ପ୍ରତ୍ୟକ୍ଷେ ମୁନସଫ ଏତେ ବ୍ୟସ୍ତ ହୋଇ ରପୋର୍ଟ କରିବାର କାରଣ କିଛି ବୁଝାଯାଉ ନାହିଁ ବୋଧ ହୁଏ ବର୍ଷ ଶେଷପର୍ଯ୍ୟନ୍ତ ଏହିପରି ମୋକଦ୍ଦମା ନ ହେବାଭୟରେ ଏହିପରି ରପୋର୍ଟ କରି ଅଛନ୍ତି କିନ୍ତୁ ଉକ୍ତ ରପୋର୍ଟ ଗବର୍ଣ୍ମେଣ୍ଟଙ୍କ

ଅଭିପ୍ରାୟର ବିପରୀତ ଅଟେ କାରଣ ଗବର୍ଣ୍ମେଣ୍ଟଙ୍କ ଇଚ୍ଛା ଏହିଯେ କେନ୍ଦ୍ରାପଡ଼ା ସବଡିଭିଜନ-ସୀମା ମଧ୍ୟରେ ଏକ ମୁନସଫଙ୍କୁ ଯଥେଷ୍ଟ କର୍ମ ଅଛି କି ନା ବୁଝିବେ ଯଦି ମୁନସଫ ଅନ୍ୟ ସରହଦ ଆବଶ୍ୟକ ଥିବାର ଲେଖିଲେ ତେବେ ଯଥେଷ୍ଟ କର୍ମ ନ ଥିବାର ସ୍ପଷ୍ଟ ଜଣା ଯାଉଅଛି ସେ ଯାହା ହେଉ ସାଲେପୁର ଷ୍ଟେସନଇଲାକାର ଆଉଟପୋଷ୍ଟମାନ କୌଣସି ଅବସ୍ଥାରେ କେନ୍ଦ୍ରାପଡ଼ା ସାମିଲ ହେବାର ଯୋଗ୍ୟ ନୁହେ ତାହା ହେଲେ ସେଠା ନିବାସି ଲୋକଙ୍କ କଷ୍ଟର ସୀମା ରହିବ ନାହିଁ ଫଉଜଦାରି ଓ କଲେକ୍ଟରୀ, ଦେଓ୍ୟାନୀ ସୀମା ସମାନ ହେବାରୁ ... ଲୋକଙ୍କର ନାନାନ୍ତ ବାଞ୍ଛନୀୟ ... ଓ କଲେକ୍ଟରୀ ମୋକଦ୍ଦମା ନିମନ୍ତେ କଟକ ଓ ଯାଜପୁର ଯିବାର ହେଲା ତେବେ ଦେଓ୍ୟାନୀ ମୋକଦ୍ଦମା କେନ୍ଦ୍ରାପଡ଼ାରେ ହେବାର କି ଫଳ ହେଲା କେନ୍ଦ୍ରାପଡ଼ା ମୁନସଫୀ ରଖିବାନିମନ୍ତେ ସୀମା ବୃଦ୍ଧି ହୋଇ ନ ପାରେ ସାଧାରଣଙ୍କ ସୁବିଧା ଅନୁସାରେ ସୀମା ନିର୍ଣ୍ଣୟ ହେବାର ଆବଶ୍ୟକ ଅଟଇ ଶୁଣାଯାଏ ଯେ କେନ୍ଦ୍ରାପଡ଼ା ସବଡିଭିଜନରେ ଜ ୧ ଣ ଷବଡେପୁଟୀ ନିଯୁକ୍ତ ହେବାର ପ୍ରସ୍ତାବ ଲାଗିଅଛି କିନ୍ତୁ ବୋଧ ହୁଏ ଯେ ସେଠାରେ ସବଡିଭିଜନ ଅଫିସରଙ୍କ ଅତିରିକ୍ତ ଓ ଜ ୧ ଣ ସବଡେପୁଟୀ କଲେକ୍ଟରଙ୍କର ଯଥେଷ୍ଟ କର୍ମ ହେବ ନାହିଁ ଓ କେନ୍ଦ୍ରାପଡ଼ା-ମୁନସଫ ଅଧିକ କର୍ମ କରିବାଲାଗି ବ୍ୟସ୍ତ ଅଛନ୍ତି ଏଅବସ୍ଥାରେ କେନ୍ଦ୍ରାପଡ଼ା ମୁନସଫଙ୍କୁ ଡେପୁଟୀ କଲେକ୍ଟରୀ କ୍ଷମତା ଦିଆ ଗଲେ ଦୁଇକୁଳ ରକ୍ଷା ପାଇବ ଓ ଗବର୍ଣ୍ମେଣ୍ଟଙ୍କୁମଧ୍ୟ ଅଧିକ ଖର୍ଚ୍ଚ ପଡ଼ିବ ନାହିଁ ଓ କେନ୍ଦ୍ରାପଡ଼ା ମୁନସଫୀ ଉଠିଗଲେ ଯେଉଁମାନେ ବ୍ୟସ୍ତ ହେବେ ବୋଲି ନାନାପ୍ରକାର ଉଦ୍‌ଯୋଗ ଲଗାଇ ଅଛନ୍ତି ସେମାନେ ମଧ୍ୟ ନିଶ୍ଚିନ୍ତ ହେବେ ଓ ଅମ୍ଭେ ମାହାଙ୍ଗା ଓ କେଶନଗର ଆଉଟପୋଷ୍ଟନିବାସୀ ତାହି ଯାଇରୁ ଏଥିପାଇଁରେ ଜଳଦାକମମାନଙ୍କ ସନ୍ନିଧରେ ସବିଶେଷ ପ୍ରାର୍ଥନା କରୁଅଛୁଁ ଏବଂ ଉପରୋକ୍ତ ଥାନାନିବାସୀ ସାଧାରଣଙ୍କୁ ଏତଦ୍ୱିଷୟରେ ଯଥୋଚିତ ଅନ୍ଦୋଳନ ଓ ପ୍ରତୀକାର କରିବା ସକାଶେ ଜାଗରୂକ କରୁଅଛୁଁ ।

୨୧।୬।୮୮

କସ୍ୟଚିତ
ମାହାଙ୍ଗା ଓ କେଶନଗର ଆଉଟପୋଷ୍ଟନିବାସୀ
କେତେକଜଣ

Split by PDF Splitter



## THE HYBRID CASTES OF ORISSA.

To the Editor of the Utkal Dipika.

Sir,

I find some misunderstanding exists amongst the ignorant section of our fellow-countrymen. It is likely that in ante-historic period of India *pratiloma* marriages were allowed; but in the time of Manu they were not approved; according to his great authority, a Brahmin may marry a Kshetriya or Vaisy or Sudra girl; a Kshetriya may marry a Vaisya or Sudra girl; and a Vaisya may marry a Sudra girl. It is by this process of intermarriage or hybrid marriage that *Karans* of Orissa, *Kayasthas* of Bengal, and the *Kayets* of the N. W. Provinces have originated. The result of intermarriage in the past, as exemplified in the *Karans* and *Kayasthas* is admitted to be excellent. The hybrid *Kayasthas* of Bengal and the hybrid *Karans* of Orissa are not inferior to the pure-bred Brahmins of those countries morally or intellectually. So there is no reason why the *Karans* of Orissa and other hybrid castes should look down upon the intermarriage which recently took place in your town, unless they want to discredit their own origin.

I am, Sir,
Yours faithfully,
A Follower of Keshub Chunder Sen.

---

ଚନ୍ଦନଯାତ୍ରା ।

ଆଷାଢ଼ଶୁକ୍ଳ ସ୍ୱରେଗ ।
ଜଗେ ମଧୁଋତୁ ହୋଇଲା ଗତ ।
ମଧୁମାସ ହେଲ ତା ସଙ୍ଗେ ଅସ୍ତ ।
ପ୍ରଖର ତପାର୍କ ହେଲ ଅଗତ ।
ବଇଶାଖମାସେ ଚନ୍ଦନଯାତ ।
ଅମୋଦେ ପ୍ରମତ୍ତ ।
ପୁରଜନେ ଜଳକ୍ରୀଡ଼ାରେ ରତ । ୧ ।
ଅକ୍ଷୟତୃତୀୟା ପୁଣ୍ୟମନ୍ଦରେ ।
ଅନନ୍ଦେ ମାତିଲେ ନଗର ନରେ ।
ମଦନମୋହନ ରୂପକୁ ବଜେ ।
ଜରେ ଗୋପ୍ୟବଂଶୀ କେମନ୍ତେ ଥାଛେ ।
ଶିରରେ ମୁକୁଟ ।
ବର୍ହିଶିଖାଧ୍ୱଜ ଅତି ପ୍ରକଟ । ୨ ।
ଶ୍ରୀଅଙ୍ଗେ ଭୂଷଣ ଅତ୍ୟନ୍ତ ଶୋଭ ।
ତବା ତଳାମେଘ ହୃଦୟ ଲୋଭ ।
ମନ୍ଦିରେ ବାଜନ୍ତି ଘୋଷ୍ୟବାଦ୍ୟ ।
ଶ୍ରବଣେ ଭକତ ପଡ଼ିଲେ ଗଳ ।
ଶ୍ରୀହରି ସବତ ।
ଉଠିଣି ମେଘମା ଭଲ ସ୍ତବତ । ୩ ।
ବେଢ଼ାକୁ ଆସିଲେ ଦେବକମାନ ।
ତବେ ସୁରପୁରୁ ଜନ୍ମେ ପେରଣ ।
ଉନ୍ନତ ଭରଣ ସଙ୍ଗେ ଗଜର ।
ସମାନେ ବସିଲେ ଯୋଗ୍ୟ ବସ୍ତ୍ରାର ।
ପଞ୍ଚ ପକ୍ଷମାନ ।
ବାଜିଲା ମୃଦଙ୍ଗ ଝାଞ୍ଜ କଂସାଳ । ୪ ।
ଗୁମ୍ପ ଢେଙ୍କି ଶୃଙ୍ଗ ଢୋଲ ମହୁରୀ ।
ବାଜଇ ଭେଲଙ୍ଗୀ ଜଟ ଅନ୍ଧୋର ।
ହରଷବାଦ ଧ୍ୱନି ଉଠିଲା ସ୍ୱରେ ।
ମଧୁର ପୂରଣ ସଙ୍ଗୀତସ୍ୱରେ ।
ମଦନମୋହନ ।
ବଡ଼ଦାଣ୍ଡକୁ ହେଲେ ଅଗମନ । ୫ ।
ପୁଷ୍ପାର ପଶ୍ଚିମକୋଣେ ଅନ୍ତରେ ।
ସମସ୍ତ ସେବକେ ଉମଧ୍ୟମଣ୍ଡରେ ।
ଗେଲା ସଙ୍ଗେ ପ୍ରଭୁ ଗିଲାସ ।
ଭାଲଲ୍ଲେଜନାଥ ଭାବେ ପ୍ରକାଶ ।
ଚପନ-ଭାସରେ ।
ଦୃଷ୍ଟ ଭଣ୍ଡଭ୍ରଜା ଜଳ ସରୁରେ । ୬ ।
ଜଳକେଳ ଇଚ୍ଛା କରି ମାନସେ ।
ହମାନ ଅଗେହି ସୁନ୍ଦର ବେଶେ ।
ନିବ୍ଦଦଗ୍ୱେଜାରେ ଆସି ମିଳିଲେ ।
ହର ଲକ୍ଷ୍ମୀ ସରସ୍ୱତୀ ଭେଟିଲେ ।
ହର ହର ବାଣୀ ।
କମ୍ପାଇଲ ପୃଣ୍ଣ ଜଳ ଧରଣୀ । ୭ ।
ନଗର ଦକ୍ଷିଣେ ସାଗରତୀରେ ।
ଯମେଶ୍ୱର ନାମେ ଖ୍ୟାତ ମଣ୍ଡପରେ ।
ଭକ୍ତବତ୍ସଳ ଭକ୍ତି ସମାନେ ବସି ।
ନିବ୍ଦଦସେବାରେ ମିଳିଲେ ଆସି ।
କପାଳମୋଚନ ।
ମଣିକର୍ଣ୍ଣିକାକୁ ହେଲେ ଗମନ । ୮ ।
ଇନ୍ଦ୍ରଦ୍ୟୁମ୍ନସରଭାରଉହାସ୍ୱ ।
ମାଳକଣ୍ଠ ବେଗେ ଦେଖଣ ପୃଷ୍ଠ ।
ମାର୍କଣ୍ଡେୟ ଶିବ ହେଲେ ବାହାର ।
ଭୁଞ୍ଜ ମଣିଲେ ମାର୍କଣ୍ଡେଶ୍ୱର ।
ହେଦରେ ଶ୍ରୀହର ।
ପଞ୍ଚ ମହାଦେବ ଶୋଭା ବସ୍ତାର । ୯ ।
ବଡ଼ଦାଣ୍ଡ ପୂର୍ଣ୍ଣ ଥାଇଲେ ଲୋକ ।
ଘାସୋରକେ ମନୁ ସଂସାରଶୋକ ।
ଅଗରେ କାହଲେ ବାରକାମିନୀ ।
ଉଠିଲା ଅକାଶେ ସଙ୍ଗୀତଧ୍ୱନି ।
ବହଲ ଦେଇ ।
ଅନନ୍ଦେ ପ୍ରମତ୍ତ ଭକ୍ତ ନାଚନ୍ତି । ୧୦ ।
ଫୁଲଛକୁ ହସ୍ତୀ ଅଗରେ ଝୁଲି ।
ଅଶ୍ୱେ ହେଷା ଦ୍ୟନ୍ତି କଦମ୍ବେ ଚଳି ।
ମଠମନ୍ଦିରୁ ଚଳିଲେ ଭୂଷଣେ ।
ରୂପେ ଗୁମର ଚାଳନ୍ତି ଚମକେ ।
ଉଠିଲା ଭହଳ ।
ସାଗର ଗର୍ଜନେ ହୋଇଲ ମେଳ । ୧୧ ।
ଗଗନେ ଉଠିଲା ଧୂଳିପଟଳ ।
ପ୍ରଚ୍ଛେଦ କୋଳାହଳ ଜଳ ଭୂତଳ ।
ଘରଂଘସ୍ତ ଶବ୍ଦେ ଉଡ଼େ ପତାକା ।
ସଦେ ପ୍ରକାଶେ କି ବଦ୍ୟୁଦଂଶୁକା ।
କମ୍ପିବା ବ୍ୟାକୁଳେ ।
କହୁଛି ଏ ଶୋଭା କାହିଁ ମର୍ତ୍ତ୍ୟରେ । ୧୨ ।
ଭୂବିରମୂର୍ତ୍ତି ଚଳିଲେ ସକଳେ ।
ସାଗରଜଳସ୍ଥ ଅସେ କି କୂଳେ ।
ପଡ଼ି ନମାନ ଚଳନ୍ତି ସାଥିରେ ।
ଅମରପୁରକୁ କି ଅଛେ ମଣ୍ଡରେ ।
ପଲ୍ଲିଭୋଗ ପାଇ ।
ନରେନ୍ଦ୍ର ନିକଟେ ମିଳିଲେ ହରି । ୧୩ ।
ଅନୁପମ ଶୋଭା ସେ ସରୋବର ।
ମଧ୍ୟେ ଦ୍ୱୀପଦର୍ଶୀ ଚନ୍ଦନଘର ।
ଚତୁଃପାର୍ଶ୍ୱେ ବେଶ ଶିଳାପ୍ରାଚୀର ।
ସ୍ୱଚ୍ଛ ପାଣ୍ଡୁରରେ କି ମନୋହର ।
ଅଲେଖନ୍ତି ଶୋଭନ ।
ରୂପରେ ଚଳେ ମଦନମୋହନ । ୧୪ ।
ନାନାଜାତି ବାଦ୍ୟ ବାଜେ ଗମ୍ଭୀରେ ।
ସଙ୍ଗୀତେ ମାତିଲେ ସକଳଜନେ ।
ଚଇଲ ମର୍ଦ୍ଦନ କରି ଅଙ୍ଗରେ ।
ପଶିଲେ ଜଳେ ସଲିଳମଧ୍ୟରେ ।
କଲେ ସନ୍ତରଣ ।
ମାନସସରୋବରେ ହଂସ ଯେସନ । ୧୫ ।
ରୂପେ ବସିଲେ ମଦନମୋହନ ।
ଲକ୍ଷ୍ମୀ ସରସ୍ୱତୀ ସଙ୍ଗେ ଶୋଭନ ।
ଅନ୍ୟ ରୂପରେ ବସେ ପଞ୍ଚଶିବ ।
ଏସମସ୍ତ ଶୋଭା ସ୍ୱର୍ଗେ ନ ଥିବ ।
ଶମୁଦ୍ରେ ନର୍ତ୍ତନ ।
ଖେଳିଲେ ଅଷ୍ଟଣି ଆବାଳଗଣ । ୧୬ ।
ସୁଲକ୍ଷଣ ଦେଖିଲେ କୁଳକାମିନୀ ।
ଲୁଲୁଳନ୍ତ ଜଳେ ସଙ୍ଗୀତଧ୍ୱନି ।
ଧୀରେ ଧୀରେ ଚାଲ ରୂପେ ବେଢ଼ିଯାନ୍ତେ ।
ଚନ୍ଦନମଣ୍ଡପ-ନିକଟେ ଆସେ ।
ମଦନମୋହନ ।
ଚନ୍ଦନକୁଣ୍ଡରେ ଜଳ ସଞ୍ଚାର । ୧୭ ।

Digitized by srujanika@gmail.com

ରଜନୀ ଶେଷ ହୋଇଲେ ଶ୍ରୀହରି ।
ରତ୍ନସିଂହାସନରେ ବସନ୍ତେ ହରି ।
ପଣ୍ଡାମାନେ ଭୋଗ ବାଢ଼ିଲେ ଆଣି ।
ନାନାବିଧ ଦ୍ରବ୍ୟ ସରୁ ଲବଣି ।
ବହୁ ଆଡ଼ମ୍ବରେ ।
ଭୋଗ ସାରି ପୁଣି ବନ୍ଦେ ଗୃହରେ । ୧୮ ।
ଭୂଷଣ ହରି ବନ୍ଦେ ବିମାନେ ।
ଆମରେ ନାଚିଲେ ନର୍ତ୍ତକମାନେ ।
ବାଜେ ମର୍ଦ୍ଦଳ ସୀତାର ବେହେଲା ।
ସ୍ୱରରେ ଗାନ୍ଧର୍ବୀ ଗୀତଗାଇଲା ।
ପଟୁଆର କରି ।
ମନ୍ଦିରେ ଗମିଲେ ପ୍ରଭୁ ଶ୍ରୀହରି । ୧୯ ।
ପଞ୍ଚଶମ୍ଭୁ ଗଲେ ନିଜମନ୍ଦିରେ ।
ଏକବିଂଶ ଦିନ ଏହି ପ୍ରକାରେ ।
ଚନ୍ଦନ ଉତ୍ସବ ପୁଷ୍କରଣୀରେ ।
ଭଜିଲେ ପ୍ରଭୁ ନରଲୋକରେ ।
ସ୍ୱର୍ଗଦେ ସୁଜନ ।
ଜଗତବିଖ୍ୟାତ ପୁଷ୍ପଚନ୍ଦନ । ୨୦ ।
ଶ୍ରୀ ରଘୁନାଥ ମିଶ୍ର ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀନାରାୟଣ ଦାସ | ଅଗ୍ରିମ | ଟ ୩ |
| " ଲୋକନାଥ ସରକାର କଟକ | ବକାୟା | ଟ ୧୧୪ |
| " | ଅଗ୍ରିମ | ଟ ୩ |
| " ବଂଶୀମୋହନ ଘୋଷ " | " | ଟ ୩ |
| " ବନମାଳୀ ସିଂହ ଢେଙ୍କାନାଳ | " | ଟ ୩ |
| " " | ବକାୟା " | ଟ ୩ |
| " ଭୋଳାନାଥ ମିଶ୍ର କଟକ ଅଗ୍ରିମ | " | ଟ ୩ |
| " ଧର୍ମ୍ମନିଧି ଅମିନ ବହୁକୁଦ ବକାୟା | " | ଟ ୭ ୵୯ |
| " ପ୍ରିୟନାଥ ନନ୍ଦ ଡାକ୍ତର ମୟୂରଭଞ୍ଜ ଅଗ୍ରିମ | | ଟ ୩ |
| " ଶ୍ରୀ ଶ୍ରୀ ରାଜା କଣ୍ଠେ ତାଳଚେର ବକାୟା | | ଟ ୭ |


# ବିଜ୍ଞାପନ ।

## NOTICE.

Kev to New Royal Readers No II is out. Price 3 ( Three ) annas.

To be sent by value-Payable post.

*Apply to the Secretary Printing Company Cuttack.*

## TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street. Calcutta.


# ବଧୀରଙ୍କ ପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ନିଜ ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଟାର ପୁସ୍ତକ ମୂଲ୍ୟ ଟ ୦।୬ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନଂ ୫ ନମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇପାରିବ ।

ଦ୍ୱାରିକାବାବୁଙ୍କ କୃତ ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ସରଳଭୂଗୋଳ | ଟ ୦ ୵ |
| ଓଡ଼ିଶାଭୂଗୋଳ | ଟ ୦ ୵ ୧୦ |
| ଜଡ଼ବିଜ୍ଞାନ | ଟ ୦ ୫୵ |
| ଶିକ୍ଷାବିଧାନ | ଟ ୦ ୫ |

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

# ଉତ୍କଳ ଇତିବୃତ୍ତ

ଦ୍ୱିତୀୟ ସଂସ୍କରଣ
ପ୍ରକାଶିତ ହୋଇଅଛି ।
ମୂଲ୍ୟ ଦୁଇ ଅଣା ।
କଟକ ପ୍ରେଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଓ ବାଲେଶ୍ୱର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ନିକଟରେ ପ୍ରାପ୍ତବ୍ୟ ।

ଏହା ଅପର ପ୍ରାଇମେରି ପରୀକ୍ଷାର ପାଠ୍ୟପୁସ୍ତକ ନିର୍ଦ୍ଦିଷ୍ଟ ହୋଇଅଛି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ କ୍ରୟ ନ କରି ଛାତ୍ରମାନେ ଉତ୍କଳ ଇତିବୃତ୍ତ କ୍ରୟ କଲେ ବିଶେଷ ଲାଭବାନ ହେବେ । କାରଣ ଓଡ଼ିଶା ଇତିହାସର ମୂଲ୍ୟ ଟ ୦। ଅଣା, ମାତ୍ର ଉତ୍କଳ ଇତିବୃତ୍ତର ମୂଲ୍ୟ ଟ ୦୵ ଅଣା ଅଟେ । ଓଡ଼ିଶାଇତିହାସର ଯେଉଁ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି ତାହା ଇତିବୃତ୍ତ ସଙ୍ଗେ ଏପରି ଐକ୍ୟ ହୋଇ ମୁଦ୍ରିତ ହୋଇ ଅଛି ଯେ ତାହାର ପ୍ରତି ଲାଇନ ଏବଂ ପ୍ରତିଶବ୍ଦ ଇତିବୃତ୍ତର ପ୍ରତିଲାଇନ ଏବଂ ପ୍ରତିଶବ୍ଦ ସଙ୍ଗେ କୌଣସି ପାର୍ଥକ୍ୟ ନାହିଁ । ଛାତ୍ରମାନେ ଦୁଇ ଅଣାର ପୁସ୍ତକ କ୍ରୟ କରି ଯାହା ପଢ଼ିବେ ଚାରିଅଣାର ପୁସ୍ତକରେ ମଧ୍ୟ ଅବିକଳ ସେହିତ ପଢ଼ିବେ ।

୪ । ୬ । ୮୮ ବାଲେଶ୍ୱର } ଶ୍ରୀ ହୀରାନାଥ ସ୍ୱାମୀ ।

ବିନା ମୂଲ୍ୟରେ ବିତରିତ ।

ତତ୍ତ୍ୱବୋଧକ ନାମକ ପୁସ୍ତକଖଣ୍ଡି ଉତ୍କଳକ୍ଷେତ୍ରରେ ବିତରଣ କରିବା ପାଇଁ ବହୁପ୍ରୟାସସହିତ ପ୍ରକାଶ କରୁଅଛୁଁ; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକରୁ ଖଣ୍ଡିଏ ନେଇଁ ପଠନ କରନ୍ତୁ ଯହିଁରେ କି ଆମ୍ଭର ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମିତ୍ତ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବାଲେଶ୍ୱରର ସମ୍ବାଦବାହିକାଙ୍କ ଅଫିସରେ

ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
ନନାଦେବ
ବାମଣ୍ଡା
ତା ୧୪।୫।୮୮


# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

ପ୍ରଧାନ ଫ୍ରାନ୍ସଦେଶୀୟ ଔଷଧ ଡାକ୍ତର ଜେ, ବି, ସାହାଙ୍କ ସାମେରଟାନବନ୍ଦୁ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଗଠିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦର, କ୍ରିମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରରିକ ଘା, ଶୁକ୍ରସମ୍ପୃକ୍ତ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଲେଷ୍ମ ।

ଡାକ୍ତର ଜେ, ବି, ସାହାଙ୍କ ସାମାରଟାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ପୋଡ଼ା ଘା, ବହୁଦିନର ଘା, ପୀଡ଼ାଦାୟକ ଘା, କ୍ରିମି, କୁଣ୍ଡିଆ, ଦଦୁ,


Digitized by srujanika@gmail.com

Split by PDF Splitter

216



ପକ୍ଷାଘାତ, କୁଷ୍ଠ, ଅଣ୍ଡଗ୍ରନ୍ଥିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମ୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଟା ଅର୍ଥେ ଏତଦ୍ଦେଶୀୟ ପଠାଇବାପାଇଁ ଟ ୦ । ବେଶୀ ଖର୍ଚ୍ଚ ପଡ଼ିବ । ଯଦି କେହି ଏକେଶ୍ୱ ଦେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ ବଗ୍‌ବଜାର } ଏ, ଟି, ମୁଖୁର୍ଯ୍ୟା

# ମେହରୋଗ ।

ଘ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକାର୍ଥେ ରୌଶଳବାର ଜୀବନ ନୁହେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ଦିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ହୃଦୟଶିରେ ପଚଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଟେରକ୍ଷୋଲ ନଂ ୮ ର ଭବନରେ ଘ, କେ, ଗଡ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଟା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍

# ବାଲିକାଗଜ ।

ନିମ୍ନଲିଖିତ ଦସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦଲ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୬ ପଣି ବାଲି | ଦିସ୍ତା ଟ ୵୲ | ଖଣ୍ଡ | ଟ ୦ ୵୬ |
| ୧୮ ପଣି | ” | ” ଟ ୵୲ | ” ଟ ୦ ୵୬ |
| ୧୨ ପଣି | ” | ” ଟ ୵୲ | ” ଟ ୦ ୵ |
| ୨୨ ପଣି ଡବଲଫୁଲସ୍କେପ୍ | ” ଟ ୵୲ | ” ଟ ୦ ୵୬ | |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ଉ ୫ ମ ବା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ କଲମ ଓ ରେସମୀଓରେଗର ଲୁଗା ଓ ଷ୍ଟେସନାରି ଓ କଲ ବଳ ଜିନିଷ ସବୁପ୍ରକାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ନଖରେ ବଦିତ ଅଛି । ଉତ୍ତମ ଅଙ୍କ ନେକଟିକ ଫେସନ ଜିନସାତ୍ର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏହତ୍ତା ଆମ୍ଭେମାନେ ବିଲେତ ଖାତ୍ତ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାତ୍ତମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଦରକାର ହେବେ ଏକ ଗୁଣିକୁ ୨୦ ବଗା ଟ ୦ ୵ ୬ ହିସାବରେ ଦରଦେଲେ ପାଇ ପାରିବେ । ମାତ୍ର ତାହାର ଖତ ଖର୍ଚ୍ଚଇତର ଗାଡ଼ି ଭଡ଼ା ଉପରେ ଥିବ । ଖତ ଦେଲେ ଖାତ୍ତର ଦର ମୂଲ୍ୟ ତାଙ୍କ ଦେବାକୁ ହେବ ।

ଲଫସିଲ ।

| | |
|---|---|
| ଭଲର ଶେଷଣା ନ ଚଳିଲେ ଯେତେ ବେଳେ ସ୍ୱଳେ । | ବର୍ଣ୍ଣ ଥିବ । |
| ବଲେହଣ୍ଟାର | ବୋଷେଇଘରକୁ । |
| ବକ୍ଷେଶ୍ରୀକୁ ତେଲ କଟିବା ଶେଜ ସାଦା ଓ ଭୋଜନ ସହିତ । | ବାଡ଼ କିଳିଷ ଓ ରଙ୍ଗ ରଙ୍ଗିନ ଓ ସାଦା |
| ଦୁଇଂ ଅର୍ଥାତ୍ ନକସା କରିବା କାଗଜ ପେନ୍‌ସିଲ ଓ କଲମ । | ଘଣ୍ଟି |
| ପେନ୍‌ସିଲ କାଟିବା ଛୁରି । | ଲକର୍ଷ ବୁଲଫସାହୁଟ ଏକଫଣ ଜୁତା |
| ଛାତା ଚକାଭର ପଟି କାଗଜ ଓ ଲଫାଫା ଟେଲି ବୁଥ | ନେଲସନ ହଟୋର ସବୁ କେବଳ ଅବଲି |
| ଦେଲିକ ଛନ । | ଏ, ଘୋଷଙ୍କ ସମ୍ବେଦନ |
| ଦବାତ ସାନନ । | ବାଗିଚ ଓ ସବୁରା । |
| ଧାକାନି ସାବାନ ଶତ୍ଖ ନେଲ ଧୁଆ ପଉଡ଼ର ତୁଏ । | ଦରଜା ଅକରୋଟ ଏକନ ଖାଇବା । |
| ଅଖୋର ରେତି—ଅର୍ଥାତ୍ ପୁତଳୀ ରକ୍ଷ । | ଅଧିକେଟିକ ପେନ୍‌ସିଲ ଥିବ ଏ ପେନ୍‌ସିଲକୁ ଲେଖି କପିଙ୍ଗ ପେଡ ଉପରେ ରଖାଇ ଶେଷ ପେନ୍‌ସିଲର ଲେଖା ଲ ଗରେ ନେବା ଇଚ୍ଛାର ସେବେ ଉଡ୍ଡିବ ନଥ |
| ଟୁଥ ବ୍ରସ । | ଲ ରହେ । |
| ଓଂଥାଇକି ସୁପ୍ କରା । | |

| | |
|---|---|
| ପୋର୍ଟଫୋଲିଓ ଓ ଫିତାର ବେଗ ମେନ ଓ ପାଇଡ ଉଲେ ସବେ | ଜଦି ଓ ପାଇକରଟୋଲ ଫିତା |
| ଡ୍ରଇଙ୍ଗ କାଡ ଅର୍ଥାତ୍ ରେଟିକାଟେଟେଗର ଓ ଶୁଦ୍ଧିଲେ କରା ହେବ । | ଲସିକ ଟେବଲରେ ବଛ କାଟିବାର ଥାଡ ମମପାମା |
| ଅରଗା ଚକ୍ରା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ ” | ରେଡ୍ ବ୍ଲୁ ପେନ୍‌ସିଲ |
| ମୋନା ଓ ମୋହାଫତ ଭିକନ ଥିବ ନକସକଃ | ବନାରସୀ ଶାଢ଼ୀ ଓ ସେ ଓ ହର |
| ଦରଜା ସାଟିନ କଲା ଓ ସବଲା | ମସହ୍ଲାକାଷ ଓ ଖ ପାଲ ପାଟଷୋର ଶାଢ଼ୀ । |
| | ପ୍ରିଣ୍ଟିଂ କାଡ |

# ପିତଧାର ।

ଏ ଧାରକୁ ଦେଉଣଟି ପାତ୍ରରେ ରଖି ନିଅଁରେ ଲରବାର ଦୋଠାରିତର ପାଟରେ ଦେଲେ ପାଣିଜଳା ବନ୍ଦ ହେବ ଦାଉର ମଝିଅରେ ଲେପିଦେଲେ ମଜବୁତ ଓ ଉଭ ଥିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର କାଳି ମଧ୍ୟ ଅଛି ।

ଅର୍ଦ୍ଧେନ୍ଦୁ ଦଲ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅକ୍ଷସ୍ତମ୍ଭ | ଟ ୵୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୵ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ମଧ୍ୟ ଉତ୍କଳଗର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

| | | |
|---|---|---|
| ୩୩ ଶ ଭାଗ<br>୨୭ ସଂଖ୍ୟା | ତା ୨ ରଖ ମାହେ ଜୁଲାଇ ସନ ୧୮୯୮ ଇସ୍ୱୀ । ମୁ । ଆଷାଢ଼ ଦି ୨୭ ତ. ସନ ୧୨୦୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୵<br>ପଶ୍ଚାଦେୟ ଟ ୬୵ |

ମଧ୍ୟପ୍ରଦେଶରେ ଯୋଡ଼ିଏ ପାଗଳ ହାସ-ପାତାଳ ଅଛି ଗୋଟିଏ ନାଗପୁର ଓ ଅନ୍ୟଟି ଜବ୍ବଲପୁରରେ । ଗତବର୍ଷ ପ୍ରଥମଟିରେ ୧୫୧ ଶ ଏବଂ ଶେଷଟିରେ ୧୩୪ ଶ ପାଗଳ ଥିଲେ । ନାଗପୁରର ଅଧିକାଂଶ ପାଗଳଙ୍କ ପୀଡ଼ାର କାରଣ ଗଞ୍ଜେଇ ଖାଇବା ଅଟଇ ।

---

ଜର୍ମାନୀର ନୂତନ ସମ୍ରାଟ ଦ୍ୱିତୀୟ ଉଇଲିୟମ ସିଂହାସନରେ ଅଭିଷେକ ହେବା ଦିନରୁ ମନ୍ତ୍ରିସଭା-ରେ ବକ୍ତୃତା କହି କହୁଅଛନ୍ତି ଯେ ସେ ସନ୍ଧିପତ୍ର-ମାନ ବିଧିପୂର୍ବକ ମାନ୍ୟ କରି ଶାନ୍ତି ରକ୍ଷା କରିବେ ଓ ବିଦେଶୀୟରାଜାଙ୍କ ମହତ ବନ୍ଧୁଭାବ ଅକ୍ଷୁଣ୍ଣ ରଖିବେ । ରୁଷିୟାସଙ୍ଗେ ପୂର୍ବାପର ଯେପରି ପ୍ରୀତି ଅଛି ସେହିପରି ରହିବ । ଏହି ବକ୍ତୃ-ତାରୁ ସମସ୍ତଙ୍କ ମନରେ ବିଶ୍ୱାସ ହୋଇଅଛି ଯେ ଇଉରୋପର ଶାନ୍ତିଭଙ୍ଗ ଶୀଘ୍ର ହେବ ନାହିଁ । ସମ୍ଭାବନା ନାହିଁ ।

---

ପୋଷ୍ଟକାର୍ଡର ଉପରପାଖରେ ଯେଉଁ ବ୍ୟକ୍ତି ଚିଠି ପାଇବ ତାହାର ନାମ ଓ ଠିକଣା ଛଡ଼ା ଅନ୍ୟ କିଛି ବା ପ୍ରେରକର ନାମଠିକଣା ସେପା-ଖରେ ଲେଖିଲେ ଦୁଇପଇସା ବେରଙ୍ଗମାସୁଲ ଲାଗୁଥିଲା । ବର୍ତ୍ତମାନ ନିୟମ ହୋଇଅଛି କି ପ୍ରେରକ ଆପଣାର ନାମ ଓ ଠିକଣା ପୋଷ୍ଟ-କାର୍ଡର ଉପରପାଖରେ ଛାପା କଲେ ତାହା ବେରଙ୍ଗ ହେବ ନାହିଁ ମାତ୍ର ହାତରେ ଲେଖିଲେ ମାସୁଲ ଲାଗିବ । ଛାପା ଓ ହାତ-ଲେଖାରେ ଏପରି ପ୍ରଭେଦର କାରଣ ଆମ୍ଭେ-ମାନେ ବୁଝିପାରୁ ନାହୁଁ । ବୋଧ ହୁଏତ କେବଳ ଇଉରୋପୀୟ ବଣିକ ଓ ବଡ଼ଲୋକଙ୍କ ସୁବିଧା ନିମିତ୍ତ ଏ ନିୟମ ହୋଇଅଛି । ଗରିବ-ଲୋକଙ୍କପକ୍ଷରେ ନୁହଇ ।

---

ଆଲିଗଡ଼ର ସଇୟଦ ଅହମଦ ମୁସଲମାନ-ସମ୍ପ୍ରଦାୟଙ୍କୁ ଜାତୀୟ ମହାସମିତିରୁ ଅନ୍ତର ରଖିବାକୁ କ୍ରମାଗତ ଚେଷ୍ଟା କରୁଅଛନ୍ତି ମାତ୍ର ସୁଖର ବିଷୟ ଯେ ସମସ୍ତ ମୁସଲମାନ ତାହାଙ୍କ ଦଳଗତ ହୋଇ ନାହାନ୍ତି । ଲକ୍ଷ୍ନୌର ନବାବ ରେଜା ହୋସେନ ଖାଁ ବର୍ତ୍ତମାନ ସଭା କରି ବୁଝାଇଅଛନ୍ତି ଯେ ଜାତୀୟ ମହାସମିତିଦ୍ୱାରା ହିନ୍ଦୁ ଓ ମୁସଲମାନ ଉଭୟଙ୍କର କଲ୍ୟାଣ ହେବ ଏବଂ ଏଥିମଧ୍ୟରେ ବମ୍ବେଇର ଜଣେ ପ୍ରସିଦ୍ଧ ମୁସଲମାନ ଆଲିମହମ୍ମଦ ଭିମଜି ଏଲା-ହାବାଦକୁ ଆସି ସେଠାରେ ଏକ ବୃହତ୍‌ସଭା କରି ଅନେକ ସଦ୍‌ଯୁକ୍ତିଦ୍ୱାରା ପ୍ରତିପନ୍ନ କରି-ଅଛନ୍ତି କି ମୁସଲମାନମାନେ ମହାସମିତିରେ ଯୋଗ ନ ଦେଲେ ଭାରି କ୍ଷତିଗ୍ରସ୍ତ ହେବେ । ଆମ୍ଭେମାନେ ଆଶା କରୁଁ କି ଆଗାମୀ ମହାସ-ମିତିରେ ମୁସଲମାନଙ୍କ ସଂଖ୍ୟା ପୂର୍ବାପେକ୍ଷା ଅଧିକ ହେବ ।

---

ଆମ୍ଭେମାନେ ଆନନ୍ଦ ସହିତ ବଙ୍ଗବାସିରେ ପାଠ କଲୁଁ କି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏକ ସରକ୍ୟୁଲର ଆଦେଶଦ୍ୱାରା ମାଜିଷ୍ଟ୍ରେଟମାନଙ୍କୁ ଜଣାଇଅଛନ୍ତି କି ମାନ୍ୟ ବା ଭଦ୍ରଲୋକଙ୍କୁ ବେତ୍ରାଘାତ ଦଣ୍ଡ ଦେବା ଅନ୍ୟାୟ ଯେଉଁ ମାଜିଷ୍ଟ୍ରେଟମାନଙ୍କର ଏକ୍ତ ଦଣ୍ଡ ଦେବାର କ୍ଷମତା ଅଛି ସେମାନେ ଦଣ୍ଡ ଦେବା ସମୟରେ ଏ କଥା ସ୍ମରଣ ରଖିବେ । ଏପରି ଆଦେଶ ପ୍ରଚାର କରିବାଦ୍ୱାରା ସର ଷ୍ଟିଭାର୍ଟ ବେଲି ସର୍ବ-ସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ଏ କଥା କହିବା ବାହୁଲ୍ୟ ଅଟଇ । ଭଦ୍ର-ଲୋକଙ୍କୁ ଅପମାନ କରିବାର ବେତ୍ରାଘାତଦଣ୍ଡ-ଠାରୁ ଅନ୍ୟ ଉପାୟ ମାଜିଷ୍ଟ୍ରେଟଙ୍କ ହାତରେ ନାହିଁ କାରଣ ଅର୍ଥ ବା ମୋଷନଦ୍ୱାରା ଏ ଦଣ୍ଡର ପ୍ରତିକାର ନାହିଁ । ବାସ୍ତବରେ ବେତ୍ରାଘାତ ଦଣ୍ଡ ଅତ୍ୟନ୍ତ ଅସଭ୍ୟପ୍ରଥା ଅଟଇ ଏବଂ ଭଦ୍ରଲୋକଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ଏହାର ସୃଷ୍ଟି ହୋଇ ନାହିଁ ।

---

ଆୟର୍ଲଣ୍ଡରେ ଯେଉଁ ଶାସନପ୍ରଣାଳୀ ବର୍ତ୍ତମାନ ପ୍ରଚଳିତ ହୋଇଅଛି କି ଯଦ୍ୱାରା ସେଠା ପ୍ରଧାନ ଲୋକେ କ୍ରମାଗତ ଜେଲ-ଖାନାକୁ ଯାଉଅଛନ୍ତି ସେ ଶାସନପ୍ରଣାଳୀ ନିତାନ୍ତ ଅନ୍ୟାୟ ଅବା ହେଉବାଦରେ ତାହା ଗଠିତ ଥିବାରୁ ସ୍ୱତନ୍ତ୍ର ଗବର୍ଣ୍ଣମେଣ୍ଟ ନିମନ୍ତେ ଆନ୍ଦୋଳନକାରୀ ଗ୍ଲାଡଷ୍ଟୋନ ସାହେବ ମହୋଦୟ

Split by PDF Splitter
Digitized by srujanika@gmail.com

ପାର୍ଲିମେଣ୍ଟ ମହାସଭାରେ ପ୍ରସ୍ତାବ ଆଗତ ହୋଇଥିଲେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ବାଲ୍‌ଫୋର ସାହେବ କହିଲେ ଯେ ଫୌଜଦାରୀ ଆଇନ ତାହାଦ୍ୱାରା ଆୟର୍ଲଣ୍ଡରେ ଆଶାତୀତ ଫଳ ଲାଭ ହୋଇଅଛି ମଧ୍ୟ ଅନ୍ୟତ୍ର ଅନେକ କାର୍ଯ୍ୟ ହେବାକୁ ବାକି ଅଛି ଏବଂ ଉକ୍ତଦେଶରେ ଆଇନ ପ୍ରବର୍ତ୍ତିତ କରାଇ ଦେଶର ଉନ୍ନତିସାଧନ କରିବା ଗବର୍ଣ୍ଣମେଣ୍ଟଙ୍କର ଏକମାତ୍ର ଉଦ୍ଦେଶ୍ୟ ଅଟେ । ଏଥିଉତ୍ତାରୁ ସଭାମତ ସଂଗ୍ରହ ହୁଅନ୍ତେ ପ୍ରସ୍ତାବକାରୀ ଗ୍ଲାଡ୍‌ଷ୍ଟୋନ ମହୋଦୟଙ୍କ ସପକ୍ଷରେ ଜ ୨୭୩ ଣ ମତ ପ୍ରଦାନ କଲେ ମାତ୍ର ବିପକ୍ଷରେ ଜ ୩୬୬ ଣ ମତ ପ୍ରଦାନ କଲାରୁ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଗଲା ।—ଗ୍ଲାଡ୍‌ଷ୍ଟୋନ ସାହେବ ଯାହା ଯେ ୨୭୩ ଟି ମତ ଆପଣାପକ୍ଷରେ କରାଇ ପାରିଅଛନ୍ତି ଏତକ ହେଲେ ସେଣର ବୟସ ଏବଂ ତାଙ୍କର ଦଳ ଯେପରି ବୃଦ୍ଧି ହେଉଅଛି ଅଚିରେ ତାଙ୍କର ଜୟଲାଭ ହେବାର ଆଶା କରାଯାଇ ପାରେ । ମାତ୍ର ଆୟର୍ଲଣ୍ଡର କପାଳ !

---

କଲିକତାରେ ବ୍ରାଉନ ନାମରେ ଜଣେ ସାହେବ ଆପଣା ସ୍ତ୍ରୀର ଚରିତ୍ରରେ ଅସନ୍ତୁଷ୍ଟ ହୋଇ କ୍ରୋଧବଶତଃ ତାହାକୁ ପ୍ରହାର କରିବାରୁ ସ୍ତ୍ରୀ ମାଡ଼ ପିଟର ନାଲିସ କଲା । ସାହେବ ସ୍ତ୍ରୀର ମନ୍ଦଚରିତ୍ର ହେତୁ ତାହାକୁ ଶାସନ କରିବାର ଜବାବ ଦେବାରେ ମାଜିଷ୍ଟ୍ରେଟ ଉକ୍ତ ଆପତ୍ତି କବାବ ଶସ୍ତୁକ ଅଦାଲତ ସଙ୍ଗେ ସମ୍ପର୍କ ରଖୁଥିବାର କହି ସାହେବଙ୍କ ଉପରେ ଦଶଟଙ୍କା ଅର୍ଥଦଣ୍ଡ କଲେ । ବ୍ରାଉନସାହେବ ଏହି ଦଣ୍ଡବିରୁଦ୍ଧରେ ହାଇକୋର୍ଟରେ ଏହିମର୍ମରେ ଅପିଲ କଲେ ଯେ ଯେମନ୍ତ ପିତାର ପୁତ୍ର କନ୍ୟାଙ୍କୁ ସେହିପରି ସ୍ୱାମିର ସ୍ତ୍ରୀକି ଶାସନ କରିବାର ଅଧିକାର ଅଛି ଓ ସେ ଆପଣା ସ୍ତ୍ରୀର ମନ୍ଦଚରିତ୍ର ଦେଖି ଶାସନ ନିମିତ୍ତ ତାହାକୁ ପ୍ରହାର କରିଥିବାରୁ ଦଣ୍ଡ ପାଇ ନ ପାରେ । ହାଇକୋର୍ଟର ପ୍ରଧାନ ଜଜ ସର ପାଥ୍ରମ ବାହାଦୁର ନିଷ୍ପତ୍ତି କଲେ ଯେ ପିଲାଙ୍କପ୍ରତି ପିତାର ଯେପରି ଶାସନାଧିକାର ଅଛି ସ୍ତ୍ରୀପ୍ରତି ସ୍ୱାମିର ସେପରି ନାହିଁ । ଅତଏବ ଅପିଲ ଅଗ୍ରାହ୍ୟ ହେଲା । ହିନ୍ଦୁ ପରିବାର ମଧ୍ୟରେ ଏପରି ମାମଲା ଉପସ୍ଥିତ ହେବାର ଶୁଣା ହୋଇ ନାହିଁ କିନ୍ତୁ ନିମ୍ନଶ୍ରେଣୀର ଲୋକେ ଆପଣା ସ୍ତ୍ରୀକି ପ୍ରହାର କରିବାର ଦେଖାଯାଏ ଏଥର ଲୋକମାନେ ଜାଣିବେ ଯେ ଆପଣା ସ୍ତ୍ରୀକି ପ୍ରହାର କରିବାର ଅଧିକାର ନାହିଁ ଓ ତାହା ଦଣ୍ଡନୀୟ ଅଟଇ ।

---

ପୁଲିସର ଯେଉଁ ଗୁପ୍ତ ସର୍କ୍ୟୁଲର ଘେନି କେତେ ଦିନହେଲେ ବଙ୍ଗାଳାରେ ଭାରି ଆନ୍ଦୋଳନ ଲାଗିଥିଲା ଏବଂ ଯଦ୍ଦ୍ୱାରା ଧର୍ମ ସମ୍ବନ୍ଧୀୟ ଓ ରାଜକାର୍ଯ୍ୟ ଘଟିତ ନାନାପ୍ରକାର ସଭା ସମିତିର ସମ୍ବାଦ ଗୁପ୍ତଭାବରେ ସଂଗ୍ରହ କରିବାର ଭାର ପୁଲିସର କର୍ମଚାରୀଙ୍କ ପ୍ରତି ଅର୍ପିତ ହୋଇଅଛି ସେହି ସର୍କ୍ୟୁଲର ରହିତ ବା ପରିବର୍ତ୍ତନ କରିବା କାରଣ ଭାରତସଭା ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ନିକଟରେ ଦରଖାସ୍ତ କରିଥିଲେ, ମାନ୍ୟବର ସର ଷ୍ଟିବାର୍ଟ ବେଲି ତହିଁର ଉତ୍ତରରେ ଜଣାଇ ଅଛନ୍ତି ଯେ ସମସ୍ତ ସଭାସମିତି ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ରଖିବାର ସକଳ ଦେଶରେ ପ୍ରଚଳିତ ଅଛି ଏବଂ ପଞ୍ଜାବର କୁକଦଳର ଉତ୍ତରପଶ୍ଚିମର ଓହାବିମାନଙ୍କର ଓ ବଙ୍ଗଳାର ସାନ୍ତାଳମାନଙ୍କର ଧର୍ମ ଘଟିତ ମେଳର ବହୁଦର୍ଶିତା ଦ୍ୱାରା ଜଣାଯାଇଅଛି ଯେ କୌଣସି ୨ ଧର୍ମସଭାରେ ମଧ୍ୟ ସାଧାରଣ ଶାନ୍ତିଭଙ୍ଗର ଭୟ ଅଛି ସୁତରାଂ ତହିଁପକ୍ଷେ ପୁଲିସର ଦୃଷ୍ଟି ରଖିବା ଉଚିତ । ଅତଏବ ଯେଉଁ ସର୍କ୍ୟୁଲର ଜରୁରରେ ଗୃହୀତ ହୋଇଅଛି ତାହା ରହିତ ବା ପରିବର୍ତ୍ତିତ ହୋଇ ନ ପାରେ । କିନ୍ତୁ ଲେଫ୍‌ଟେନାଣ୍ଟ ବାହାଦୁର ଆଶାସ ଦେଇଅଛନ୍ତି କି ଯେପରି ଉକ୍ତ ସର୍କ୍ୟୁଲର ସତର୍କତା ଓ ସୁବିଜ୍ଞର ସହିତ ପ୍ରତିପାଳିତ ହେବ ସେ ବିଷୟରେ ମାନ୍ୟବର ବାହାଦୁର ସମ୍ପୂର୍ଣ୍ଣ ସାବଧାନ ହେବେ । ସାବଧାନ ହୋଇ କାର୍ଯ୍ୟ ହେଲେ ବଡ଼ ଅନିଷ୍ଟ ହେବ ନାହିଁ ।

---

ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି କି ବଙ୍ଗଦେଶର ଯେଉଁ ୨ ସ୍ଥାନରେ ଅରଣ୍ୟ ଆଇନାନୁସାରେ ଜଙ୍ଗଲମାନ ଅଟକ ବା ସଂରକ୍ଷିତ ହୋଇଅଛି ବା ଭବିଷ୍ୟତରେ ହେବ ସେସବୁ ଜଙ୍ଗଲରେ ଆପଣାର ଅଥବା ଅନ୍ୟର ପ୍ରାଣରକ୍ଷା ନିମନ୍ତେ ଆବଶ୍ୟକ ନ ହେଲେ କୌଣସି ଜାତିର କେହି ବଧ କରିବେ ନାହିଁ ବା ଧରିବେ ନାହିଁ । ଉକ୍ତ ଜଙ୍ଗଲମାନଙ୍କରେ କେହି ଜାଲ ପାଶ ବା ଯନ୍ତ୍ର ବସାଇ ପାରିବ ନାହିଁ । ଏପରି ପ୍ରତିବର୍ଷର ଅକ୍ଟୋବରମାସ ତା ୧ ଈଖଠାରୁ ସେପ୍ଟେମ୍ବର ମାସ ତା ୩୦ ପର୍ଯ୍ୟନ୍ତରେ ଉଲ୍ଲିଖିତ ଜନ୍ତୁ ଓ ପକ୍ଷିମାନଙ୍କୁ କେହି ମାରି ପାରିବ ନାହିଁ । ଯଥା ହରିଣ, ଶଶକ, ମୟୂର, ତିତିର, ବନକୁକୁଡ଼ା, କାଲହଂସ, ପାଣିକୁଆଙ୍କ ଇତ୍ୟାଦି । ଏ ସବୁ ଜନ୍ତୁ ଓ ପକ୍ଷିମାନେ ଉକ୍ତ ସମୟମଧ୍ୟରେ ଛୁଆ ଦିଅନ୍ତି ବୋଲି ତାହାଙ୍କ ବଂଶ ଲୋପ ହେବା ଭୟରେ ଗବର୍ଣ୍ଣମେଣ୍ଟ ଏପରି ନିୟମ କରୁଅଛନ୍ତି ମାତ୍ର କେଉଁ ବିଶେଷ ପ୍ରୟୋଜନ ସାଧନ କରିବାକୁ ଏମାନେ ଗବର୍ଣ୍ଣମେଣ୍ଟଙ୍କ ଦୟାର ପାତ୍ର ଏ ଅପର ଜୀବ ଜନ୍ତୁ ଅପେକ୍ଷା ଶ୍ରେଷ୍ଠ ହୋଇଅଛନ୍ତି ବୁଝି ପାରିଲୁଁ ନାହିଁ । ଏମାନେ ଖେତ ନଷ୍ଟ କଲେ ମଧ୍ୟ କେହି କିଛି କହିବେ ନାହିଁ ଅତ ପାଶ ଯନ୍ତ୍ର ଇତ୍ୟାଦି ବସାଇବାର ନିଷେଧ ହେବାରୁ ଉକ୍ତ ଉପାୟରେ କେହି ଭାଡ ଭୁଲସୁଆ ମାରି ପାରିବ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଏ ସୂକ୍ଷ୍ମବୁଦ୍ଧି କେଉଁଠାରୁ ବାହାରିଲା !

---

ଇଚ୍ଛାପୁରର ଚୌଧୁରୀମାନଙ୍କ ନାମରେ ସେମାନଙ୍କ ପ୍ରଜାମାନେ ନାନାବିଧ ଅତ୍ୟାଚାରର ଦରଖାସ୍ତ କଲେକ୍ଟର ସାହେବଙ୍କଠାରେ ଦେଇ ଥିବା ଓ ତଦନନ୍ତର ଚୌଧୁରୀମାନେ ପ୍ରଜାଙ୍କୁ ମିଳାଇ ନେବାରୁ ସେମାନେ ଦସ୍ତଖତଦାରୀ ଦରଖାସ୍ତ ଦାଖଲ କରିଥିବା ବିଷୟ ଏଥିପୂର୍ବେ ଆମ୍ଭେମାନେ ପତ୍ରିକାସ୍ଥ କରିଥିଲୁଁ । କିନ୍ତୁ ଶୁଣିଲୁଁ ଯେ ବାବୁ ରାମବାହାଦୁର ନାୟକ ଡେପୁଟୀ କଲେକ୍ଟର ଏ ବ୍ୟାପାରର ତଦନ୍ତ କରିବା ସମୟରେ ଜଣେ ପ୍ରଜା ଜଣାଇଲା ଯେ ତାହାର ଭାଇ ଜରିମାନା ନ ଦେବାରୁ ଚୌଧୁରୀଙ୍କର ଗୃହର ଦୁଇଜଣ ଲୋକ ଏପରି ପ୍ରହାର କଲେ ଯେ ସେ ତହିଁର ପ୍ରକୋପରେ ତତ୍‌କ୍ଷଣେ ପ୍ରାଣତ୍ୟାଗ କଲା । ଏପରି ଗୁରୁତର କଥାଟାକୁ ମାଜିଷ୍ଟ୍ରେଟ ହଠାତ୍ ତଦନ୍ତରେ ସତ ହେଇ ନ ପାରନ୍ତି ତାହା ସତ୍ୟ କି ମିଥ୍ୟା ବୁଝିବାର ଅତି ଆବଶ୍ୟକ । ଦସ୍ତଖତଦାରୀ ଦରଖାସ୍ତ ଆଗେ ଦାଖଲ ହେବାରୁ ପ୍ରଥମ ହୋଇଥିଲା ତହୁଁପରେ ଡେପୁଟୀ ମହୋଦୟଙ୍କ ରିପୋର୍ଟ ପ୍ରାପ୍ତି ହେଲା । ତହିଁରୁ ଏ କଥା ପ୍ରକାଶ ପାଇବାରୁ ବିଶେଷ ଅନୁସନ୍ଧାନ ଓ ତଦନ୍ତ କରିବା କାରଣ ମେଜିଷ୍ଟର ସାହେବ ପୁଲିସ ପ୍ରତି ହୁକୁମ କରିଅଛନ୍ତି ଉକ୍ତ ରିପୋର୍ଟରୁ ଅପହରଣ ଅପରାଧ ପ୍ରକାଶ ପାଇବାରୁ ତାହା ବାବୁ ନୀଳମଣିନାଥ ଦତ୍ତ ଡେପୁଟୀମେଜିଷ୍ଟରଙ୍କୁ ଅର୍ପିତ ହେବାରେ ସେ ତାହାର ବିଚାର କରୁଅଛନ୍ତି । ଆମ୍ଭମାନଙ୍କ ବିବେଚନା-

Split by PDF Splitter

Digitized by srujanika@gmail.com

Split by PDF Splitter



ମଜିଷ୍ଟର ସାହେବଙ୍କର ହୁକୁମ ଯଥାର୍ଥ ଅଛି ଗୁରୁତର ଅପରାଧମାନ ସଙ୍ଗେ ରଫାର ନୁହଇ ।

---

ନିମ୍ନଲିଖିତ ପତ୍ର ଜଣେ ବନ୍ଧୁଙ୍କଠାରୁ ପ୍ରାପ୍ତ ହୋଇ ଆନନ୍ଦ ସହିତ ପ୍ରକାଶ କଲୁଁ । ଯଥା —

କଟକ ଜିଲ୍ଲା ଯୋବରା ଗ୍ରାମ ମହାନଦୀ ନିକଟବର୍ତ୍ତୀ ଉପରସ୍ଥ ପିଲଗ୍ରିମରୋଡ଼ ପାର୍ଶ୍ୱରେ ନର୍ବା ... ସନ୍ନିକଟ ଉପର ଚାଳଅରୁଦା ନାମକ ଏକ ସ୍ଥାନ ଅଛି । ସେଠାରେ ଶ୍ରୀବଦ୍ୟାନନ୍ଦ ବ୍ରହ୍ମଗୋସ୍ୱାମୀ ମହାପୁରୁଷ ମଠ ଓ ବଗିଚା ... ଅଛନ୍ତି । ତୀର୍ଥଗାମୀ ପଥଶ୍ରାନ୍ତ ପଥିକମାନେ ଆଶ୍ରୟ ନିମନ୍ତେ ମଠମଧ୍ୟରେ ପ୍ରବେଶ ହୋଇ ସଦାବ୍ରତ ପ୍ରାର୍ଥନା କରୁଥିବାରୁ ବ୍ରହ୍ମଗୋସ୍ୱାମୀ ସଦାବ୍ରତ ଦେବାକୁ ବାଧ୍ୟ ହୋଇଅଛନ୍ତି । ସଦାବ୍ରତ ଦେବାର ଉପାୟ ବନ୍ଦୋବସ୍ତ ଅଦ୍ୟପର୍ଯ୍ୟନ୍ତ ଏଠାରେ ହୋଇ ନ ଥିବାରୁ ଧର୍ମାର୍ଥରେ ଅଭ୍ୟାଗତମାନଙ୍କ ଉପକାର ନିମନ୍ତେ ବହୁ ଉପାୟ ବନ୍ଦୋବସ୍ତ ହେବା ନିମନ୍ତେ ଶୀଘ୍ରରେ ଜଣାଇଲୁଁ ଏହି ସ୍ଥାନର ଅବସ୍ଥା ତତ୍ତ୍ୱ ନଆସିଲେ ପରମାତ୍ମାପ୍ରୀତ୍ୟର୍ଥେ ଶ୍ରଦ୍ଧା, ସ୍ନେହ, ଦୟା ସହିତ ଶୀଘ୍ର ଅଗ୍ରସର ହେଲେ ପରକାଳ ... ଧର୍ମ ଶୀଘ୍ର ଏହି ସଦ୍ଭବରେ ... ମାତ୍ର ହୋଇ ଶୋଭା ପାଉଥିବ ।

ଯେଉଁମାନଙ୍କର ଦାନ ଓ ଅତିଥି ଅଭ୍ୟାଗତଙ୍କ ସେବା କରିବାକୁ ପ୍ରବୃତ୍ତି ଅଛି ସେମାନଙ୍କୁ ଏ ପ୍ରସ୍ତାବ ଉତ୍ତମରୂପେ ବିବେଚନା କରିବା କାରଣ ଅନୁରୋଧ କରୁଅଛୁଁ । ନଗର ମଧ୍ୟକୁ ଜଗନ୍ନାଥଯାତ୍ରୀଙ୍କ ପ୍ରବେଶ ନିଷେଧ ଓ ଯାତ୍ରିସଡ଼କ ଦୂରରେ ଅବସ୍ଥିତ ହେବାରୁ ଏ ନଗରରେ ଥିବା ସଦାବ୍ରତମାନଙ୍କରୁ ସେମାନେ ନିରାଶ ହୋଇଅଛନ୍ତି ଓ ଚାଳଅରୁଦା ଏମନ୍ତ ସ୍ଥାନରେ ରହିଅଛି ଯେ ଯାତ୍ରୀମାନେ ସେଠାରେ ରହିବାକୁ ବାଧ୍ୟ ଏପରି ସ୍ଥାନରେ ଗୋଟିଏ ସଦାବ୍ରତ ବାନ୍ଧିଦେଲେ ବହୁତ ଲୋକଙ୍କର ଉପକାର ହେବ ସନ୍ଦେହ ନାହିଁ । ସୁତରାଂ ଏହା ପୁଣ୍ୟକାର୍ଯ୍ୟ ହେବ ସନ୍ଦେହ ନାହିଁ ।

---

ପଞ୍ଜାବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଲର ପେଣ୍ଟ ସାହେବ ଏଥର ପରୀକ୍ଷାର୍ଥୀଙ୍କଠାରୁ ଘୁସ ଗ୍ରହଣ କରିଥିବା ଅପରାଧ ତଦନ୍ତ ... ପ୍ରକାଶ କମିଶନ ବସିଥିବା ଓ କରିବା ... ସେମାନେ ଆପଣା ମତାମତ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିଥିବା ଉକ୍ତ ଅମ୍ଭେମାନେ ପାଠକମାନଙ୍କ ଯଥା ସମୟରେ ଜଣାଇ ଅଛୁଁ । କମିଶ୍ନରମାନେ ନିମ୍ନଲିଖିତ ଗୋ ୩ ଟି ଅଭିଯୋଗର ବିଚାର କରିଥିଲେ ଯଥା । (୧) ସନ ୧୮୮୭ ସାଲ ଡିସେମ୍ବର ମାସରେ ଲାହୋରରେ ଏଥର ପରୀକ୍ଷାରେ ସାହେବ ରାମଶରଣ ଦାସଙ୍କୁ ଅନୁଗ୍ରହ ପ୍ରଦର୍ଶନାର୍ଥେ ତାଙ୍କଠାରୁ ଟ ୨୫୦୦ ଟା. ଗ୍ରହଣ କରିବାକୁ ସମ୍ମତ ପ୍ରଦାନ କରି ଉତ୍କୋଚ ସ୍ୱରୂପ ଟ ୧୫୦୦ ଙ୍କା ଗ୍ରହଣ କରିଥିଲେ (୨) ଗୁଣ୍ଡଗିହଙ୍କୁ ତାଙ୍କ ନିକଟରେ କେତେକ ପରୀକ୍ଷାର୍ଥୀ ଉପସ୍ଥିତ କରିବାପାଇଁ ଅନୁମତି ପ୍ରଦାନ କରିଥିଲେ ଓ ଜାଣିଥିଲେ ଯେ ଗୁଣ୍ଡଗିହ ଉକ୍ତ ଛାତ୍ରମାନଙ୍କୁ କେବଳ ତାଙ୍କ ସହିତ ବନ୍ଦୋବସ୍ତ କଲେ ଉତ୍ତୀର୍ଣ୍ଣ ହେବ ଏହା ବିଶ୍ୱାସ ଜନ୍ମାଇଅଛନ୍ତି ଓ ଅନ୍ୟାୟରୂପ ଉତ୍କୋଚ ଗ୍ରହଣରେ ଗୁଣ୍ଡଗିହଙ୍କୁ ଉତ୍ସାହ ପ୍ରଦାନ କରିଅଛନ୍ତି । (୩) ଉପରୋକ୍ତ ପରୀକ୍ଷାରେ ପରୀକ୍ଷା ପ୍ରଶ୍ନମାନ ଛାପିବାରେ କେତେକ ଲୋକଙ୍କୁ କହିଥିଲେ ଅବା ଛାପିବାରେ ବ୍ୟସ୍ତ ଥିବାବେଳେ ଏ ସବୁ ଅବହେଳାରୁ କେତେକ ଲୋକଙ୍କୁ ଅନୁମତି ପ୍ରଦାନ କରିଥିଲେ ।—କମିଶ୍ନରମାନଙ୍କ ବିଚାରରେ ପ୍ରଥମ ଦୁଇ ଦୋଷ ସମ୍ପୂର୍ଣ୍ଣରୂପେ ସାବ୍ୟସ୍ତ ହେଲା କିନ୍ତୁ ତୃତୀୟ ଦୋଷ ସମ୍ବନ୍ଧେ ଯଥୋଚିତ ପ୍ରମାଣ ନ ଥିଲେ ହେଁ ସେମାନେ ତାଙ୍କୁ ଅବ୍ୟାହତି ଦେବାକୁ ଅକ୍ଷମ ବୋଲି ଧାର୍ଯ୍ୟ କଲେ । ସେମାନଙ୍କ ରିପୋର୍ଟ ପାଠ ଓ ଉତ୍ତମରୂପେ ବିଚାର କରି ବଡ଼ଲାଟ ବାହାଦୂର ଧାର୍ଯ୍ୟ କଲେ ଯେ ଲରପେଣ୍ଟ ସାହେବ ପ୍ରଥମ ଦୁଇ ଅଭିଯୋଗରେ ଦୋଷୀ କିନ୍ତୁ ଯଦ୍ୟପି ଏଥର ପରୀକ୍ଷା ତତ୍ତ୍ୱାବଧାରଣ କରିବାରେ ତାଙ୍କର ହେଳା ଥିଲା ତଥାପି ତୃତୀୟ ଦୋଷଟି ସ୍ଥାପିତ ହୋଇପାରିଲା ନାହିଁ । ପ୍ରଥମ ଦୁଇ ଦୋଷର ଗୁରୁତ୍ୱ ବିବେଚନା କରି ବଡ଼ଲାଟ ବାହାଦୂର ତାଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କୃତ କରିଦେବା ଶାସ୍ତି ଅପେକ୍ଷା ନ୍ୟୁନତର ଶାସ୍ତି ଅନ୍ୟ କିଛି ପସନ୍ଦ କଲେ ନାହିଁ । ସୁତରାଂ ତାଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କୃତ କରିବାର ଆଜ୍ଞା ପ୍ରଦାନ କରୁଅଛନ୍ତି । ଅପରାଧଗୁଡ଼ିକ ଯେରୂପ ଗୁରୁତର ତହିଁର ଏକବାର ନିତାନ୍ତ ଉଣା ହୋଇଥିଲେ ହେଁ ଏଥିରେ ଅସନ୍ତୁଷ୍ଟ ହେବାର କୌଣସି କାରଣ ନାହିଁ । ଧନୀ ଲୋକର ଅପରାଧ ଯେ ଏରୂପେ ଦଣ୍ଡିତ ହେଲା ଏହା ଢେର ।

---

## କଟକ ମିଉନିସିପାଲିଟୀର ଚେୟାରମାନ ଓ ଭାଇସ ଚେୟାରମାନ ନିର୍ବାଚନ ।

ଗତ ବୁଧବାର ପ୍ରାତଃକାଳରେ କଟକ ମିଉନିସିପାଲିଟୀର ନିର୍ବାଚିତ ଓ ନିଯୁକ୍ତ ନୂତନ କମିଶନରମାନଙ୍କର ସଭା ହୋଇଥିଲା । ଉକ୍ତ ସଭାରେ ନୂତନ ଚେୟାରମାନ ଓ ଭାଇସଚେୟାରମାନ ନିର୍ବାଚିତ ହେବାର କଥା ଥିଲା । ନୂତନ କମିଶନରମାନଙ୍କ ମଧ୍ୟରୁ ଗବର୍ଣ୍ଣମେଣ୍ଟଙ୍କ ତରଫରୁ ନିଯୁକ୍ତ ଦୁଇଜଣସାହେବ ଡାକ୍ତର ବୋଉଲ ଓ ମିଃ କର୍ଣ୍ଣ ଓ ଜଣେ ମୁସଲମାନ ମୁନସି ଅନୁପସ୍ଥିତ ଥିବାରୁ ସମସ୍ତେ ଉପସ୍ଥିତ ହୋଇଥିଲେ । ସଭାର କାର୍ଯ୍ୟ ଗୁରୁତର ଥିବା ସ୍ଥଳେ ପ୍ରାୟ ସମସ୍ତ କମିଶନରମାନଙ୍କ ଉପସ୍ଥିତ ମିଉନିସିପାଲିଟୀପ୍ରତି ଶୁଭସୂଚକ ବୋଲିବାକୁ ହେବ । ସେଦିନର କାର୍ଯ୍ୟ ନିର୍ବାହ କରିବାକାରଣ ବାବୁ ହରିନାଥ ଚକ୍ରବର୍ତ୍ତୀ ଚେୟାରମାନ ପଦରେ ମନୋନୀତ ହେଲାରୁ ଚେୟାରମାନ ସଭାର କାର୍ଯ୍ୟ ଆରମ୍ଭ କରିବାକୁ ଆଦେଶ ପ୍ରଦାନ କରନ୍ତେ ବାବୁ ରାମଶଙ୍କର ରାୟ ବାବୁ ଯୋଗେଶ୍ୱର ରାୟଙ୍କୁ ଚେୟାରମାନ ପଦରେ ମନୋନୀତ କରିବାର ପ୍ରସ୍ତାବ କଲେ ଓ ବାବୁ ନମାଇଚରଣ ମିତ୍ର ଉକ୍ତ ପ୍ରସ୍ତାବ ଅନୁମୋଦନ କଲେ ବାବୁ ମଧୁସୂଦନ ଦାସ ଉକ୍ତ ପ୍ରସ୍ତାବ ସଂଶୋଧନ କରି ବାବୁ ହରିନାଥ ଚକ୍ରବର୍ତ୍ତୀଙ୍କୁ ଚେୟାରମାନ ପଦରେ ନିର୍ବାଚନ କରିବାର ପ୍ରସ୍ତାବ କଲେ ଓ ବାବୁ ଅକ୍ଷୟକୁମାର ଘୋଷ ପ୍ରୋକ୍ତ ପ୍ରସ୍ତାବ ଅନୁମୋଦନ କଲେ ବାବୁ ଯୋଗେଶ୍ୱର ରାୟ ପୁଣି ବାବୁ ନନ୍ଦକିଶୋର ଦାସଙ୍କୁ ପୁନଶ୍ଚ ଚେୟାରମାନସ୍ୱରୂପ ମନୋନୀତ କରିବାର ପ୍ରସ୍ତାବ କଲେ ଓ ମୁନସି ମଜହର ଏ ପ୍ରସ୍ତାବକୁ ଅନୁମୋଦନ କଲେ । କିନ୍ତୁ ବାବୁ ନନ୍ଦକିଶୋର ଦାସ ସମୟାଭାବ ହେତୁ ପୁନଶ୍ଚ ଚେୟାରମାନ କାର୍ଯ୍ୟ ଚଳାଇବାକୁ ଅନିଚ୍ଛୁକ ହେବାରୁ ବାବୁ ଯୋଗେଶ୍ୱର ରାୟ ତାଙ୍କ ପ୍ରସ୍ତାବ ଉଠାଇନେଲେ ଏବଂ ନିଜେ ଚେୟାରମେନର କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କଲେ । ହରିବାବୁ ମଧ୍ୟ ତାଙ୍କ ଦେଖାଦେଖି ଚେୟାରମାନପଦ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ ମାତ୍ର କେତେକଜଣ କମିଶ୍ନରଙ୍କ ଅନୁରୋଧ ଉଦ୍ଧାରରୁ ପୁନଶ୍ଚ ସମ୍ମତ ହେଲେ । ତହୁଁ ବାବୁ ମଧୁସୂଦନ ମହାପାତ୍ରଙ୍କ ପ୍ରସ୍ତାବ ସମ୍ବନ୍ଧରେ ଭୋଟସଂଗ୍ରହଣ

Digitized by srujanika@gmail.com

ହେଲେରୁ କେବଳ ପ୍ରଥମ ପ୍ରସ୍ତାବର ପ୍ରସ୍ତାବକ ଓ ଅନୁମୋଦକ ବାଛିଲେ ଅନନ୍ତର ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କୁ ଚେୟାରମାନ ହେବାପାଇଁ ସମ୍ମତିପ୍ରଦାନ କଲେ ଓ ତାହା ଧାର୍ଯ୍ୟହେଲା । ଭାଇସ ଚେୟାରମାନ ପଦରେ ବାବୁ ଶ୍ୟାମସୁନ୍ଦର ସ୍ୱାଇଁଙ୍କୁ ବାବୁ ନନ୍ଦକିଶୋର ଦାସ ପ୍ରସ୍ତାବ କଲେ ଓ ବାବୁ ଯୋଗେଶ୍ୱର ଦତ୍ତ ସେ ପ୍ରସ୍ତାବ ଅନୁମୋଦନ କଲେ । ତାହା ଶ୍ୟାମସେନ ସ୍ୱାଇଁଙ୍କ ପ୍ରୋକ୍ତ ପ୍ରସ୍ତାବର ବିରୋଧରେ ବାବୁ ମଧୁସୂଦନ ମହାପାତ୍ରଙ୍କୁ ପ୍ରସ୍ତାବ କଲେ ଓ ବାବୁ ଜାନକୀନାଥ ମିଶ୍ର ତାହା ଅନୁମୋଦନ କଲେ । ଭୋଟଗ୍ରହଣ ହୁଅନ୍ତେ ବାବୁ ଶ୍ୟାମସୁନ୍ଦର ସ୍ୱାଇଁ ପକ୍ଷରେ ଭୋଟ ଗୋଟିଏ ବେଶିହେବାରୁ ସେ ଭାଇସ ଚେୟାରମେନ ପଦରେ ନିର୍ବାଚିତ ହେଲେ । ଅନନ୍ତରରେ ପୁରାତନ ଚେୟାରମାନ ବାବୁ ନନ୍ଦକିଶୋର ଦାସ ଓ ବାବୁ ଯୋଗେଶ୍ୱର ଦତ୍ତଙ୍କୁ ସେମାନେ ଦକ୍ଷତାସହିତ ଅନେକବର୍ଷକାଳ ଉତ୍ତମରୂପେ କାର୍ଯ୍ୟନିର୍ବାହ କରିଥିବାରୁ ଧନ୍ୟବାଦ ପ୍ରଦାନ କରିସାରିବା ପରେ ସଭା ଭଙ୍ଗହେଲା ।

ଚେୟାରମାନ ଓ ଭାଇସ ଚେୟାରମାନ ନିଯୁକ୍ତି ସମ୍ବନ୍ଧରେ ଆମ୍ଭମାନଙ୍କ ମତ ପୂର୍ବ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଅଛି । ବର୍ତ୍ତମାନ ଯେଉଁମାନେ ନିଯୁକ୍ତ ହୋଇଅଛନ୍ତି ତହିଁରେ ସର୍ବସାଧାରଣ ପ୍ରୀତ ହେବେ ଏହା ଆମ୍ଭମାନଙ୍କର ଭରସା । ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଜଣେ ବହୁଦର୍ଶୀ ଓ ପୁରାତନ କର୍ମଷ୍ଠ ଓ ସେ ଅନେକ କାଳ ପ୍ରଣାଳୀ ଜାଣିଥିବା ପୂର୍ବରୁ ଭାଇସଚେୟାରମାନ କାର୍ଯ୍ୟ ସୁଚାରୁରୂପେ ଚଳାଇଥିଲେ ଓ କଟକର ମିଉନିସିପାଲ କମିଶନରସ୍ୱରୂପ କାର୍ଯ୍ୟ କରି ବିଶେଷ ଅଭିଜ୍ଞତା ଲାଭ କରିଅଛନ୍ତି । ବାବୁ ଶ୍ୟାମସୁନ୍ଦର ସ୍ୱାଇଁ ଜଣେ ସ୍ୱାଧୀନ ଅଧ୍ୟବସାୟୀ ଯୁବକ । ଯଦ୍ୟପି ପୂର୍ବ ନିର୍ବାଚିତ ଚେୟାରମାନ ଓ ଭାଇସଚେୟାରମାନଙ୍କ ମଧ୍ୟରୁ ଜଣେ କେହି କୌଣସି ଏକ ପଦରେ ରହିଥିଲେ କାର୍ଯ୍ୟ ଅଧିକ ଉତ୍ତମରୂପେ ଚଳନ୍ତା ତଥାପି ଏ ନିୟୋଗରେ ଆମ୍ଭମାନଙ୍କର ଅସନ୍ତୋଷର କୌଣସି କାରଣ ନାହିଁ । ଭରସା କରୁଁ ନୂତନ ନିଯୁକ୍ତ ଚେୟାରମାନ ଓ ଭାଇସ୍ ଚେୟାରମାନ ଆପଣା କାର୍ଯ୍ୟ ଦକ୍ଷତାସହିତ ସମ୍ପନ୍ନ କରି ମିଉନିସିପାଲିଟୀର ଷ୍ଟେଟ ବଜାୟ ରଖିବେ ।

---

## ଗୋରକ୍ଷାର ଉପାୟ ।

ବମ୍ବାଇବାସୀ କତିପୟ ସମ୍ଭ୍ରାନ୍ତ ଲୋକ ଗୋରକ୍ଷା ବିଷୟରେ ଖଣ୍ଡିଏ ଆବେଦନପତ୍ର ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ପଠାଇ ପ୍ରାର୍ଥନା କରିଅଛନ୍ତି କି ଗୋବଧ ନିବାରଣ ଉଦ୍ଦେଶ୍ୟରେ କେଉଁ ସାଧାରଣ ଆବେଦନପତ୍ର ପ୍ରସ୍ତୁତ ହେଉଅଛି ତାହା ଗବର୍ଣ୍ଣମେଣ୍ଟଙ୍କ ପ୍ରେରିତ ଏବଂ ତହିଁର ଉତ୍ତର ହେବାପର୍ଯ୍ୟନ୍ତ ସରକାରୀ ପଲଟନର ଖାଦ୍ୟସକାଶେ ଗାଈ ଓ ମାଇଁଷି ବଧ ନକରିବାର ନିଷେଧାଜ୍ଞା ପ୍ରଚଳିତ ହେଉ । ଆବେଦନକାରୀ ଦେଖାଇଅଛନ୍ତି ଯେ ଭାରତବର୍ଷର କୃଷି ଏକମାତ୍ର ବଳଦର ବଳଉପରେ ନିର୍ଭର କରେ ଅନ୍ୟାନ୍ୟ ଦେଶପରି ଏଠାରେ କଳ ଅଥବା ଘୋଡ଼ାଦ୍ୱାରା କୃଷିକାର୍ଯ୍ୟ ହୋଇ ନ ପାରେ ଓ ଭାରତବର୍ଷ କୃଷିପ୍ରଧାନ ଦେଶ ହୋଇଥିବାରୁ ଗୋରୁ ଏଥିର ସର୍ବପ୍ରଧାନ ଧନ ଅଟଇ । ସର ଉଇଲିୟମ ୱେଡରବର୍ଣ୍ଣ ମହାଶୟଙ୍କ ମତଦ୍ୱାରା ଆବେଦନକାରୀ ଏ ବିଷୟ ପ୍ରତିପନ୍ନ କରି ଦେଖାଇଅଛନ୍ତି କି ଭାରତବର୍ଷର ଗୋରୁଙ୍କର ଅବସ୍ଥା ବଡ଼ ମନ୍ଦ ହୋଇଅଛି । ସେମାନେ ଉପଯୁକ୍ତ ପରିମାଣରେ ଆହାର ନ ପାଇବାରୁ ଦୁର୍ବଳ ହେଉଅଛନ୍ତି ଏବଂ ଗୋବଧ ଅବାଧରୂପେ ଚାଲୁଥିବାରୁ ସଂଖ୍ୟା ମଧ୍ୟ ଊଣା ହୋଇ କୃଷିକାର୍ଯ୍ୟର ବିଶେଷ ବ୍ୟାଘାତ ହେଉଅଛି । ଗୋରୁଙ୍କ ଗଣ ଊଣା ହେବାରୁ ଦୁଧ ଓ ଘିଅ ଦୁର୍ମୂଲ୍ୟ ହେଉଅଛି ଏବଂ ଦୁଧରେ ପାଣି ମିଶାଇବା ଓ ଘିଅରେ ଚର୍ବି ମିଶାଇବାର ପ୍ରଥାର ବୃଦ୍ଧି ହେବାରୁ ଗବର୍ଣ୍ଣମେଣ୍ଟ ଆଇନ ପ୍ରସ୍ତୁତ କରିମଧ୍ୟ ସେସବୁ ନିବାରଣ କରିବାକୁ ସକ୍ଷମ ହେଉ ନାହାନ୍ତି । ପୁଷ୍ଟିକର ଆହାର ଅଭାବରେ ବର୍ତ୍ତମାନର ମନୁଷ୍ୟମାନେ ତାହାଙ୍କ ପୂର୍ବପୁରୁଷଙ୍କଠାରୁ କୃଶ ଓ ଦୁର୍ବଳ ହେଉଅଛନ୍ତି ଏବଂ ସାମାନ୍ୟ ଅବସ୍ଥାରେ କାଳଗ୍ରାସରେ ପତିତ ହେଉଅଛନ୍ତି । ଏସବୁ ଅନିଷ୍ଟ ନିବାରଣର ଏକମାତ୍ର ଉପାୟ ଗାଈ ଓ ମାଇଁଷିର ବଧ ରହିତକରିବା । ଏମାନେ ପ୍ରାଣରୁ ରକ୍ଷା ପାଇଲେ ଏମାନଙ୍କର ବଂଶ ବୃଦ୍ଧି ହେବ ସୁତରାଂ ବଳଦ ଓ ଘିଅଦୁଧର ଅଭାବ ଆଉ ରହିବ ନାହିଁ ।

ଅନ୍ୟାନ୍ୟ ଲୋକଙ୍କ ପ୍ରୟୋଜନରେ ଯେତେ ଗୋରୁ ବଧ ହେଉଅଛନ୍ତି ତହିଁର ସଂଖ୍ୟା ଛଡ଼ା ଦେଖାଯାଉଅଛି ଯେ କେବଳ ସରକାରୀ ପଲଟନର ଖାଦ୍ୟସକାଶେ ବର୍ଷକ ଗୋରୁ ମରାଯାଉ[illegible] ଭାରତବର୍ଷରେ ବର୍ତ୍ତମାନ ୭୫୦୦୦ [illegible] ସୀମ୍ୟ ସେନା ଅଛନ୍ତି । ଜଣପ୍ରତି ଦୈନିକ [illegible] ସେର ଲେଖାଏଁ ମାଂସ ଖର୍ଚ୍ଚ ହେଲେ ଏଥିନିମନ୍ତେ ଏମାନଙ୍କର ପରିବାର [illegible] ଗୋଟିଏ ଜନ୍ତୁର ମାଂସ ଯେ ୧୦୦ ସେର ହେଲେ ପ୍ରତିଦିନ ୩୭୫ ଗୋରୁ ବଧ ଅଛନ୍ତି ଏବଂ ଏହି ହିସାବରେ ଏହା ଖର୍ଚ୍ଚସକାଶେ ଗତ ତିରିଶବର୍ଷରେ ସ୍ୱଲ୍ପସଂଖ୍ୟକ ଗୋରୁ ଓ ମଇଁଷି ବଧ ହୋଇ[illegible] ଏଥିମଧ୍ୟରେ ମାଇଗାଈ ସଂଖ୍ୟା ୬୦ [illegible] ଏବଂ ଗାଈ ମଇଁଷି ଓ ବଳଦ ସଂଖ୍ୟା ୮୦ଲକ୍ଷ ହେବ । ଅତଏବ ସରକାରୀ କାର୍ଯ୍ୟଗୁଡ଼ିକ ଗୋଜାତିର କେମନ୍ତ କ୍ଷତି ହେଉଅଛି ତାହା ପ୍ରତ୍ୟକ୍ଷ ଦେଖାଯାଉ ଅଛି ।

ଗବର୍ଣ୍ଣମେଣ୍ଟ ବାଘ ମାରିବା ଅଇନଦ୍ୱାରା ନିଷେଧ କରୁଅଛନ୍ତି ଏବଂ ଜଙ୍ଗଲର ଉନ୍ନତି ଓ ଜଳଜନ୍ତୁଙ୍କ ରକ୍ଷାନିମିତ୍ତ ଅନେକ ଓ ଜଙ୍ଗଲ ପକ୍ଷ ଜାରି କରୁଅଛନ୍ତି କିନ୍ତୁ ଭାରତବର୍ଷରେ ସର୍ବାପେକ୍ଷା ଉପକାରୀ ଜନ୍ତୁ ଗୋରୁ ହୋଇଥିବା ପ୍ରତ୍ୟକ୍ଷେ ତାହାର ରକ୍ଷାବିଷୟରେ ଉଦାସୀନ ରହିବା କୌଣସିପ୍ରକାରେ ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ । କୃଷି ଓ ବାଣିଜ୍ୟର ଉନ୍ନତିସକାଶେ ସରକାରଙ୍କର ଗୋଟିଏ ସ୍ୱତନ୍ତ୍ର ମହକୁମା ରହି ଅନେକ ଖର୍ଚ୍ଚ ହେଉଅଛି ମାତ୍ର କୃଷିର ପ୍ରଧାନ ଅବଲମ୍ବନ ଗୋରୁ ରକ୍ଷା ନ ହେଲେ ଉକ୍ତ ମହକୁମାଦ୍ୱାରା ବଡ଼ ଉପକାର ହେବାର ସମ୍ଭାବନା ନାହିଁ । ଅତଏବ ଗୋରକ୍ଷା ବିଷୟରେ ଯଥାଶୀଘ୍ର ଧ୍ୟାନ କରିବା ଆବଶ୍ୟକ ଏବଂ ଅପାତତଃ ପଲଟନସକାଶେ ମାଇଗାଈ ଓ ମଇଁଷି ବଧ ନ ହେବ ଏପରି ଗୋଟିଏ ଆଜ୍ଞା ପ୍ରଚଳିତ ହେଲେ ଅନେକ ଉପକାର ହେବ ଏମନ୍ତ ଭଳି ବୋଧହୁଏ ବଡ଼ାଟି ଏପରି ବଧ ନିଷେଧ କରାଯାଇ ନ ପାରେ । ଏଥିରୁ ଆବେଦନକାରୀ ଜଣାଇ ଅଛନ୍ତି କି ଭାରତବର୍ଷ ଗୋଟିଏ ପ୍ରକାଣ୍ଡ ରାଜ୍ୟ ଏହାର ସବୁଠାରେ ଉକ୍ତପ୍ରକାର ବଧ ନିଷେଧ ନ କରି କେବଳ ଏକ ପ୍ରଦେଶରେ ତାହା କଲେ ଅନେକ ମଙ୍ଗଳ ହେବ ।

ଆବେଦନକାରୀଙ୍କ ଯୁକ୍ତିମାନ ଯେମନ୍ତ ନ୍ୟାୟସଙ୍ଗତ ତାହାଙ୍କ ପ୍ରାର୍ଥନା ସେମନ୍ତ ଉପଯୁକ୍ତ ଅଟଇ ଏ ବିଷୟରେ ସନ୍ଦେହ ନାହିଁ । ଆମ୍ଭେମାନେ ବିଶେଷରୂପେ ଗବର୍ଣ୍ଣମେଣ୍ଟଙ୍କ

Split by PDF Splitter
Digitized by srujanika@gmail.com

Split by PDF Splitter



ଅନୁରୋଧ କରୁଅଛୁଁ ଯେ ଏହି ଆବେଦନପତ୍ର ସୁବିଚାର ହେଉ ଏବଂ ମହାମାନ୍ୟ ଲର୍ଡ ଡଫରିନ ଏ ବିଷୟରେ ବହୁ କାର୍ଯ୍ୟ କରି ଗୋଟିଏ ମହତ କୀର୍ତ୍ତି ରଖିଯାଉନ୍ତୁ ।

ପରିଶେଷରେ ଆବେଦନକାରୀଙ୍କ ପ୍ରାର୍ଥନାମତେ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଏ ବିଷୟରେ ଯାହାଙ୍କର ସହାନୁଭୂତି ଅଛି ସେମାନେ ଆପଣା ଅଭିପ୍ରାୟ ତାହାଙ୍କୁ ଜଣାଇଲେ ସେ କୃତ ବାଧିତ ହେବେ । ତାହାଙ୍କ ନିକଟକୁ ପତ୍ର ଲେଖିଲେ ଲଫାଫାଉପରେ ଏହିପରି ଲେଖିବାକୁ ହେବ ଯଥା-ଶ୍ରୀଯୁକ୍ତ ସି, ଏସ, ଯଶାବାଲା ଦ୍ୱିତୀୟ ମେସନ ଲାଇନସ୍, କଟକ ।

---

# ସାପ୍ତାହିକସଂବାଦ ।

ଗତ ବୁଧବାର ସନ୍ଧ୍ୟାରୁ ଏଠା ମହାନଦୀ କାଠଯୋଡ଼ୀ ନଦୀମାନ ବଢ଼ିବାର ସୂତ୍ରପାତ ହୋଇଅଛି । କିନ୍ତୁ ବର୍ଷାସବୁ ଏପର୍ଯ୍ୟନ୍ତ ସାକ୍ଷାତ ନାହିଁ । କେବଳ ମେଘାଡ଼ମ୍ବର ହେଉଥିଲେହେଁ ବଜ୍ରପତନ ବଡ଼ ବଢ଼ିଲ । ଲୋକମାନେ ଚାତକପରି ପାଣିକୁ ଅନାଇ ବସିଅଛନ୍ତି ।

ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ବଙ୍କାଲାର ମଫସଲରୁ ଗତ ରବିବାର ଫେରି ଆସିଅଛନ୍ତି ।

ଆମମାନଙ୍କର କଲେକ୍ଟର ସାହେବ ଗତ ବୁଧବାର କନକା ଯାଇଅଛନ୍ତି । ସେଠାରେ କୋନଗାଣ ତଦନ୍ତ କରି ତୁରନ୍ତ ଯେବେ ସେ ଅଞ୍ଚଳରେ ସମ୍ଭବତଃ ଏକସପ୍ତାହରେ ଫେରିଆସିବେ ।

ଏ ନଗରକୁ ଜଣେ ସାମାନ୍ୟ କନ୍ତୁରୂପା ଆସିଅଛି ।

ବୃଦ୍ଧ ପାଦ ଶ୍ରୀମନ୍ତ କେତେକ ଯୁବକ ଗୋଟିଏ permanent theatrical club ସ୍ଥାପନ କରିବାକୁ ଇଚ୍ଛା କରି ଉକ୍ତ ଉହାକୁ କାର୍ଯ୍ୟରେ ପରିଣତ କରିବା ପ୍ରକାଶେ ସାଧ୍ୟାନୁଯାୟୀ ଚେଷ୍ଟା କରୁଅଛନ୍ତି ଶୁଣିଲୁଁ ଆଗତ ଦୁର୍ଗାପୂଜା ସମୟରେ ଏମାନେ ନାଟ୍ୟଭୂମିରେ ଅବତୀର୍ଣ୍ଣ ହେବେ ।

ଶ୍ରୀମତୀ ସୁଶୀଳା ରାଉଳ ଯେ କି ଏଠାରୁ କାଲେଜର ଡିଷ୍ଟ୍ରିକ୍ଟବୋର୍ଡ଼ଦ୍ୱାରା କାଲେଜର ବାଳିକାବିଦ୍ୟାଳୟସମୂହର ଇନ୍‌ସ୍ପେକ୍ଟରେସ ପଦରେ ନିଯୁକ୍ତ ହୋଇ ଯାଇଥିଲେ; ଡାଇରେକ୍ଟର ସାହେବଙ୍କ ଆପତ୍ତି ଅନୁସାରେ ବୋର୍ଡ଼ ତାଙ୍କୁ ଅମାଙ୍କ ପରେ କାର୍ଯ୍ୟରୁ ଅପସୃତ ହେବାପାଇଁ ଗୋଟିଏ ନୋଟିସ ଜାହାର କରିଥିଲେ । ସମ୍ପ୍ରତି ବିଶ୍ୱସ୍ତ ସୂତ୍ରରୁ ଅବଗତ ହେଲୁଁ ଯେ ସେ ଗତ ମାସ ତା ୧ ରିଖଠାରୁ କାଲେଜର ମିଶନବାଳିକାବିଦ୍ୟାଳୟର ତତ୍ତ୍ୱାବଧାରିକା ଶ୍ରୀମାନଙ୍କସ୍ୱା ମିଶେସ୍ ବ୍ରିଥଙ୍କର ଆସିଷ୍ଟେଣ୍ଟସ୍ୱରୂପ ନିଯୁକ୍ତ ହୋଇ କାର୍ଯ୍ୟ କରୁଅଛନ୍ତି । ଏହା ଅତୀବ ଆନନ୍ଦର ବିଷୟ ଅଟେ । ଶ୍ରୀମତୀ ସୁଶୀଳା କଟକ ମିଶନ ବାଳିକାବିଦ୍ୟାଳୟରୁ କାଲେଜର ଡିଷ୍ଟ୍ରିକ୍ଟବୋର୍ଡ଼ଦ୍ୱାରା ନିଯୁକ୍ତ ହୋଇ ଯାଇଥିଲେ । ବୋର୍ଡ଼ ତାଙ୍କ ପାଇଁ କାର୍ଯ୍ୟ ନ ଯୋଗାଇଣୁ ସେ ଅଳ୍ପସମୟ ମଧ୍ୟରେ ନୂତନ କର୍ମ ପ୍ରାପ୍ତ ହୋଇଅଛନ୍ତି । ଓଡ଼ିଶାରେ ଯେତେ ଜଣ ପରୀକ୍ଷୋତ୍ତୀର୍ଣ୍ଣ ବାଳିକା ଥିଲେ ଏହାଙ୍କ ମଧ୍ୟରେ ସୁଶୀଳା ସର୍ବପ୍ରଥମରେ କାର୍ଯ୍ୟ କରିବା ପାଇଁ କାଲେଜକୁ ଯାଇଥିଲେ । ସେ କର୍ମଶୀଳା ଏବଂ ବୁଦ୍ଧିମତୀ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

## କଲିକତା-ଗେଜେଟ ।

ଉଦରଣର ସବ୍‌ଡିଭିଜନାଲ ଅଫିସର ମିଃ ଡି, ଯେ, ମେଣ୍ଡ୍ରିମ୍ କାଲେଜରର ସଦର ମହକୁମାରେ ସ୍ଥାପିତ ହେଲେ ।

ବର୍ତ୍ତମାନ ଛୁଟିସ୍ଥିତ କାଲେଜରର ଡେଃ କଲେକ୍ଟର ଓ ଡେଃ ମାଜିଷ୍ଟ୍ରେଟ ବାବୁ ଅମୃତଲାଲ ମିତ୍ର ଉଦରଣ ସବ୍‌ଡିଭିଜନର ଭାର ଗ୍ରହଣ କରିବେ ।

ଗତବର୍ଷର ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଓଡ଼ିଶା ସ୍କୁଲରୁ ଉଲ୍ଲିଖିତ ଛାତ୍ରମାନେ ବୃତ୍ତିପ୍ରାପ୍ତ ହୋଇଛନ୍ତି ।

ଦ୍ୱିତୀୟ ଶ୍ରେଣୀ ।

| | | |
|---|---|---|
| ମହମ୍ମଦ ଅଲି | ରେଭେନସା କଲେଜିଏଟ | ସ୍କୁଲ |
| ମଧୁସୂଦନ ଦାସ | ପୁରୀଜିଲ୍ଲା | " |
| ସୁଦର୍ଶନ ଦାସ | " | " |
| ପ୍ରିୟନାଥ ସେନ | ରେଭେନସାକଲେଜିଏଟ | " |

ତୃତୀୟ ଶ୍ରେଣୀ ।

| | | |
|---|---|---|
| ପ୍ରତାପଚନ୍ଦ୍ର ମହାନ୍ତି | ରେଭେନସାକଲେଜିଏଟ | " |
| ଉପେନ୍ଦ୍ରନାରାୟଣ ଦତ୍ତ ଗୁପ୍ତ | ଲକ୍ଷ୍ମଣନାଥ | " |
| ଶ୍ୟାମସୁନ୍ଦର ନନ୍ଦ | ରେଭେନସାକଲେଜିଏଟ | " |
| ଗୋପୀନାଥ ଗୁପ୍ତ | କାଲେଶ୍ୱରହାଇ | " |
| ତ୍ରୈଲୋକ୍ୟନାଥ ଦତ୍ତ | ପୁରୀଜିଲ୍ଲା | " |
| ଦେବେନ୍ଦ୍ରନାଥ ଦାସ | " | " |

---

ପାଟନାର ଜଜ ହାର୍ଲିକଙ୍ଗ ସାହେବଙ୍କ ଦୌରାତ୍ମ୍ୟ ହେତୁରୁ ଗବର୍ଣ୍ଣମେଣ୍ଟ ତାଙ୍କଠାରୁ କୈଫିୟତ ତଲବ କରିଥିଲେ କିନ୍ତୁ ଶୁଣା ଯାଉଅଛି ଯେ ସେ ଏସମୟରେ ଫର୍ଲୋ ଗ୍ରହଣ କରନ୍ତି । ସିଭିଲସର୍ଭାଣ୍ଟମାନଙ୍କଠାରୁ କୌଣସି ଦୋଷର କୈଫିୟତ ତଲବ ହେଲେ ସେମାନେ ଅପରାଧରୁ ଅବ୍ୟାହତି ପ୍ରାପ୍ତ ହେବା ପାଇଁ ଫର୍ଲୋ ଗ୍ରହଣ କରନ୍ତି । ଉପାୟ ମନ୍ଦ ନୁହଇ ।

ଛୋଟଲାଟ ବାହାଦୁର ଗୋଟିଏ ସର୍କ୍ୟୁଲର ଜାରି କରି ଅଛନ୍ତି ଯେ କୌଣସି ମାଜିଷ୍ଟ୍ରେଟ ଇଉରୋପୀୟମାନଙ୍କ ଉପରେ ବେତ୍ରାଘାତଦଣ୍ଡର ବ୍ୟବସ୍ଥା କରିପାରିବେ ନାହିଁ । କେବଳ ଯେଉଁମାନେ ବଦମାସ୍ ଓ ଯେଉଁମାନଙ୍କର ବୟସ ଅଳ୍ପ ସେମାନେ ଉକ୍ତ ଦଣ୍ଡର ଯୋଗ୍ୟ ହୋଇ ପାରନ୍ତି ।

କଲିକତାରେ ଜଣେ ମୁସଲମାନ ଏକଘୋଡ଼ା ପାଗ ଶେଷ କରିଥିବା ଦୋଷରେ ଏହାର ଏକମାସ କାରାଦଣ୍ଡ ହୋଇଅଛି ।

ବର୍ତ୍ତମାନ ପୁରୀଜିଲ୍ଲା ସ୍କୁଲସମୂହର ଡେଃ ଇଃ ବାବୁ ପ୍ୟାରୀମୋହନ ସେନ ଉପସ୍ଥିତ ହୋଇ ତଣାହଣ୍ଡା ଇଲାକା ବିଦ୍ୟାଳୟମାନ ପରିଦର୍ଶନ କରୁଅଛନ୍ତି ।

କଲିକତାର ନିକଟବର୍ତ୍ତୀ ଶ୍ୟାମପୁର ନାମକ ଗ୍ରାମରେ ନଦ୍ୟାଲ ନାମକ ଜ ୧ ଣ ଭଣ୍ଡାରୀ ଆପଣା ସ୍ତ୍ରୀର ଉପପତିକୁ ପ୍ରାଣରେ ମାରି ପକାଇଥିବାର ସମ୍ବାଦ ମିଳିଲା । ଉକ୍ତ ଭଣ୍ଡାରୀର ସ୍ତ୍ରୀ ସଙ୍ଗେ ଗୌରଦାସ ବୈରାଗୀ ନାମକ ଜଣେ ଲୋକ ପାପଗୋଷ୍ଠି କରିଥିବାରୁ ଭଣ୍ଡାରୀର ମନରେ ସନ୍ଦେହ ଜାତ ହୋଇଥିଲା । ଦିନକରେ ସେ ଅଣିରେ ଏକାନ୍ତ 'ଦେଖି ଦୁଇପ୍ରହର ବେଳେ ବୈରାଗିକୁ ଶୋଇଥିବା ଅବସ୍ଥାରେ ହାଣି ପକାଇଲା ।

ଫ୍ରାନ୍ସଦେଶରେ ଘୋଡ଼ାମାଂସର ଆଦର ବେଶି ହୋଇଥିବାର ସମ୍ବାଦ ମିଳିଲା । କଥିତ ହୁଏ ସନ୧୮୮୭ ମସିହାରେ କେବଳ ଶୋ ୮୭୨ ଟି ଘୋଡ଼ା ମରା ହୋଇଥିଲା ମାତ୍ର ଗତବର୍ଷ ୧୬୦୦୦ ଘୋଡ଼ା ମରା ହୋଇଅଛି । ଏଥିରୁ ଅନୁମାନ କର ମାଂସ ଫରାସିସ୍‌ମାନଙ୍କ ଉଦରରେ ଅଛି ।

ଗତ ମାସ ତା ୨୪ ରିଖର ପାରିସନଗରର ତାରସମ୍ବାଦରୁ ପ୍ରକାଶ ଯେ ଉକ୍ତ ନଗରରେ ଫ୍ରାନ୍ସଦେଶକୁ ରାଜାଦ୍ୱାରା ଶାସନ କରାଇବାର ଯେଉଁମାନଙ୍କର ମତ ସେମାନଙ୍କର ଭୋଜର ଧୂମଧାମ ଲାଗି ଅଛି ଏବଂ ସମସ୍ତେ କୋମତ ଡ ପାରିସଙ୍କୁ ରାଜା ବୋଲି ମନୋନୀତ କରିଅଛନ୍ତି । ଲକ୍ଷଣ ସହଜ ନୁହଇ ।

ମାନ୍ଦ୍ରାଜଠାରେ ଗୋଟିଏ ଜାହାଜର ଯେଉଁଶାଳରେ ଖାଦ୍ୟ ରନ୍ଧାଯାଏ ଉକ୍ତ ସ୍ଥାନରୁ ଖାଦ୍ୟ ବାହାର କରିବା ସମୟରେ ହଠାତ୍ ବାଷ୍ପ ଉତ୍ଥିତ ହୋଇ ତତ୍କାଳ ଜ ୫ ଣ ଲୋକ ମୃତ ହୋଇଅଛନ୍ତି । ପ୍ରଥମେ ଦୁଇଜଣ ଲୋକ ଉକ୍ତ ବାଷ୍ପ ଆଘ୍ରାଣ କଲା ମାତ୍ରକେ ପ୍ରାଣତ୍ୟାଗ କଲେ ଏବଂ ସେମାନଙ୍କୁ ଉଦ୍ଧାର କରିବାକୁ ଆସି ଅନ୍ୟ ଜ ୩ ଣ ଅଚେତନ ହୋଇ ଇହଲୀଳା ସମ୍ବରଣ କଲେ । ଅନ୍ୟ କେତେକ ଜଣ ପ୍ରାୟ ମୃତାବସ୍ଥା ପ୍ରାପ୍ତ ହୋଇଥିଲେ ମାତ୍ର ଡାକ୍ତର ସେଷ୍ଟାରକୁ ଶୀଘ୍ର ଆସିଯିବାରୁ ଉଦ୍ଧରି ଗଲେ ।

ଗତ ଜୁନ ମାସ ତା ୫ ରିଖରେ ମହୀଶୂର ମହାରାଜାଙ୍କ ପୁତ୍ରର ନାମକରଣ କ୍ରିୟା ମହା ସମାରୋହରେ ସମ୍ପନ୍ନ ହୋଇ ଯାଇଥିବାର ସମ୍ବାଦ ମିଳିଲା । ମହାରାଜା ଏତଦୁପଲକ୍ଷରେ ଅନ୍ୟୁନ ଟ ୫୦୦୦୦ ଙ୍କା ଖର୍ଚ୍ଚ କରିଥିବାର କଥିତ ହୁଏ ।

ଜର୍ମାନର ନୂତନ ସମ୍ରାଟ ଉଇଲିୟମ ସିଂହାସନାରୂଢ ହେବା ସମୟରୁ ଯେଉଁବକ୍ତୃତା କରିଥିଲେ ତାହା ଶାନ୍ତିସୂଚକ ଅଟଇ । ଅଷ୍ଟ୍ରିଆ, ରୁଷିଆ ଓ ଇଟାଲି ସଙ୍ଗେ ପୂର୍ବ ପ୍ରାୟ ସଦ୍ଭାବ ରଖିବାର ସମ୍ରାଟ ପ୍ରକାଶ କରିଅଛନ୍ତି ଏବଂ ଇଂଲଣ୍ଡପ୍ରଭୃତି ପ୍ରଧାନ୨ ଦେଶର ସମ୍ବାଦପତ୍ରମାନେ ଏକମୁଖରେ ସମ୍ରାଟଙ୍କର ପ୍ରଶଂସା କରୁଅଛନ୍ତି । ଫ୍ରାନ୍ସ ମଧ୍ୟ ସନ୍ତୁଷ୍ଟ ଅଛି ମାତ୍ର ବକ୍ତୃତାରେ ଫ୍ରାନ୍ସଦେଶର ଅଣୁମାତ୍ର ଉଲ୍ଲେଖ ନ ଥିବାରୁ ସେମାନେ ଟିକିଏ ନାରାଜ ଅଛନ୍ତି । ତଥାପି ପୂର୍ବରୋକ୍ତଙ୍କ ଶାନ୍ତି ରକ୍ଷା କରିବା ପ୍ରକାଶେ ସମ୍ରାଟ ସାଧାରଣରୂପେ ଆଶ୍ୱାସ ଦେଇଥିବାରୁ କୌଣସି ଅମଙ୍ଗଳର ଆଶଙ୍କା ନାହିଁ ।

କଲିକତାରେ ଷ୍ଟାରଥିଏଟର ନାମରେ ଗୋଟିଏ ଦେଶୀୟ ନୂତନ ରଙ୍ଗଭୂମି ନିର୍ମିତ ହୋଇଅଛି । ଏହା ନିର୍ମିତ ହେବାରେ ପ୍ରାୟ ଦେଢ଼ଲକ୍ଷଟଙ୍କା ବ୍ୟୟ ହୋଇଅଛି ସୁତରାଂ ରଙ୍ଗଭୂମିର ଆଡ଼ମ୍ବର ଯେ ଅତ୍ୟନ୍ତ ମନୋହର ଓ ଚମତ୍କାର ହୋଇଅଛି ଏହା ବୋଲିବା ବାହୁଲ୍ୟ, ଏଠାରେ ଦେଶୀୟହସ୍ତଃକା ଏପରି ରଙ୍ଗଭୂମି ପ୍ରକାଶେ ମିଳୁ ନାହିଁ ।

ବିଲାତରେ ସଂକ୍ରାମକରୋଗସମ୍ବନ୍ଧୀୟ ଆଇନ ଉଠିଯିବାରୁ ସେଠା ପାର୍ଲିଆମେଣ୍ଟ ଭାରତବର୍ଷରେ ଜାରିଥିବା ସେହିପରି ଆଇନମାନ ଉଠାଇ ଦେଉଅଛନ୍ତି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ବରଷା ନ ହେବାରୁ କେନ୍ଦ୍ରାପଡ଼ା ସବ୍‌ ଡିଃ । ର । ତେ ଆଶୋ ଫସଲର ସମ୍ଭାବନା ନ ଥିଲା ଗତ କାଲି କେତେକ ପରିମାଣରେ ବୃଷ୍ଟି ହେବାରେ ଧାନ ବୁଣା ହେଉଅଛି ।

ଅଳି କନ୍ଥାର କେତେକ ପ୍ରଜା ଶ୍ରୀଯୁତ ଶ୍ରୀ କଲେକ୍ଟର ସାହେବଙ୍କ ନିକଟରେ ନୂତନ ମହାରାଜା ଅଧ୍ୟାକ୍ଷର କାର୍ଯ୍ୟ-

Digitized by srujanika@gmail.com

Split by PDF Splitter

222



ବିଷୟରେ ଦରଖାସ୍ତ କରିବାରେ ସାହେବ ପ୍ରଶଂସିତ ଉକ୍ତ ଦରଖାସ୍ତକୁ କେନ୍ଦ୍ରାପଡ଼ା ସଃ ଡୀଃ ର ଭାରପ୍ରାପ୍ତ ହାକିମଙ୍କ ନିକଟକୁ ପଠାଇ ଥିବାରୁ ସାହେବ ମହୋଦୟ ଉକ୍ତ ବିଷୟର ତଦନ୍ତ କରୁଅଛନ୍ତି ଶୁଣିବାରେ ନୂତନ ସଡ଼କର କୌଣସି ଦୋଷ ନାହିଁ ହେତୁ କି ସେ ଅତଃପରକାଳ ହେସ ସନ୍ଧ୍ୟାର ଘର ପ୍ରତିଷ୍ଠା କରିଅଛନ୍ତି ପ୍ରଜାମାନଙ୍କର ନୂତନ ସଡ଼କପ୍ରତି ଏତ୍ର-ତାର କରିବାର କାରଣ ହୋଇ ନାହିଁ ।

ବାବୁ ବୈଦ୍ୟନାଥ ରାୟ ପେନ୍‌ସନ ଜାନଗୋଇ ସେ କି ବର୍ତ୍ତମାନ କେନ୍ଦ୍ରାପଡ଼ାର ସ୍ୱାଧୀନ ବେଞ୍ଚର ଜଣେ ଅବୈତନିକ ମାଜିଷ୍ଟ୍ରେଟ ଥିଲେ ସେ ଗତମାସ ତା ୧୮-୧୯ ଘରରେ ବେଞ୍ଚ ନିର୍ମାଣ ନିମନ୍ତେ ବଦ ଡହିଁ ର ବୃଥବକ ପର ମାନବସଭା ସ୍ମରଣ କରିଅଛନ୍ତି ବାବୁ ପ୍ରଂଶଂସିତ ଅତି ଉତ୍ତମ ବ୍ୟକ୍ତି ଥିଲେ ତାଙ୍କ ମରଣରେ ସମସ୍ତେ ଦୁଃଖିତ ଅଛନ୍ତି ।

କେନ୍ଦ୍ରାପଡ଼ା ଥାନା ମଧ୍ୟରେ ଚୈତ୍ରମାସ ଶେଷ ପଞ୍ଚ ବୃଷ୍ଟି ଦେଖାଯାଏ ଓ ଅତଥାର ଉତ୍ତାପରେ ମଧ୍ୟ ଉକ୍ତ ରୋଗର ପ୍ରାଦୁର୍ଭାବ ବିଶେଷ ପରିମାଣ ଜଣାଯାଉଥିଲା ଏତ-ଦ୍ଦିନ୍ତୁ ସାନ୍ତ ହୋଇ ନାହିଁ ।

ଗତ ଜ୍ୟେଷ୍ଠ ପୂର୍ଣ୍ଣିମା ଉପଲକ୍ଷେ କେନ୍ଦ୍ରାପଡ଼ାର ଠାକୁରାଣୀ ସୋତ୍ସବମାନେ ନୂତନ ଲୁଗା ପିନ୍ଧିବାର ପ୍ରଥା ଦେଖାଯାଏ ଓ ତାହା ପୂର୍ବକୁ ଦସ୍ତୁର ଅନୁଷ୍ଠାନ ସ୍ନାନଯାତ୍ରା ଶ୍ରୀବଳ-ଦେବଜୀଉଙ୍କ ସ୍ନାନଯାତ୍ରା ଅବସରରେ ପ୍ରାୟ ୧୦ ହଜାର ଲୋକ ପତର ସମବେ ଉପସ୍ଥିତ ଥିଲେ ସୀ ସଂଖ୍ୟା ଅଧିକ ଏଥିରେ କଣ୍ଠ ଦୁର୍ଘଟନା ହୋଇ ନାହିଁ ମେସାହୁନ୍ ଥିବ ବନ୍ଦ ପଡ଼ିଲ ହୋଇ ନାହିଁ ।

।ପ୍ର। ଅସୁରେଶ୍ୱର ।ଜୌ। ଠାକୁରପାଟଣା ଗ୍ରାମରେ ଗୋ ୧ ଓ ଅମ୍ବଗଛରେ ବଜ୍ରପଡ଼ି ଭୂଲ୍ୟ ଗଛ ଖଣ୍ଡଖଣ୍ଡ ଅବୋରସ୍ତରେ ସ୍ୱୀ କୌଣସି ସମୟରେ ନଷ୍ଟ ନାହିଁ ।

## ତଣାହଟ୍ଟା-ସମ୍ବାଦ ।

ବରତ ମଙ୍ଗଳବାର ଏଥିସ୍ଥଳର ଉତ୍ତାନିକ ରୋହୀନ ହୋଇ ଅନେକ ବୃଷ୍ଟି ଓ ବର୍ଷା ସବମାନ ପଡ଼ିପକାଇ-ଅଛି । ଏବା ସଙ୍ଗେ ସାମାନ୍ୟ ବୃଷ୍ଟି ହୋଇଅଛି । ଏତନ ସଁଙ୍ଗ ନାମକ ଗ୍ରାମରେ ଜଣେ କୃଷକ କ୍ଷେତ୍ର କର୍ଷଣ କରିବା-ସମୟରେ ତାହା ଉପରେ ବଜ୍ରପାତ ହୋଇ ତତ୍କ୍ଷଣାତ ଉତ୍ପ-ସ୍ଥଳ ସ୍ମରଣ କରିଅଛି ଓ ଗୋଟିଏ ବଳଦ ପଞ୍ଚତ୍ୱ ପ୍ରାପ୍ତ ହୋଇଅଛି ।

ତମ୍ପାପତ୍ରର ବଣେ ହେନ "କନ୍ନାପାଳିସୁର" ଛକଡ଼-ତୀ ସେକପଟଣାରେ ଦଖଲ ହୋଇ ଉଠିବନ ବିଦେଶ ବାହାରେ ଯିବାକୁ ପାହାର ସ୍ତ୍ରୀ ଅଙ୍ଗ ଜଣେ ବଡ଼ାନ୍ ହୋଇ-ଅଛି । ବିଦେଶସ୍ଥ ସ୍ୱାମୀ ବର୍ତ୍ତମାନ ଅସି ପହଞ୍ଚି ଅଛନ୍ତି । ପଞ୍ଚ-ସ୍ତରେ କଣ ହେବ । ଲେଡ଼ି ଗୁଡ଼ିଚ ବତୁର୍ଣ୍ଣାକ ବହୁଗଲଣି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନାହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-ସମୀପେଷୁ

ମହାଶୟ !

କଟକ ନୂଆସଡ଼କ ନିବାସୀ ଶ୍ରୀଯୁକ୍ତ ବାବୁ ଉମାଚରଣ ବିଶ୍ୱାସ ଇଞ୍ଜିନିୟର ମହାଶୟ ଅମ୍ଭମା-ନଙ୍କ "ଜଗନ୍ନାଥ ଥିଏଟର" ନିମନ୍ତେ ସମସ୍ତ "ଷ୍ଟେଜ" ଏବଂ "ସିନ୍" ଇତ୍ୟାଦି କରାଇ-ବାକୁ ପ୍ରସ୍ତୁତ ହୋଇ ଅଛନ୍ତି । ଅଦ୍ୟକୁ ୦।୧୫ ନ ହେଲା କର୍ମ ଆରମ୍ଭ କରାଇ ଅମ୍ଭମାନଙ୍କୁ ଯତ୍ନଥାଚିତ ଉତ୍ସାହଦାନ କରୁଅଛନ୍ତି । ଏପରି ବାବୁ ମହାଶୟ କହୁଅଛନ୍ତି ଥିଏଟର ନିମନ୍ତେ ଯେତେ ଖର୍ଚ୍ଚ ଲାଗିବ ତାହା ସବୁ ସେ ଦେବେ । ଏପରି ଏକ ବୃହତ୍ କାର୍ଯ୍ୟରେ ହସ୍ତକ୍ଷେପ କରି-ବାରେ ବାବୁ ମହୋଦୟଙ୍କର ଯଥେଷ୍ଟ ଉଦା-ରତା ଓ ସ୍ୱଦେଶହିତସାଧନେଚ୍ଛା ଥିବାର ପ୍ରକାଶ ପାଉଅଛି । ବୃତକାର୍ଯ୍ୟ ହେବାର ଦେଖିଲେ ଅନେକ ଲୋକ ଆନନ୍ଦିତ ହେବେ ।

ଆପଣଙ୍କର ବଶମ୍ବଦ
ସାତକଡ଼ିଶ୍ୱରଦାସ
ଜଗନ୍ନାଥ ଥିଏଟର ସମ୍ପାଦକ

କଟକ

---

ମହାଶୟ !

ପ୍ରାୟ ୧ ମାସପୂର୍ବେ ଲବଣକର ଉଣାହେବ ସ୍ପଷ୍ଟଭାବେ ପୁଲିସବାଲା ପ୍ରତିହାଟରେ ନାଗରା ବଜାଇ "ପ୍ରତିମହଣ ମୂଲ୍ୟ ଟ ୨।୲ କା ଧାର୍ଯ୍ୟ ହେଲା ଏହି ଆଦେଶ ଦେଇବାରୁ ବର୍ତ୍ତମାନ ଲବଣବିକ୍ରେତାମାନେ ମହଣ ଟ ୩।୵୬ ଦର ବିକ୍ରୟ କରୁଅଛନ୍ତି । ଏହି ସମୟରେ ଲବଣ-କର ଆଉ କଷ୍ଟଦନ ରହିଲେ ଗରିବ ଲୋ-କମାନେ ଜୀବନଧାରଣ କରିପାରିବେ କି ? ଯେହେତୁ ସେମାନେ ଅର୍ଥାଭାବରୁ ବଡ଼ କଷ୍ଟରେ ଦିନ ସମୟାତିପାତ କରୁଅଛନ୍ତି । ଏବେ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ, ତହିଁରେ ପୁଣି ଲବଣକର ବୃଦ୍ଧି ହେଲେ ସେମାନେ ଓ ସେ-ମାନଙ୍କର ପରିବାର ବର୍ଗ କିପରି ଚଳିବେ ?

ଏତେବେଳେ ଗରିବଲୋକମାନେ ଯେପରି କଷ୍ଟରେ ଚଳୁଅଛନ୍ତି ତାହା ଦେଖିଲେ କେଉଁ ଅକର୍ମଣ୍ୟ ଦୃଢ଼ୀଭୂତ ନ ହେବ ସେ ଉତ୍କଳ-ବାସି ନୁହନ୍ତି । ଆପଣମାନେ ଏତେବେଳେ ଅତି କାହିଁକି ନୀରବ ହୋଇଅଛନ୍ତି, ଶୀଘ୍ର ଏ ବିଷୟରେ ମନୋଯୋଗ ଦେଇ ଗରିବ-ଲୋକମାନଙ୍କ ଦୁର୍ଦ୍ଦଶା ଖଣ୍ଡନ କରନ୍ତୁ ।

ଏକାନ୍ତ ବଶମ୍ବଦ
ଶ୍ରୀ ଗୋଲକଚନ୍ଦ୍ର ଦାସ

ତଣାହଟ୍ଟା

---

ମହାଶୟ !

ଅନେକାର ଗଡ଼ିବାରେ ଫୌଜଦାରୀ ଜାମିନ-ସମ୍ବନ୍ଧୀୟ ମାନ୍ୟବର ହାଇକୋର୍ଟଙ୍କର ନୂତନ ଆଦେଶ ଆପଣ ପ୍ରଚାର କରି ତହିଁରେ ଅନେକ ପ୍ରକାଶ କରିଅଛନ୍ତି । କେବଳ ଆଇନ୍‌ଜ୍ଞ ଲୋକ ଛଡ଼ା ଦେଶର ସମ୍ପ୍ରଦାୟ ଲୋକ ଆପଣଙ୍କ ସହିତ ଏକ ମତ ହୋଇ ଆନନ୍ଦରେ ମାନ୍ୟ-ବର ହାଇକୋର୍ଟଙ୍କୁ ଭୂରି ଧନ୍ୟବାଦ ଦେବେ, ଯେହେତୁ ଫଉଜଦାରୀ ଜାମିନ-ଆସାମିମାନଙ୍କ ପ୍ରତି ପ୍ରବୃତ୍ତ ଯେ ପୀଡ଼ାଜନକ ହୋଇପଡ଼ିଥିଲା ଏଥିରେ ସନ୍ଦେହ ନାହିଁ । ଆଜିକାଲି ଯେବେ ଜାମିନ ହେଇ ଅଛନ୍ତି ସେମାନେ ଏହାର ପ୍ରମାଣ ଦେବେ, ଓ ମଧ୍ୟ ଉକିଲ ମୋକ୍ତାରଆଦି ସମସ୍ତେ ତହିଁର ସାକ୍ଷି ଅଛନ୍ତି । ଜାମିନ କ୍ଷମ କାହାକୁ ଜଣା ନାହିଁ ? ହୋଷ୍ଟ-ଫୁଲସ ଜାମିନ-ବ୍ୟକ୍ତିଠାରୁ ଜାମିନ ଗ୍ରହଣ କରିବା ପୂର୍ବରେ ଆପଣାର ଜାମିନ କ୍ଷମ ହାକିମରେ ଦେଖାଇ । ତାହା ନ ହେଲେ ଏବା ଧାରାରୁ କଷ୍ଟ ଉଣା-ଥିବ ହେଲେ, ଉପଯୁକ୍ତ ଜାମିନଦାର ଉପସ୍ଥିତ ଥାଉ ନା କାହିଁକି, ଜାମିନ ବ୍ୟକ୍ତି କେତେ-ବେଳେବେଳେ ମୁକ୍ତ ପାଇବାକୁ ପାରୁ ନ ଥିଲା ; ଅନେକ ଥର ଏକାରଣରୁ ଅସାମୀ ହାଜତକୁ ପଠାଯିବାର, ପୁଣି କେତେବେ ହାଜତରେ ୨।୩ ଦିନ ରହିଲା ପର ଜାମିନ ବନ୍ଦୋବସ୍ତ ହେଲେ ସେଠାରୁ ମୁକ୍ତ ପାଇଥିବା-ବିଷୟ ଆମ୍ଭକୁ ଜଣାଅଛି । ଏହି ଜାମିନ-ସହାୟେ ଯେ କେବଳ ଏ ହାଲର କୋର୍ଟ-ଅମଲା ଦୋଷୀ ଅଛନ୍ତି ଏମନ୍ତ ନୁହେ, ଏମାନଙ୍କ ପୂର୍ବପୁରୁଷ—ଅର୍ଥାତ୍ ପୂର୍ବାଧିକାରୀମାନେ ଏହି ଲୁଗାଭଳି ପୁରୁଷାନୁକ୍ରମେ ଗଡ଼ାଇ ଆଣିଅଛନ୍ତି । "ପୁରୁଣାପୁଲିସ" ର ଏ ଗୋଟିଏ ପାର୍ଶ୍ୱଚିତ୍ର ସନ୍ତାନ—ଏକପ୍ରକାର ପ୍ରଜାପୀଡ଼କ ଘର—ଯାହାର ମସ୍ତ ମାନ୍ୟବର ହାଇକୋର୍ଟ ଖଣ୍ଡା-ଧାରରେ ଛେଦନ କରିଅଛନ୍ତି । ଗତକାଲି ଟ ୫୦୲ କା ହେବାର ଯେ କଥା ବିଷୟ ଆପଣ ଲେଖି ଅଛନ୍ତି, ତାହା ପ୍ରାୟ ସବୁଠାରେ ପ୍ରଚଳିତ ଥିଲା (ଅଥବା କର ଆଉ ନାହିଁ ଓ ହେବ ନାହିଁ) ମାତ୍ର କୌଣସିଠାରେ ଟ ୧୦୦୲ କା ଥିବାର ଅମ୍ଭେ ଦେଖୁ ନାହିଁ । ୧୬ ବର୍ଷ ତଳେ ଅମ୍ଭେ ଏପ୍ରଦେଶୀୟ କୌଣସି ସଦରକୋର୍ଟ ଥିଲୁ ଅମୁକ ଉପରିସ୍ଥ କର୍ମଚାରୀ ଜଣେ ସାହେବ ଥିଲେ, ସେଠାରେ ସେହି ଟ ୫୦୲ ଲେଖି ଚଳୁ ଥିଲା । ଦରଖାସ୍ତ ଜାମିନ ବ୍ୟକ୍ତି ଅଠଅଣା ଦେବାକୁ ନ ପାରିଲେ ହାଜ-ତକୁ ପଠାଯାଉଅଛି । ମାଷ୍ଟ ଧରିଶା କରନ୍ତୁ

Digitized by srujanika@gmail.com

Split by PDF Splitter



ଏବେ କୋର୍ଟର ଏହି ପ୍ରଧାନ ଉପାୟର ମୂଳରେ କୁଠାର ଲାଗିଅଛି ପୁଣି ଅଭାଗା ଆସାମିମାନଙ୍କ କୋର୍ଟ ଉପରେ କୋର୍ଟର ଲଳାଟଲିପି ଅଉ ତଥା ଯିବ ନାହିଁ । ସେ ଯାହା ହେଉ ଦୁଃଖର କଥାଯେ "କୋର୍ଟବାବୁ-ଙ୍କ"ର ଲେଖିଥିବା କଥାଟି ହାଇକୋର୍ଟର ଗୋଚର ହେବା ସମୂଳେ ଦର୍ଶାଇତ କରଦେଲା । "କୋର୍ଟବାବୁଙ୍କ" କଥାଟି ଉଠିଗଲା ! ଏବେ ଆଦାଲତର ଜୁଲମ ଉପର ଗର୍ଜିବ ତହିଁର ଏକ ଉପାୟ ଆପଣ ଏବା ଆପଣଙ୍କ ବହୁ ସମ୍ପାଦକ ସୁବିଜ୍ଞ ପାଠକଙ୍କ ମଧ୍ୟରୁ କେହି ପ୍ରକାଶ କଲେ ସଦସ୍ୟ ଗଣ ମାମଲତକାର-ମାନଙ୍କ ଚିରବାଧିତ କରବେ ଓ ପ୍ରକୃତଦେଶ-ହିତୈଷୀ ବୋଲି ଯୁଗେ ଯୁଗେ ବିଖ୍ୟାତ ହେବେ । ଇତି ।

୨୩।୬।୯୮ } ଆପଣଙ୍କର ଚିରବାଧିତ । ସବ୍‌ଜନ୍ତାଙ୍କୀ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ରାମଚନ୍ଦ୍ର ଜଗଦେବ ହେଡ଼ାପଡ଼ା | ଅଗ୍ରିମ | ଟ୩ |
| " ଚାନ୍ଦସର୍କାର ସିଂହ ଯୋଗାଣ ଇନ୍‌ସ୍ପେକ୍ଟର | " | ଟ୩ |
| " " " | ବକୀୟା | ଟ୨।୵ |
| " ଗଗନଚନ୍ଦ୍ର ସୁବୁଦ୍ଧି | ଅଗ୍ରିମ | ଟ୩ |
| " ବଳରାମ ଦାସ ଜମିଦାର କଟକ | " | ଟ୧ |
| " ଗଣେଶ୍ୱର ଦାସ | " " | ଟ୧୳ |
| " ଚିନ୍ତାମଣି ଆଢ୍ୟ | " " | ଟ୩ |
| " ଉପେନ୍ଦ୍ର ଦାସ ଭଦ୍ରକ | " | ଟ୩ |
| " ସ୍ୱାହାବଦ୍‌ଦାର ନାୟକ କଟକ | " | ଟ୩ |
| " ଦୟାନିଧି ଦାସ କଣ୍ଡ୍ରାକ୍ଟର ମୟୂରଭଞ୍ଜ | " | ଟ୩ |
| " ଗୋବିନ୍ଦଚନ୍ଦ୍ର ମହାପାତ୍ର କଟକ | " | ଟ୩ |
| " ବାସୁଦେବ କାନୁଙ୍ଗୋ | " " | ଟ୧ |
| " ଲୋକନାଥ ମଜୁମଦାର ବାଲେଶ୍ୱର | " | ଟ୩ |

# ବିଜ୍ଞାପନ ।

NOTICE

Key to New Royal Readers No II is out. Price 3 (Three) annas.

To be sent by value-Payable post.

*Apply to the Secretary Printing Company Cuttack.*

# TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street. Calcutta.

# ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଟାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନଂ ୫ ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇଯିବ ।

ହାଇବାବୁଙ୍କ କୃତ ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ସରଳଭୂଗୋଳ | ଟ ୦ ୵ |
| ଓଡିଶ୍ୟାଭୂଗୋଳ | ଟ ୦ ୵ ୧୦ |
| ଜଡ଼ବିଜ୍ଞାନ | ଟ ୦ ୳୵ |
| ଶିକ୍ଷାବିଧାନ | ଟ ୦ ୳ |

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

# ଉତ୍କଳ ଇତିବୃତ୍ତ

ଦ୍ୱିତୀୟ ସଂସ୍କରଣ
ପ୍ରକାଶିତ ହୋଇଅଛି ।
ମୂଲ୍ୟ ଦୁଇ ଅଣା ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଓ ବାଲେଶ୍ୱର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ନିକଟରେ ପ୍ରାପ୍ତବ୍ୟ ।

ଏହା ଅପର ପ୍ରାଇମେରୀ ପରୀକ୍ଷାର ପାଠ୍ୟ-ପୁସ୍ତକ ନିର୍ଦ୍ଦିଷ୍ଟ ହୋଇଅଛି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ କ୍ରୟ ନ କରି ଛାତ୍ରମାନେ ଉତ୍କଳ ଇତିବୃତ୍ତ କ୍ରୟ କଲେ ବିଶେଷ ଲାଭବାନ ହେବେ । କାରଣ ଓଡ଼ିଶା ଇତିହାସର ମୂଲ୍ୟ ଟ ୦ । ଅଣା, ମାତ୍ର ଉତ୍କଳ ଇତିବୃତ୍ତର ମୂଲ୍ୟ ଟ ୦ ୵ ଅଣା ଅଟେ । ଓଡ଼ିଶାଇତିହାସର ଯେଉଁ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି ତାହା ଇତିବୃତ୍ତ ସଙ୍ଗେ ଏପରି ଐକ୍ୟ ହୋଇ ମୁଦ୍ରିତ ହୋଇ ଅଛି ଯେ ତାହାର ପ୍ରତି ଲାଇନ ଏବଂ ପ୍ରତିଶବ୍ଦ ଇତିବୃତ୍ତର ପ୍ରତିଲାଇନ ଏବଂ ପ୍ରତିଶବ୍ଦ ସଙ୍ଗେ କୌଣସି ପାର୍ଥକ୍ୟ ନାହିଁ । ଛାତ୍ରମାନେ ଦୁଇ ଅଣାର ପୁସ୍ତକ କ୍ରୟ କରି ଯାହା ପଢ଼ିବେ ଚାରିଅଣାର ପୁସ୍ତକରେ ମଧ୍ୟ ଅବିକଳ ସେହିତ ପଢ଼ିବେ ।

୪।୭।୯୮ ବାଲେଶ୍ୱର } ଶ୍ରୀ ସୀତାନାଥ ରାୟ ।

## ବିନା ମୂଲ୍ୟରେ ବିତରିତ ।

ତତ୍ତ୍ୱବୋଧକ ନାମକ ପୁସ୍ତକଖଣ୍ଡି ଉତ୍କଳ-କ୍ଷେତ୍ରରେ ବିତରଣ କରିବା ପାଇଁ ବହୁପ୍ରୟାସ-ସହିତ ପ୍ରକାଶ କରିଅଛୁଁ; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକରୁ ଖଣ୍ଡିଏ ଲେଖାଏଁ ନେଇଁ ପଠନ କରନ୍ତୁ ଯହିଁରେ କି ଆମ୍ଭର ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମିତ୍ତ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବାଲେଶ୍ୱରର ସମ୍ପାଦକମହାଶୟଙ୍କ ଅଫିସରେ

ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
କାନାଦେବ
ବାମଣ୍ଡା
ତା ୧୪।୬।୯୮

# ଓଡ଼ିଶା ମିଶନ ପ୍ରେସ
# କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେରିଷ୍ଟାନବିନ୍ଦୁ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଶୁଳତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରି, କୃମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରର ଘା, ଶୁକ୍ରସଂକ୍ଷୟ, ମୂତ୍ରରେ କ୍ଳେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାମାରିଷ୍ଟାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ ଯଥା;—ପୋଡ଼ା ଘା, ବହୁଦିନର ଘା, ପୀଡ଼ାଦାୟକ ଘା, କୃମି, କୁଣ୍ଡିଆ, ଦଦ୍ରୁ,

Digitized by srujanika@gmail.com

Split by PDF Splitter

224



ପକ୍ଷାଘାତ, କୁଷ୍ଠ, ଅଣ୍ଡଗ୍ରନ୍ଥିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ମନ୍ଦପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ଉପଯୁକ୍ତମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଟା ଅଟେ ଏଥିବ୍ୟତୀତ ପଠାଇବାପାଇଁ ୷ ୦ । ବେଶୀଖର୍ଚ୍ଚ ପଡ଼ିବ । ଯଦି କେହି ଏହିଔଷଧ ନେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ ବରାନଗର } ଏ, ଟି, ମୁଖର୍ଜ୍ଜୀ

## ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକ୍ତ ରୋଗ ଶାନ୍ତିକରିବାର ଉଚିତ ନୁହେଁ ସାମାନ୍ୟ ଅର୍ଥବ୍ୟୟ ସହାୟେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକପ୍ରକାର ସେବନ କଲେ ନୂତନ ରୋଗ ଏକ ଦିନ ଗୁରୁ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ସୃଷ୍ଟିରେ ପଡ଼ିଲେ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅନ୍ୱେଷଣ୍ଡୋଲ ନଂ ମଲ ଭବନରେ ଏ, କେ, ଗଞ୍ଜ କମ୍ପାନୀଙ୍କଠାରେ ଏବଂ କଟକ ଚାନ୍ଦିଣୀଚକର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

## ଗାଲିକାଗଜ ।

ଇଂଲଣ୍ଡସ୍ଥିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସମ୍ମୁଖ ବସା ନିକଟେ ବାବୁ ଅର୍ଜ୍ଜୁନଦାସ ଙ୍କ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୬ ପେଜି କାଗଜ | ଦ ୧୮ ଟ ୨୲ | ଦ ୧୬ ଟ ୦ ୷ | |
| ୧୪ ପେଜି | „ | ଟ ୨୲ | „ ଟ ୦ ୷ |
| ୧୨ ପେଜି | „ | ଟ ୨। | „ ଟ ୦ ୷ |
| ୨୨ ପେଜି ଡବଲ୍‌ଫୁଲସ୍କେପ୍ | „ ଟ ୪। | „ ଟ ୦ ୷ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତ୍ରରେ ରିମ ବା ଅଧିକ କ୍ରୟ କରିବେ ଅନ୍ୟର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର ଶିଷ୍ୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବନାତ ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ ନାନାପ୍ରକାର ଜିନିଷ ସବୁ ବିକ୍ରୟ ହେଉଅଛି ଯାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରନ୍ତ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏହିତା ଆମ୍ଭେମାନେ ବଙ୍ଗଳା ଛାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଛାତିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଛତା ଲୋଡ଼ାନ୍ତି ତେବେ ଏକ ଗଣ୍ଡାକୁ ଟ ଦଶ ଟ ୦୷ ହିସାବରେ ଛତା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାର ଭାର ତାଙ୍କ ଉପରେ ଥିବ । ଖର୍ଚ୍ଚ ହେଲେ ଛାତିର ପରି ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ଚାଉଳ ଛେଚଣା ବ ଉନ୍ନତିରେ ଗୁଡ ଦେଲେ ଯିବେ । | କଲ ଓ ଘର । |
| ଚକୋଲେଟ | ପୋର୍ଟମେଣ୍ଟ । |
| ବ୍ରେସଲୀନ୍ ତେଲ ନିବା ଯୋଗ ଘଡ଼ା ଓ ଭୋଜନ ଦ୍ରବ୍ୟ । | ଜାଡ ସିଲ୍‌କ ଓ ଜଳ ଘଣ୍ଟିକା ଓ ଘାରା |
| ବେଟ ଅର୍ଥାତ ନକସା କରିବା କାଗଜ ପେନ୍‌ସିଲ ଓ କଲମ । | ଘଡ଼ି |
| ପେନ୍‌ସିଲ କାଟିବା ଛୁରୀ । | ଉପର୍ଦ୍ଧ ଦୁଇଫଲକିଆ ଏକପଟ ଛୁରୀ |
| ନାନା ପ୍ରକାର ଚଉତାଳ ଓ ଇତ୍ୟାଦି ଭୈଷଜ୍ୟ | ନେଲକଟର ଇପୋର ଷ୍ଟକ ହେଣ୍ଡଲ ଯଥା |
| ଖେଳ ଜିନିଷ । | ଏ, ଜୋଉଣ ଓ ସାବୁନ |
| ଚାମଡ଼ା ଖାପ । | ଭାମିଲ ଓ କୁଞ୍ଚି । |
| ଟାବାଳି ଗାଡ଼ି ଓ ଖେଳିବା ଛବି । | ବସ୍ତା ଅଲରୋଷ୍ଟ ଏବଂ କାଗଜ |
| ଚାରୋଳ ଲେଡ—ଅର୍ଥାତ ସୁନେଲି ଚୁଡ଼ି । | ଅଲେମୋନ ପେନ୍‌ସିଲ ଅର୍ଥାତ ଏ ପେନ୍‌ସିଲରେ |
| ବଡ଼ଘଡ଼ି । | କେଉଁ ଲେଖା ହେଲେ |
| ଓସାଚର ସୁଦ୍ଧ ଛିଲା । | ଜଳ ଲଗାଇ ପେନ୍‌ସିଲ ଲେଖା ଲିଭେ ଯେବେ ତେବେ ଲିଖିତ ଲେଖା ଦେଖା ଯାଏ । |
| ପୋର୍ଟଫଲିଓ ଓ ପିରିଚଙ୍କ | ଜଡ଼ି ଓ ପାଇନବେଗୀଯା ଫିତା |
| କେଶର ତେଲ ଓ ଆଉ ଜିନିଷ | ଡଜିନ ଦେବଳେ ଦଶ ନାଗଡ଼ାର ଛାତି ମନିପାମା |
| ଡ୍ରାଇ ଜାଡ ଲେଖିବା କଲମ ଓ ଶ୍ଳେଟ ଶ୍ଳେଟ | ରେଡ଼ ବ୍ଲୁ ପେନ୍‌ସିଲ |
| ଅଲଟା ଡବା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ „ | ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜର |
| ମୋଜା ଓ ମୋଜାବନ୍ଦ ଭିଲମ ଏଥି ନକସାର ନଗଦ ସାଇଜ ବଡ଼ ଓ ସନ୍ତା | ମକ୍‌ଦୁଦାବାଦ ଓ ଶିଳାପାଠ ଗାଇଶୋଭ ଓ ଶାଢ଼ୀ । |
| | ଟିଣିଂ ବାକ୍‌ସ |

## ପିଚକାରୀ ।

ଏ ବାରଲ ହେଲଥର ଥାକରେ ଭିଷି ଫାଷ୍ଟରେ ରଖିଲେ ଗୋଠାଘରର ଫାଟକରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଧ୍ୟରେ ଲେପିଦେଲେ ମଶାକୁଦ ଓ ଜଳ ଧରିବ ନାହିଁ ।

କଟିଲ ଚମଡ଼ା ଓ ସାଡରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅରବିନ୍ଦ ଦାସ କମ୍ପାନୀ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନୋଟିଶ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅର୍ଦ୍ଧସ୍ତମ୍ଭରୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦୷ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଅପେକ୍ଷା ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଏ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

କଟକ ଏହି ଉତ୍କଳଦୀପିକା ଯନ୍ତ୍ରରେ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରିଣ୍ଟିଂଯନ୍ତ୍ରରେ ଗୋପାଳସୁନ୍ଦରଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

| | | |
|---|---|---|
| ଖ ୨୩ ଭ<br>ସ ୨୮ ସଂଖ୍ୟା | ତା ୧୮ ଅଗଷ୍ଟ ମାହେ ଜୁଲାଇ ସନ ୧୮୮୮ ମସିହା । ମ । ଶ୍ରାବଣ ୨ ୧ ୬ ଦିନ ୧୨୯୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩<br>ପଶ୍ଚାଦ୍ଦେୟ ଟ ୩।୦ |


ପୋଷ୍ଟଅଫିସ ମଣିଅର୍ଡର ଦ୍ୱାରା ଏକଥରକେ ଦେଢ଼ଶହ ଟଙ୍କାରୁ ଅଧିକ ପଠାଯାଇ ନ ଥିଲା । ସମ୍ପ୍ରତି ପହିଲିଜୁଲାଇରୁ ପ୍ରତି ମଣିଅର୍ଡରରେ ୬ଶହଟଙ୍କା ପ୍ରେରିତ ହେବାର ଆଦେଶ ହୋଇଅଛି । ବେଶି ଟଙ୍କା ପଠାଇବା ପକ୍ଷରେ ଯେଉଁ ଅସୁବିଧା ଥିଲା ବର୍ତ୍ତମାନ ଉପରୋକ୍ତ ନିୟମଦ୍ୱାରା ଅନେକ ଦୂରୀଭୂତ ହେଲା ।

---

ଶ୍ରେଷ୍ଟଲାଟ ବାହାଦୂର ସର ଷ୍ଟୁଆର୍ଟ ବେଲି ପ୍ରାୟ ଅତି ଅଳ୍ପଦିନରେ ଗସ୍ତରେ ବାହାରିବେ ସମ୍ଭବତଃ କେତେକ ଦିବସ ହଜାରିବାଗରେ ଅବସ୍ଥିତ ହେବେ । ଗତବର୍ଷ ଓଡ଼ିଶାକୁ ଶୁଭାଗମନ କରିବାର କଥା ଥିଲା କିନ୍ତୁ ଋତୁ ଅନୁକୂଳ ନ ହେବାରୁ ତାହା ସ୍ଥଗିତ ହୋଇଥିଲା । ଏବର୍ଷ ବୋଧହୁଏ ଛୋଟଲାଟ ବାହାଦୂର ଏଠାକୁ ଆଗମନ କରିପାରନ୍ତି ।

---

ଆଗାମୀ ଶୀତକାଳରେ ଅଲହାବାଦରେ ଯେଉଁ କଂଗ୍ରେସର ଅଧିବେଶନ ହେବ ତହିଁରେ ଜଣେ ସାହେବ ସଭାପତି ମନୋନୀତ କରିବାର ପ୍ରସ୍ତାବ ଲାଗିଅଛି । ପ୍ରଥମ ବର୍ଷରେ ଜଣେ ହିନ୍ଦୁ ଦ୍ୱିତୀୟ ବର୍ଷରେ ଜଣେ ପାରସିକ ତୃତୀୟ ବର୍ଷରେ ଜଣେ ମୁସଲମାନ ସଭାପତିର କାର୍ଯ୍ୟ କରିଥିଲେ । ଏବର୍ଷ ଜଣେ ସାହେବ ସଭାପତି ହେବେ । ପ୍ରସ୍ତାବଟି ସୁବିବେଚନାର ପରିଚାୟକ ।

---

ପାଟନାର ଜଜ ଓ ଅମୃତାଳଙ୍କର ଚରପରିଚର କାର୍ଲ୍ଡସାହେବଙ୍କ ଗୀତି କଳିକତାର ସାରିତସଭା ଶ୍ରେଷ୍ଟଲାଟ ବାହାଦୂରଙ୍କର ଗୋଚରୀଭୂତ କରିବାରେ ବଙ୍ଗଳା ଗବର୍ଣ୍ମେଣ୍ଟର ପ୍ରଧାନ ସେକ୍ରେଟରୀ ଉତ୍ତର ପ୍ରଦାନ କରିଛନ୍ତି ଯେ ତତ୍ସମ୍ବନ୍ଧରେ ଶ୍ରେଷ୍ଟଲାଟ ବାହାଦୂରଙ୍କ ମନୋଯୋଗ ଆକର୍ଷଣ ହୋଇଅଛି ଓ ଏତତ୍ସମ୍ବନ୍ଧରେ କଣ କରିବା ଉଚିତ ସେ ହାଇକୋର୍ଟର ମହାମାନ୍ୟ ଜଜମାନଙ୍କ ସହିତ ପରାମର୍ଶ କରୁଛନ୍ତି ।

ସାଧାରଣ ଶ୍ରେଷ୍ଟଲାଟ ବାହାଦୂରଙ୍କ ଉପରୋକ୍ତ କାର୍ଯ୍ୟରେ ଆଶ୍ୱାସିତ ହେବେ । ବର୍ତ୍ତମାନ କେବଳ ଉକ୍ତର ଫଳପ୍ରଦ ସମସ୍ତଙ୍କର ଅପେକ୍ଷା ରହିଲା ।

---

ଗତ ଜୁନମାସ ତା ୨୮ ରକ୍ଷିତ ଗଣ୍ଡାଠାରେ ଗୋବଧ-ନିବାରିଣୀ ଦେଶରେ ଏକ ବୃହତ୍ସଭା ହୋଇ ଗୋରୁମାନଙ୍କ ହତ୍ୟାରୁ ରକ୍ଷାକରିବା ମର୍ମରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଯାଇଥିବାର ସମ୍ବାଦ ମିଳଇ । ଏ ସଭାରେ ମହମ୍ମଦ ହୁସେନ ନାମକ ଏକଜଣ ସମ୍ଭ୍ରାନ୍ତ ମାନ୍ୟବାନ୍ ମୁସଲମାନ ଯେ ସେ ବର୍ତ୍ତମାନ ସେଠା ମିଉନିସିପାଲିଟୀର ଭାଇସ ଚେୟାରମାନ ଅଟନ୍ତି ଓ ଯେ ଡେପୋଟୀ କଲେକ୍ଟରୀ କାର୍ଯ୍ୟ କରି ବର୍ତ୍ତମାନ ପେନସନ ଗ୍ରହଣ କରିଅଛନ୍ତି ସେ ସଭାପତିର ଆସନ ଗ୍ରହଣ କରିଥିଲେ ।—ମୁସ-ଲମାନମାନେ ଯେ ଏକାର୍ଯ୍ୟରେ ହିନ୍ଦୁମାନଙ୍କ ସହିତ ଯୋଗ ଦେବେ ଏହା ଆମ୍ଭେମାନେ ବରାବର ଅନୁମାନ କରି ଆସିଅଛୁଁ । ସମସ୍ତଙ୍କର ଏଥିରେ ସହାନୁଭୂତି ଓ ତତ୍ପରତା ଦେଖାଯାଉଅଛି କେବଳ ନାହିଁ ଗବର୍ଣ୍ମେଣ୍ଟଙ୍କର ।

---

ବର୍ତ୍ତମାନ ପ୍ଲେଟର ରାଣୀ ଜନଦେଇଙ୍କ ମୃତ୍ୟୁପରେ ବୃଦ୍ଧା ମହାରାଣୀ ପୋଷ୍ୟପୁତ୍ର ଗ୍ରହଣ କରିବା ଉଦ୍ଦେଶରେ ମୋକଦ୍ଦମା ଉପସ୍ଥିତ କରିବାକଥା ଶୁଣା ଯାଉଥିଲା ତାହା ସାଲିସିରେ ନିଷ୍ପତ୍ତି ପାଇବାର କଥିତ ହୁଏ । ବାରିଷ୍ଟାର ପିଉସାହେବ ଦୈନିକ ଏକସହସ୍ର ମୁଦ୍ରା ନେଇ ସାଲିଶୀ କରୁଅଛନ୍ତି । ଏ ବିବାଦ ଶୀଘ୍ର ନିଷ୍ପତ୍ତି ହେଲେ ସମସ୍ତେ ଆନନ୍ଦିତ ହେବେ । ବର୍ତ୍ତମାନରାଜ୍ୟ ଯେପରି ଟଗୋଟିଏ ଅଭିବୃଦ୍ଧି ଓ ବହୁଆୟୁତନର ଗାଦି ଅଟେ ପୋଷ୍ୟପୁତ୍ର ନେବା ମୋକଦ୍ଦମା ଉପସ୍ଥିତ ହେଲେ କେତେ ବୃଥା ବ୍ୟୟ ହୁଅନ୍ତା କେତେ ବାରିଷ୍ଟର ଓ ଉକିଲମାନେ ଲୁଟିଥାଆନ୍ତେ ଓ କେତେ କାଳ ଲୋକ ବୃଥାରେ ଧନଲୋଭ ଗୃହ୍ୟ କରିବାକୁ ଚେଷ୍ଟା ପାଆନ୍ତେ ତାହା ଅନିର୍ବଚନୀୟ । ଭାରତର ଅନେକ ଗୃହବିବାଦ ଯେନ । ଏଗୃହବିବାଦ ବିସମ୍ବାଦ ଅନ୍ତଗତ ନ ହେବା ପର୍ଯ୍ୟନ୍ତ ଭାରତର ମଙ୍ଗଳ ନାହିଁ । ଜଣେ ଉପଯୁକ୍ତ ବାରିଷ୍ଟର ସାଲିସ ହୋଇଥିବା ସ୍ଥଳେ ଅମ୍ଭେ-

ମାନେ କାମନା କରୁଁ ବିବାଦ ଅଟପାସରେ ନିଷ୍ପତ୍ତି ପାଇଯିବ ।

---

କଲିକତା ବିଶ୍ୱବିଦ୍ୟାଳୟର ୧୮୮୯ ମସିହାର ଏଣ୍ଟ୍ରେନ୍ସ ଏଫ୍ ଏ, ଓ ବିଏ ପରୀକ୍ଷା ଆଗାମୀ ଫିବ୍ରୁଆରି ମାସ ତା ୧୯ ଋଖ ସୋମବାର ଦିବସରେ ଆରମ୍ଭ ହେବାର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଉପରୋକ୍ତ ପରୀକ୍ଷା ମାନଙ୍କର ପରୀକ୍ଷାର୍ଥୀମାନଙ୍କ ଦରଖାସ୍ତ ଆଗାମୀ ଡିସେମ୍ବରମାସର ତା ୧୨ ଋଖ ଅଥବା ତତ୍ପୂର୍ବ ରେଜିଷ୍ଟ୍ରାରଙ୍କ ନିକଟରେ ପହୁଞ୍ଚିବାର ଆବଶ୍ୟକ । କୌଣସି ସ୍କୁଲର ପରୀକ୍ଷାର୍ଥୀମାନେ ଏକ ପରୀକ୍ଷାସ୍ଥାନରେ ସମସ୍ତେ ଅବଶ୍ୟ ଉପସ୍ଥିତ ହେବେ । ଗତ ଦୁଇ ତିନି ବର୍ଷ ହେଲା ଏ ପରୀକ୍ଷାମାନ ମାର୍ଚ୍ଚମାସରେ ଗୃହୀତ ହେଉଥିଲା । ମାତ୍ର ରୌଦ୍ରକାଳରେ ପରୀକ୍ଷା ଗୃହୀତହେବା ଅସୁବିଧାଜନକ ବୋଲି ଆନ୍ଦୋଳନ ହେବାରୁ ଫିବ୍ରୁୟାରିମାସର ଆରମ୍ଭରେ ପରୀକ୍ଷାଗ୍ରହଣର ସମୟ ଧାର୍ଯ୍ୟ ହେବାର ବୋଧ ହେଉଅଛି । ଶୀତକାଳର ଶେଷ ଓ ଗ୍ରୀଷ୍ମର ପ୍ରାରମ୍ଭ ବାସ୍ତବିକ ପରୀକ୍ଷାଗ୍ରହଣର ସମୟ । ବର୍ତ୍ତମାନ ପରୀକ୍ଷାର ଯେଉଁ ସମୟ ନିର୍ଦ୍ଧାରିତ ହୋଇଅଛି ତାହା ସର୍ବସ୍ୱାସ୍ଥ୍ୟ ହେବ । ବିଏଲ ପରୀକ୍ଷା ଗତଥର ମାର୍ଚ୍ଚମାସରେ ହୋଇଥିଲା ଏଥର ଅନ୍ୟାନ୍ୟ ପରୀକ୍ଷାମାନ ଫିବ୍ରୁଆରି ମାସରେ ହେଉଥିବା ସ୍ଥଳେ ଏ ପରୀକ୍ଷା ମଧ୍ୟ ସେହି ମାସରେ ହେଲେ ଉତ୍ତମ ହେବ ।

---

ଗତସପ୍ତାହର ଶୁକ୍ରବାର ଅପରାହ୍ନରେ ସାମାନ୍ୟ ବୃଷ୍ଟି ହୋଇଥିଲା ଓ ଉକ୍ତ ବୃଷ୍ଟି-ଦୃଷ୍ଟିରେ ତାହା ଲଗାଣ ହେବାର ପ୍ରଥମେ ଆଶା ହୋଇଥିଲେହେଁ ସେ ଆଶା ବିଜୁଳି-ପ୍ରାୟ କ୍ଷଣମାତ୍ର ରହି ଅନ୍ତର୍ହିତ ହୋଇଗଲା । ବର୍ତ୍ତମାନ ଆକାଶ ଶରତ କାଳ ପରି ନିର୍ମଳ ଦିଶୁଅଛି । ଗତସପ୍ତାହରେ ଯେ ଅଳ୍ପ ସ୍ୱଳ୍ପ ବୃଷ୍ଟି ପତିତ ହୋଇଥିଲା ତଦ୍ଦ୍ୱାରା କୃଷିମାନେ ଏକପ୍ରକାର କୃଷିକାର୍ଯ୍ୟ ଆରମ୍ଭ କରିଥିଲେ ସୂର୍ଯ୍ୟଦେବ ପୁନର୍ବାର ପ୍ରଚଣ୍ଡରୂପ ଧାରଣ କରି ତାହା ନଷ୍ଟ କରିବାରେ ବ୍ୟସ୍ତ ଅଛନ୍ତି । ବିକଟ ଗ୍ରୀଷ୍ମର କିରଣହେତୁ ଗରମରେ ଲୋକେ ବ୍ୟସ୍ତ ହେଉଅଛନ୍ତି । ଗତ ଗୁରୁବାର ଓ ଶୁକ୍ରବାର ଦିନ ଯେ ଅଳ୍ପବୃଷ୍ଟି ପତନ ହୋଇଥିଲା ତାହା ଠିକ ଶରତକାଳର ବୃଷ୍ଟି-ପରି ଜଣା ଗଲା । ରାତ୍ର ସମୟରେ ନଭୋମଣ୍ଡଳ ତାରକାରାଜିରେ ସୁଶୋଭିତ ହେଉଅଛି ବିଶେଷତଃ ଗ୍ରୀଷ୍ମ ଦିବସରେ ଆକାଶ ଯେପରି ନିର୍ମଳ ଓ ଅନାବୃତ ଥିଲା ତହିଁରୁ ଲୋକଙ୍କ ମନରେ ଦୁର୍ଭିକ୍ଷର ଆଶଙ୍କା ଅତିଶୟ ବଳବତ୍ତ ହୋଇଅଛି । ଇନ୍ଦ୍ରଦେବଙ୍କ ସିଂହାସନ ଏବର୍ଷ ଏପରି କାହିଁକି ଗୋଳମାଳ ହୋଇଅଛି କିଛି ବୁଝା ଯାଉ ନାହିଁ । ଐରାବତ ବୃଦ୍ଧ ହୋଇଯିବାରୁ ପୂର୍ବପ୍ରାୟ ଏଣିକି କାର୍ଯ୍ୟ କରିବାକୁ ପାରୁନାହିଁ କି ଇନ୍ଦ୍ରଦେବ ସୁଖସମ୍ଭୋଗରେ ପ୍ରମତ୍ତ ହୋଇ ବର୍ଷାର ପାଣି ଦେବା ଭୁଲି ନ ପାଇ ଅପବ୍ୟୟ କରି ଦେଉଅଛନ୍ତି ।

---

ପୁରୀଠାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ଏ ବର୍ଷ ସ୍ନାନଯାତ୍ରା ଓ ରଥଯାତ୍ରାରେ ଯାତ୍ରୀ ହୋଇ ନାହାନ୍ତି ଓ ଏବର୍ଷ ଯାତ୍ରୀ ନୋହିବାର ଯେପରି ଦେଖାଗଲା ଏପରି ଅନେକ ଦିନରୁ ଦେଖାଯାଇ ନ ଥିଲା ଗତବର୍ଷ ତାହାଙ୍କ ବୃଦ୍ଧିଯିବାରୁ ଏପରି ଘଟିବାର ଲୋକେ ଅନୁମାନ କରନ୍ତି, ଏଠାରେ ଅଞ୍ଚଳ ସବୁ ଦେଶର ଲୋକେ ପ୍ରାୟ ୨୦୦୦ ଯାତ୍ରୀ ଅଛନ୍ତି । ଯେଉଁସ୍ଥଳେ ୨୦।୨୫ ହଜାର ଯାତ୍ରୀ ଥିଲେ ସୁଦ୍ଧା ଯାତ୍ରୀ ବୋଲି ଜଣାଯାଏ ନାହିଁ, ସେସ୍ଥଳେ ଦୁଇ ସହସ୍ର ଲୋକରେ ଯାତ୍ରୀ ଅଟେବୀ ନ ଥିଲାପରି ବୋଧ ହେଉଅଛି । ଅମ୍ଭମାନଙ୍କର ସମ୍ବାଦଦାତା ଅଧିକ ଲେଖିଅଛନ୍ତି ଯେ, ଯାତ୍ରିମାନେ ଆସିଲେ ଓଳଇଠା ଅତ ଖାଦ୍ୟଦ୍ରବ୍ୟର ମହାର୍ଘ ଦ୍ରବ୍ୟ ସବୁ କିଣୁ ଯାତ୍ରା ହେଲେ ଏ ଦେଶରେ ଅନେକ ଗୁଡ଼ିଏ ଟଙ୍କା ରହିଯାଏ । ବ୍ୟବସାୟୀ ଓ ବ୍ରାହ୍ମଣ ସେବକମାନେ ଟଙ୍କା ପାଇ ସୁଖରେ କାଳଯାପନ କରନ୍ତି ତାହା ନୋହିବାରୁ କଷ୍ଟ ଏବଂ ବୃଷ୍ଟି ନୋହିବାରୁ ଗଜାନ୍ନଗୁଡ଼ିକର ଭାବ ସଡ଼ ଅସୁଅଛି । ଏପରି ଘଟଣାରେ ଏଠା ଲୋକେ ଏବର୍ଷ ଯେ କିପରି ଜୀବନାରେ ଦିନ ବଞ୍ଚୁ ନାହିଁ । ଯାତ୍ରିମାନଙ୍କ ସକାଶେ ଅନେକ ଗୁଡ଼ିଏ ଘର ପାସ ହେଲେ ହେଲିଥ ଅଫିସର ଅନେକ ଗୁଡ଼ିଏ ଟଙ୍କା ଜମା ହୋଇଯାଏ ସେ ଏବର୍ଷ ତହିଁରୁ ବଞ୍ଚିତ ହେଲେ ।

---

ରୁକ୍ଣାବାଇଙ୍କ ମୋକଦ୍ଦମା ସମସ୍ତଙ୍କୁ ବିଦିତ ଅଛି । ମୋକଦ୍ଦମାର ଖର୍ଚ୍ଚା ରୁକ୍ଣାବାଇଠାରୁ ଆଦାୟ ହେବାର ଡିକ୍ରୀ ହୋଇଥିଲା କିନ୍ତୁ ସେ ପ୍ରୋକ୍ତ ଡିକ୍ରୀ ଜାରିଜରେ ଅପିଲ ଉପସ୍ଥିତ କରିଥିଲେ ଗତ ତା ୮ ଋଖରେ ଚିଫ ଜଷ୍ଟିସ ସର୍ଜ୍ଜାଣ ଓ ଜଷ୍ଟିସ ବେଲିଙ୍କ ହାଇକୋର୍ଟ ଅଦାଲତରେ ଉକ୍ତ ମୋକଦ୍ଦମା ଶୁଣାଣି ହୋଇଥିଲା । ଦୁଇସପ୍ତାହ ପୂର୍ବରେ ରୁକ୍ଣାବାଇ ତରଫର ଓକିଲ ତାହାର କୌଣସି ସମ୍ପତ୍ତି ଅବା ଜମିଦାରୀ ନ ଥିବାହେତୁ ସେ ମୋକଦ୍ଦମାର ଖର୍ଚ୍ଚା ଦେବାକୁ ଅପାରଗ ବୋଲି ପ୍ରମାଣ ଆଗତ କରିଥିଲେ । ବାଦିପକ୍ଷର ଓକିଲ ମିଃ ଇନାକ ରୁକ୍ଣାବାଇ ଖର୍ଚ୍ଚା ଦେବାକୁ ସମର୍ଥ ଥିବାର ପ୍ରମାଣ କରିବାକାରଣ ମୋକଦ୍ଦମା ମୁଲତବୀ ରଖାହୋଇ ଥିଲା । ରୁକ୍ଣାବାଇ ପକ୍ଷର ଓକିଲ ତାରିଖ ବର୍ତ୍ତମାନ ପ୍ରକାଶ କଲେ ଯେ ସେମାନଙ୍କ ମଧ୍ୟରେ ଏହିପରି ରଫା ସ୍ଥିର ହୋଇଅଛି ଯେ ସ୍ତ୍ରୀ ନାଶ ଏକପକ୍ଷ ମଧ୍ୟରେ ଟ ୨୦୦୦ ଙ୍କା ପ୍ରଦାନ କଲେ ବାଣ ଅର୍ଥାତ ରୁକ୍ଣାବାଇର ସ୍ୱାମୀ ମୋକଦ୍ଦମାଦ୍ୱାରା କିମ୍ବା ଅନ୍ୟପ୍ରକାରରେ ସ୍ୱାମୀ ବୋଲି ପତିତ୍ୱଦାବୀ ଅବା ତାହାର କୌଣସି ବର୍ତ୍ତମାନ ଅବା ଭବିଷ୍ୟତ୍ ସମ୍ପତ୍ତି ଉପରେ କୌଣସି ଦାବି ସ୍ଥାପନ କରିବାକୁ ଚେଷ୍ଟିତ ହେବେ ନାହିଁ । ମିଃ ଇନାକ କହିଲେ ଯେ ରୁକ୍ଣାବାଇର ସ୍ୱାମିର ମୋକଦ୍ଦମା ଉପସ୍ଥିତ କରିବାର କାରଣ ଏହି ଥିଲା ଯେ ହିନ୍ଦୁସ୍ୱାମୀ ବିବାହ ସମ୍ବନ୍ଧୀୟ ସ୍ୱତ୍ୱ ଅଦାଲତରେ ଦାବି କରିବାକୁ ସମର୍ଥ କି ନା ଏହା ବୁଝିବା ଓ ସେ ଏତଦ୍ବିଷୟରେ କୃତକାର୍ଯ୍ୟ ହୋଇଅଛନ୍ତି ରୁକ୍ଣାବାଇର ତାହା ସ୍ୱାମିପ୍ରତି ସ୍ନେହ ନ ଥିବାସ୍ଥଳେ ତାହା ସ୍ୱାମୀ ତାହାଙ୍କ ସକାଶେ ସେହିଜଣ୍ଟିକୁ ଡିକ୍ରୀଜାରିଦ୍ୱାରା ଧରାଇ ଆଣି ଆପଣା ପାଖରୁ ଘେନିଯିବାରୁ ଯାହା ଅସ୍ତୁଷ୍ଟ ନ ହୋଇ ଶାନ୍ତ ହେଲେ ତାହା ସ୍ୱହବେତନାର କାର୍ଯ୍ୟ ଅଟଇ ବାସ୍ତବରେ ସ୍ୱାମିପ୍ରତି ଯେଉଁ ସ୍ତ୍ରୀର ଅଭକ୍ତି ଉପସ୍ଥିତ ହେଲା ସେହିଠି ସ୍ତ୍ରୀ ସଙ୍ଗରେ ମୋକଦ୍ଦମା କରିବା ଦୂରେ ଥାଉ ତାହାର ନାମମଧ୍ୟ ସ୍ମରଣ କରିବା ଅନୁଚିତ ।

---

ଜ୍ଞାନାଲୋକ ଓ ସରଳ ପଦାର୍ଥବିଜ୍ଞାନ ପ୍ରାପ୍ତିର ଅସୁବିଧା ଆମ୍ଭେମାନେ ସ୍ୱୀକାର କରୁଅଛୁଁ । ବର୍ତ୍ତମାନ ଜଣେ ପୁରୀଜିଲ୍ଲାର ପତ୍ରପ୍ରେରକ ଏହି ବିଷୟରେ ମୋଫସଲସ୍ଥ ଲୋକମାନଙ୍କ ଦୁଃଖ ଜଣାଇଅଛନ୍ତି । ଆମ୍ଭେମାନେ ସାଧାରଣ ଗୋଚରାର୍ଥେ ଓ ଏଥିର ବିହିତ ଉପାୟ ଅବଧାରଣାର୍ଥେ ତାହା ଯଥାସ୍ଥାନରେ ପ୍ରକାଶିତ କଲୁଁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଉପରୋକ୍ତ ପତ୍ରରୁ ପୁସ୍ତକାଭାବର ଦୁଃଖ ଜଣାଗଲା । ବାଲେଶ୍ୱର ଜିଲ୍ଲାରେ ଯେ ସେହି କଷ୍ଟ ଭୋଗ ହେଉଅଛି ତାହା ଚଳିତମାସ ତାଃ ୫ ଇଖର ବାଲେଶ୍ୱର ସମ୍ବାଦବାହିକାରୁ ଜଣାଯିବ । ବାହିକା ଲେଖିଅଛନ୍ତି କି କୌଣସି ଏଜେଣ୍ଟ ଭିକ୍ଟୋରିଆ ପ୍ରେସର ଅଧକ୍ଷ ମହାଶୟଙ୍କୁ (ଯାହାଙ୍କ ପ୍ରେସରେ ପ୍ରୋକ୍ତ ଦୁଇପୁସ୍ତକ ମୁଦ୍ରିତ ହୋଇଅଛି) ପତ୍ର ଲେଖିଲେ ଉତ୍ତର ସୁଦ୍ଧା ପାଆନ୍ତି ନାହିଁ । ବାଳକମାନଙ୍କ ଦୁଃଖ ଅକଥନୀୟ । କେବଳ ପ୍ରେସରୁ ଉକ୍ତ ପୁସ୍ତକମାନ ବିକ୍ରୀ ହେବାପାଇଁ ପ୍ରେରିତ ହୋଇଅଛି । କିନ୍ତୁ ସେଠାରେ ମଧ୍ୟ ଛାତ୍ରମାନେ ସହଜରେ ପାଇପାରୁ ନାହାନ୍ତି । ବାରବାଟୀ ସ୍କୁଲର ପିଲାମାନଙ୍କୁ ଏ ପ୍ରେସପୁସ୍ତକ ନ ହେବାରୁ ତାଙ୍କର ହେଡ଼ମାଷ୍ଟର ବାଧ ହୋଇ ଭେଲ୍ୟୁ ପେୟେବୁଲଦ୍ୱାରା କଟକର ଭିକ୍ଟୋରିଆପ୍ରେସରୁ ଅଣାଇ ଦେଲେ । ଆହୁରି ଦୁଃଖର ବିଷୟ ଯେ ଜଣେ ଖ୍ରୀଷ୍ଟୀୟାନ ବାଳକ କେବଳ ପ୍ରେସରୁ ଉକ୍ତ ପୁସ୍ତକମଧ୍ୟରୁ ଏକଖଣ୍ଡ କିଣିବା ନିମନ୍ତେ ଯାଇଥିଲା ସେ ସେଠାରେ ନ ପାଇବାରୁ ଅନ୍ୟ କାହାଙ୍କଠାରୁ ପାଞ୍ଚପଇସା ଖର୍ଚ୍ଚା ଦେଇ ଖଣ୍ଡିଏ ପୁସ୍ତକ କିଣିଲା । କି ଦୟାଜନକ କଷ୍ଟ ! ପୁସ୍ତକନିର୍ବାଚକ କମିଟୀ କି ଏପ୍ରକାର ଅବ୍ୟାଗୃହରେ ନିସ୍ତବ୍ଧ ହୋଇ ରହିବେ ? ଏହା ଦୂରୀକରଣର କି କୌଣସି ଉପାୟ ନାହିଁ ? ଗ୍ରନ୍ଥକର୍ତ୍ତାମାନେ ଯଦ୍ୟପି ପୁସ୍ତକର ଏଜେଣ୍ଟମାନଙ୍କୁ ଅବିଶ୍ୱାସ କରି ପୁସ୍ତକ ନ ଦଅନ୍ତି କିମ୍ବା ନଗଦମୂଲ୍ୟ ଗ୍ରହଣକରି ଉଚିତ କମିଶନ ପ୍ରତିଦାନ କରି ସେମାନଙ୍କୁ ନ ଦଅନ୍ତି କିମ୍ବା ପୁସ୍ତକମାନ ସହଜରେ ଛାତ୍ରମାନଙ୍କ ହସ୍ତଗତ ହୋଇ ପାରିବାର ସୁବିଧା ନ କରନ୍ତି ତେବେ ଅମ୍ଭେମାନେ ପୁସ୍ତକନିର୍ବାଚକକମିଟୀଙ୍କୁ ଓ ବିଶେଷତଃ ଓଡ଼ିଶାସ୍କୁଲ ସମୂହର ପ୍ରତିପାଳକ ଇନ୍ସପେକ୍ଟରଙ୍କୁ ଅନୁରୋଧ କରୁଅଛୁଁ ଯେ ଉକ୍ତ ପୁସ୍ତକ ପ୍ରଚଳନ ହେବାର ଏକାବେଳକେ ରହିତ କରି ତହିଁ ବଦଳରେ ଅନ୍ୟ ପୁସ୍ତକ ଚଳାଇବାର ବନ୍ଦୋବସ୍ତ କରନ୍ତୁ ।

---

କଟକରୁ ଷ୍ଟେଟ୍ସମାନ ପତ୍ରିକାକୁ ଜଣେ ସମ୍ବାଦଦାତା ଲେଖିଅଛନ୍ତି ଯେ " କଟକର ସଡ଼କ ରାସ୍ତା ଓ ଗଳିମାନ ବର୍ଷେ ହେବ ମରାମତି ହୋଇ ନାହିଁ । ଅସମ୍ଭବ ବୃଷ୍ଟିରେ ଅଣ୍ଟୁଏ ପାଣି ଜମା ହୋଇଯାଉଅଛି । ରାସ୍ତାରେ କେବେ ପାଣି ନିକୁଳ ନାହିଁ ଓ ନର୍ଦ୍ଦମାମାନ ଅତିଶୟ ମଇଳା ଅବସ୍ଥାରେ ରହିଅଛି । ମିଉନିସିପାଲିଟୀର ଅବସ୍ଥା ଅତିଶୟ ଶୋଚନୀୟ । କିନ୍ତୁ ଯାହା ହେଉ କମିଶନରମାନେ ସେମାନଙ୍କ ଘରସମ୍ମୁଖ ରାସ୍ତାସବୁ ମରାମତି କରାଇବାରେ ତ୍ରୁଟି କରୁ ନାହାନ୍ତି ।" ସମ୍ବାଦଦାତା କିଏ ଅମ୍ଭମାନଙ୍କୁ ଜଣା ନାହିଁ । ଅମ୍ଭେମାନେ ଯେତେଦୂରପର୍ଯ୍ୟନ୍ତ ତଦାରଖ କରି ବୁଝିଅଛୁଁ ଉପରୋକ୍ତ ବିଷୟ ସମ୍ପୂର୍ଣ୍ଣମିଥ୍ୟା । ପ୍ରତ୍ୟେକବର୍ଷ ଯେରୂପ ରାସ୍ତାମାନ ମରାମତି ଓ ତହିଁରେ ପାଣିନିଷ୍କାଶ ହେଉଥିଲା ଏବେ ମଧ୍ୟ ତଦନୁରୂପ ହୋଇ ଆସୁଅଛି । ନର୍ଦ୍ଦମାମାନ ଯଥାସାଧ୍ୟ ପରିଷ୍କାର ରଖିବାର ଚେଷ୍ଟା ହେଉଅଛି । ସମ୍ବାଦଦାତା କମିଶନରମାନଙ୍କ ଘର ସମ୍ମୁଖର ରାସ୍ତା ମରାମତି ହେଉଥିବାର କଥା ଯାହା ଲେଖି ଅଛନ୍ତି ତାହା ନିତାନ୍ତ ସଙ୍କୀର୍ଣ୍ଣହୃଦୟତାର ପରିଚାୟକ । ଏହା କମିଶନରମାନଙ୍କ ଘର ସମ୍ମୁଖ ନାହିଁ କି ସମୁଦାୟ ମିଉନିସିପାଲିଟୀ ପରିଷ୍କୃତ ରଖିବାର ଚେଷ୍ଟା ହେଉଅଛି ଓ ହୋଇଅଛି । ଯେବେ ସମ୍ବାଦଦାତାଙ୍କର ସମ୍ମୁଖସ୍ଥ ସେ ନିତାନ୍ତ ଗଳିରେ ଥିବା ହେଲୁରୁ ହେଉ ଅବା ଦୈବବଶତଃ ଖଡ଼ ହୋଇ ଯାଇଥାଏ ତେବେ ମିଉନିସିପାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ତାଙ୍କୁ ଆଉ କଲିକତାଯାକେ ଯିବାକୁ ପଡ଼ି ନ ଥାନ୍ତା । ଫଳ କଥା କଟକ ମିଉନିସିପାଲିଟୀ ସାମାନ୍ୟ ଅଯତ୍ନର ନୁହଇ । ଟେକ୍ସଦାତାମାନେ ଆପଣା୨ ଓଆର୍ଡର କମିଶନର ମନୋନୀତ କରିଦେଲେ ବୋଲି ନିଶ୍ଚିନ୍ତ ହୋଇ ବସିବାର ନୁହଇ । ଯେଉଁ୨ ଠାରେ କାର୍ଯ୍ୟରେ ତ୍ରୁଟି ଘଟିବ ସେ ସବୁ ପ୍ରତ୍ୟେକ ଟେକ୍ସଦାତା ପ୍ରଥମେ କମିଶନରମାନଙ୍କୁ ଜଣାଇ ଦେବାକୁ ଉଚିତ ହେଉଅଛି । ତହିଁଉତ୍ତାରୁ କାର୍ଯ୍ୟ ନ ହେଲେ ଅବଶ୍ୟ କମିଶନରମାନଙ୍କୁ ଦୋଷ ଦିଆଯିବ । ସମ୍ବାଦଦାତା କଲିକତାର ସମ୍ବାଦପତ୍ରର ଆଶ୍ରୟ ଗ୍ରହଣ କରିବା ପୂର୍ବରେ ଯେବେ ଏଠାରେ ତହିଁର ପ୍ରତିକାର ଲୋଡ଼ିଥାନ୍ତେ ତାହା ହେଲେ କାହାର ବିରକ୍ତିଭାଜନ ହେବାର ଆଶଙ୍କା ନ ଥାନ୍ତା । ଭରସା କରୁଁ ସମ୍ବାଦଦାତା ମହାଶୟ ଏଣିକି ଅମ୍ଭମାନଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରିବେ କାରଣ କି ନିର୍ବାଚନପ୍ରଣାଳୀ ମତେ ନୂତନ ହୋଇ କାର୍ଯ୍ୟ ହେଉଥିବା ସମୟରେ କମିଶନରମାନଙ୍କର ଦୋଷ ସଂବନ୍ଧରେ ପ୍ରଶ୍ନ ନ କରି ସେମାନଙ୍କୁ ଉତ୍ତମମାର୍ଗରେ ଚଳିବାକାରଣ ସାହାଯ୍ୟ କରିବା ଅଗ୍ରେ ଉଚିତ ହେଉଅଛି ଅନ୍ୟଥା ମଙ୍ଗଳ କିମ୍ବା ଅମଙ୍ଗଳ ଘଟିପାରେ । ବର୍ତ୍ତମାନ ରାସ୍ତା ଓ ନର୍ଦ୍ଦମା ପରିଷ୍କାର ଓ ମରାମତି କରିବାର ସମୟ ଉପସ୍ଥିତ ହୋଇଅଛି ଓ ସ୍ଥାନେ୨ କାର୍ଯ୍ୟ ଲାଗିଲାଣି ଓ ଆଶା କରୁଁ ନୂତନ ଚେୟାରମାନ ଓ ଭାଇସ୍ ଚେୟାରମାନମାନେ ମରାମତି କାର୍ଯ୍ୟର ସୁବନ୍ଦୋବସ୍ତ କରିଦେବେ । ପାଇଖାନାମାନଙ୍କପ୍ରତି ବିଶେଷ ଦୃଷ୍ଟି ରଖିବାର ଆବଶ୍ୟକ ହେଉଅଛି । ଆଜିକାଲି ବିସୂଚିକା ରୋଗର ସମୟ ଓ ସ୍ଥାନେ୨ ଏଥିର ପ୍ରାଦୁର୍ଭାବ ଶୁଣା ଯାଉଅଛି ସୁତରାଂ ପାଇଖାନା ଓ ବାଟଘାଟମାନ ପରିଷ୍କାର ପରିଚ୍ଛନ୍ନ ହେବାର ବିଶେଷ ବାଞ୍ଛନୀୟ ।

---

ତାଳଚେର ।

ତାଳଚେରାଧିପତିଙ୍କର ସ୍ୱରାଜ୍ୟର ଉନ୍ନତିପ୍ରତି କ୍ରମାଗତ ଚେଷ୍ଟା ଦେଖି ଅମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ଗତବର୍ଷ ରାଜାଙ୍କ ଆଦେଶମତେ ମୁକୁନ୍ଦମୋହନ ଚକ୍ରଗଣନାୟକ ଫିକ ବାରୁଆ ମୌଜାରେ ଗହମ ଓ ଲୁଣ୍ଟର ଚାଷ କରିଥିଲେ ଓ ଗଡ଼ରେ ରାଜାଙ୍କ ବଗିଚାରେ କଲିତ ଅଙ୍ଗୁର ଚାଷ ହୋଇଥିଲା । ଏସବୁ ଫସଲ ସନ୍ତୋଷଜନକରୂପେ ହେବାରୁ ଗଣନାୟକଙ୍କପ୍ରତି ରାଜା ସନ୍ତୁଷ୍ଟ ହୋଇ ଅଛନ୍ତି ଏବଂ ଏବର୍ଷକୁ ଉକ୍ତ ଦ୍ରବ୍ୟମାନଙ୍କର ଚାଷ ବିସ୍ତାରପକ୍ଷରେ ବନ୍ଦୋବସ୍ତ କରିଅଛନ୍ତି । ଅନୁଗୁଳରୁ ଘ ୩ ର ପ୍ରଜା ଏ ଗଡ଼କୁ ଉଠି ଆସିବାରୁ ଜଣାଯାଉଅଛି ଯେ ସେଠା ସରକାରୀ ଖାସମହାଲ ଅପେକ୍ଷା ଏଠାର ଅବସ୍ଥା ଭଲ । କେତେକ ମୌଜାର ବନ୍ଦୋବସ୍ତି ଜମା ପ୍ରଜାମାନଙ୍କୁ ବାଧିବାର ଗୁହାରି ହେବାରୁ ରାଜା ସ୍ୱୟଂ ସରଜମିନକୁ ଯାଇ ସମସ୍ତଙ୍କଦଲ୍ୟପୂର୍ବକ ଜମାର ପରିବର୍ତ୍ତନ କରିଅଛନ୍ତି । ପ୍ରଜାଙ୍କ ବିଦ୍ୟାଶିକ୍ଷାବିଷୟରେ ରାଜା ବିଶେଷ ଯତ୍ନବାନ୍ । ସେ ସ୍ୱୟଂ ପାଠଶାଳାମାନ ପରିଦର୍ଶନ କରି ଲୋକଙ୍କୁ ଉତ୍ସାହିତ କରୁଅଛନ୍ତି । ଏବଂ ବାବୁ ହରେକୃଷ୍ଣ ମିଶ୍ର ଶିକ୍ଷକ ଶିକ୍ଷାବିଷୟରେ ଅଧିକ ଯତ୍ନବାନ୍ ହେବାରୁ ତାହାଙ୍କର ବେତନ ମାସିକ ଏକଟଙ୍କା ବୃଦ୍ଧି ହୋଇଅଛି । ସଂସ୍କୃତ ବିଦ୍ୟାଳୟରେ ଅଧିକ ଛାତ୍ର ହେଉ ନ ଥିବାରୁ ପ୍ରସ୍ତାବ ହୋଇଅଛି କି ଶାସନୀ ବ୍ରାହ୍ମଣମାନଙ୍କର ପିଲାଙ୍କୁ ସେଠାରେ ପଢ଼ିବାବିଷୟରେ ବାଧ କରାଯିବ ଓ ଉକ୍ତ ବିଦ୍ୟାଳୟରେ ଆଉ ଏକଜଣ ଶିକ୍ଷକ ରହିବେ । ଦୁଃଖି ଲୋକଙ୍କର

Digitized by srujanika@gmail.com

Split by PDF Splitter



ଅନ୍ନ ବସ୍ତ୍ର ଓ ଅନ୍ୟାନ୍ୟ ପ୍ରକାର ସାହାଯ୍ୟ ଯୋଗାଇବାରେ ଗତବର୍ଷ ଟ ୨୨୮ ଙ୍କା ଖର୍ଚ୍ଚ ହୋଇଥିଲା । ଏବର୍ଷଠାରୁ ଅନ୍ଧ ଖଞ୍ଜ କୁଷ୍ଠରୋଗଗ୍ରସ୍ତ ଓ ଅନାଥ ବ୍ୟକ୍ତିଙ୍କ ସାହାଯ୍ୟ ନିମନ୍ତେ ଗୋଟିଏ ଅନ୍ନଛତ୍ର ସ୍ଥାପିତ ହୋଇଅଛି । ଜଳକଷ୍ଟ ନିବାରଣ ଉଦ୍ଦେଶରେ ଗଡ଼ଠାରେ ଗୋଟିଏ କୂପ ମରାମତ ଓ ନୂତନ ପୁଷ୍କରିଣୀ ଖୋଳା ହୋଇଅଛି । ଏଥିରେ ଟ ୨୮୦ ଙ୍କା ଖର୍ଚ୍ଚ ପଡ଼ିଅଛି । ନାନାପ୍ରକାର ସମାଦପତ୍ର ଖରିଦ କରିବାରେ ବାର୍ଷିକ ଟ ୧୬୩ ଙ୍କା ଖର୍ଚ୍ଚ ପଡ଼ଇ । ଏପରି କଟକ ରେଭନ୍ସା କଲେଜରେ ବାର୍ଷିକ ଟ ୮୪୯ ଙ୍କାର ବୃତ୍ତି ଓ ମେଡ଼ଲ ସକାଶେ ଟ ୧୬ ଙ୍କା ଏବଂ ବାଳିକା ବିଦ୍ୟାଳୟର ସାହାଯ୍ୟ ନିମନ୍ତେ ଟ ୨୦ ଙ୍କା ଖଞ୍ଜା ଅଛି ଏବଂ ଗୃହକାଳରେ ହେଉଥିବା ଜଗନ୍ନାଥଯାତ୍ରିଙ୍କ ଚିକିତ୍ସାଳୟ ସକାଶେ ଟ ୧୦୦ ଙ୍କା ଦାନ କରିଅଛନ୍ତି ଏସମସ୍ତ କାର୍ଯ୍ୟ ପ୍ରଶଂସନୀୟ ଅଟଇ । ଏଥିସଙ୍ଗେ କହିବାର ଉଚିତ ହେଉଅଛି ଯେ ରାଜା ପ୍ରାୟ ଟ ୭୦୦ ଙ୍କାର ଅଧିକବ୍ୟୟ ଓ ବହୁତ ଅନେକ ପରିଶ୍ରମ ସ୍ୱୀକାରପୂର୍ବକ ଖ ୩୦୦୦ ଗ୍ର ପରାଶରସଂହିତା ବିନା ମୂଲ୍ୟରେ ସର୍ବସାଧାରଣଙ୍କୁ ବିତରଣ କରି ହିନ୍ଦୁଧର୍ମ୍ମପ୍ରଚାର ଓ ବିଶେଷରେ ଗୋରକ୍ଷା ବିଷୟରେ ଲୋକଙ୍କର ମନୋଯୋଗ ଆକର୍ଷଣ କରି ଯେଉଁ ସାଧାରଣ ଉପକାର କରିଅଛନ୍ତି ତାହା ଅତୁଳନୀୟ ଅଟଇ ଏବଂ ଏବିଷୟରେ ଉତ୍କଳର ସମସ୍ତ ଗଡ଼ଜାତ ରାଜାଙ୍କୁ ଛିଡ଼ିପାରି ଅଛନ୍ତି ସନ୍ଦେହ ନାହିଁ । ଏମନ୍ତ ପ୍ରଜାରଞ୍ଜକ ଓ ସାଧାରଣହିତକାରୀ ରାଜାଙ୍କର କାର୍ଯ୍ୟକୁ ଗବର୍ଣ୍ଣମେଣ୍ଟ ଯଥାଯୋଗ୍ୟରୂପେ ସ୍ୱୀକାର କରିବେ ଅସ୍ମାନଙ୍କର ଏତିକ କାମନା ଅଟଇ ।

ପରିଶେଷରେ ବକ୍ତବ୍ୟ ଏହି କି ଗତବର୍ଷ ପ୍ରଚୁର ପରିମାଣରେ ବୃଷ୍ଟି ନ ହେବାରୁ ଶସ୍ୟ ଦୁର୍ମୂଲ୍ୟ ହୋଇଥିଲା ଏବଂ ଏକ ସମୟରେ କେତେକ ଲୋକଙ୍କୁ ପ୍ରାଣ ବଞ୍ଚାଇବାର କଷ୍ଟ ହେବାରୁ ହୋଇଥିଲା ରାଜା ଅନ୍ୟାନ୍ୟସ୍ଥାନରୁ ଚାଉଳ ଆଣାଇ ବିକ୍ରୟ କରିବାରୁ ପ୍ରଜାଗଣ ବିଶେଷ କଷ୍ଟ ପାଇବାକୁ ହୋଇ ନାହିଁ । ଏଥିରୁ ବୋଲିବାକୁ ହେବ ଯେ ରାଜା ଆପଣା କର୍ତ୍ତବ୍ୟକର୍ମ୍ମ ଯଥାର୍ଥରୂପେ କରୁଅଛନ୍ତି । କିନ୍ତୁ ଏତବର୍ଷ ବର୍ଷା ଟିକିଏ ଊଣା ହେଲେ ଲୋକଙ୍କର ଏପରି କଷ୍ଟ ହେବା ବଡ଼ ଭାବନାର ବିଷୟ ଅଟଇ ଏବଂ ଏହା ରାଜଙ୍କର ନୂତନ ଗଡ଼ଜାତ ଓ ମୋଗଲବନ୍ଦି ସବୁଠାରେ ଏହି ଦଶା ଘଟଇ । ଚିନ୍ତାଶୀଳ ଲୋକମାନଙ୍କ ଏବିଷୟ ମନୋନିବେଶପୂର୍ବକ ଭାବିବାର ଉଚିତ । କି ସକାଶେ ସମୟ ଏଡ଼େ କଠିନ ହେଲା କିଛି ବୁଝା ଯାଉ ନାହିଁ ।

---

### ଭାରତବାସିଙ୍କ ଦୁଃଖଧନ୍ଦା ।

ଅସ୍ମାନଙ୍କ ସୁପରିଚିତ ସର୍ ରିଚଲସ୍ନ ମହାଶୟ ଯେ କି ଇଂଲଣ୍ଡରେ ବର୍ତ୍ତମାନ ଅବସ୍ଥାନ କରୁଛନ୍ତି ଗତ ମେମାସରେ ସେଠାର ଏକ ସଭାରେ ଭାରତବାସିଙ୍କ ପରିଶ୍ରମର ଫଳ ସମ୍ବନ୍ଧରେ ଖଣ୍ଡିଏ ରଚନା ପାଠ କରିଥିଲେ । ତାହାର ସାହେବ ବହୁକାଳ ଭାରତବର୍ଷରେ ରହି ଏଠାର ପୁରାତନ ଓ ନୂତନ ଅବସ୍ଥା ଅନୁସନ୍ଧାନକାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ସେ ବିଷୟରେ ସବିଶେଷ ପୁସ୍ତକମାନ ଲେଖିଅଛନ୍ତି ସୁତରାଂ ତାହାଙ୍କ କଥାରେ ଯେମନ୍ତ ଏ ଦେଶୀୟ ତେମନ୍ତ ବିଲାତର ଲୋକଙ୍କର ବିଶେଷ ଆସ୍ଥା ଅଛି ଓ ତାହା ଚିନ୍ତାକରିବାର ବିଷୟ ଅଟଇ । ସେ କହିଅଛନ୍ତି କି ଭାରତବର୍ଷ ପୂର୍ବକାଳରେ ପୃଥିବୀର ଜାତିମାନଙ୍କରେ କେବଳ ଆଶ୍ଚର୍ଯ୍ୟଜନକ ଦ୍ରବ୍ୟମାନଙ୍କର ବ୍ୟବସାୟୀ ବୋଲି ପରିଚିତ ଥିଲା କହିଁ ତହିଁରୁ ଅର୍ଥାତ୍ ପ୍ରାଚୀନକାଳରେ ବିଳାସ ଯଥା ବଡ଼ଲୋକଙ୍କ ବ୍ୟବହାର୍ଯ୍ୟ ବହୁମୂଲ୍ୟବାନ୍ ଲୁଗା ଇତ୍ୟାଦି ଦ୍ରବ୍ୟର ବ୍ୟବସାୟୀ ହେଲା ବର୍ତ୍ତମାନ କାଳରେ ମହାପ୍ରାଣୀଙ୍କର ଭାରତବର୍ଷ ଖାଦ୍ୟଦ୍ରବ୍ୟର ଉତ୍ପାଦକ ହୋଇ ପ୍ରକାଣ୍ଡ ପରିମାଣରେ ତାହା ବିଦେଶକୁ ପଠାଉଅଛି । ଶିଳ୍ପକାର୍ଯ୍ୟରେ ମଧ୍ୟ ସବୁ ଦେଶର ସାହେବଙ୍କ ମତାନୁସାରେ ବିଂଶତି ମହାଜନସହିତ ଭାରତବାସୀମାନେ ସମାନ ପ୍ରତିଯୋଗିତା ସ୍ଥାପନ କରିବାକୁ ଅଳ୍ପକାଳରେ ସମର୍ଥ ହେବାର ଅସମ୍ଭବ ନୁହଇ । କଲିକତା ମାଞ୍ଚେଷ୍ଟରରେ ଯେପ୍ରକାର ସୂତା ଓ ଲୁଗାର କାର୍ଯ୍ୟ କରୁଅଛନ୍ତି ବୋମ୍ବେର ଜନମାନଙ୍କର ଉତ୍ପନ୍ନ ମଧ୍ୟ ତଦନୁରୂପ ହେଉଅଛି । ଅବଶ୍ୟ ବିଲାତର ମହାଜନସହିତ ଭାରତବର୍ଷ ପ୍ରତିଯୋଗିତା ସ୍ଥାପନ କରିବା ବିଷୟରେ ଅନେକ ବାଧାଘାତ ଅଛି । ସ୍ଥୂଳକଥା ପୃଥକ କରି ଦେଖିବାକୁ ଗଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଭାରତର ଧନ ଇଂଲଣ୍ଡର ସମ୍ପତ୍ତିଅପେକ୍ଷା ଅତ୍ୟନ୍ତ ନ୍ୟୂନ । ଇଂଲଣ୍ଡ ବାର୍ଷିକ ଶତକସ୍ଥ ଶୂନ୍ୟଟଙ୍କା ସୁଧରେ ପରିତୃପ୍ତ କିନ୍ତୁ ଭାରତବର୍ଷ ନ ଦଶ ଟଙ୍କାର ନ୍ୟୂନରେ କେବେହେଁ ସନ୍ତୁଷ୍ଟ ନୁହେ ଭାରତବର୍ଷର ମୂଳଧନାପେକ୍ଷା ଇଂଲଣ୍ଡର ମୂଳଧନ ଅତ୍ୟନ୍ତ ବେଶୀ ଏଥିରେ ଦ୍ୱିରୁକ୍ତି ନାହିଁ । ଏପରି ଭାରତ ଇଂଲଣ୍ଡର ଶାସନାଧୀନ । ଯହିଁରେ ଇଂଲଣ୍ଡର ବଳ ହେବ ଓ ଭାରତବର୍ଷର କୌଣସି ବ୍ୟବସାୟଦ୍ୱାରା ଭାରତବାସିଙ୍କର କ୍ଷତି ନ ହେବ ତହିଁର ବ୍ୟବସ୍ଥା ଇଂଲଣ୍ଡ ଗଢ଼ି ଭାରତବର୍ଷରେ ଚଳାଇପାରେ କିନ୍ତୁ ସେପରି କଲେ ପଶ୍ଚାତ୍ ଇଂଲଣ୍ଡକୁ ଲଜ୍ଜା ଓ କଷ୍ଟଭୋଗ କରିବାକୁ ହେବ କାରଣ ଲୋକମାନେ ଦିନକୁଦିନ ଶିକ୍ଷିତ ହେଉଅଛନ୍ତି ଏବଂ ତହିଁ ସଙ୍ଗେ୨ ଆପଣା ସ୍ୱତ୍ୱାଧିକାର ରକ୍ଷା ବିଷୟରେ ଚେଷ୍ଟା କରୁଅଛନ୍ତି । ଯାହା ହେଉ ସେ ବୁଝାଇଥିଲେ ଭାରତର ଶିଳ୍ପକାର ଦ୍ରବ୍ୟଚେଷ୍ଟ ଇଂଲଣ୍ଡର ବାଣିଜ୍ୟ ଘଟିବ ତାହା ନୁହେ । କେବେ ଅଲଙ୍କରଅ ଓ ଲୁପ୍ତସାଗରର ଗତ୍ୱମ ବାଣିଜ୍ୟର କ୍ଷତି ହେବ ଓ ଏହି ପ୍ରତିଯୋଗିତାର ଉନ୍ନତି ଇଂଲଣ୍ଡାପେକ୍ଷା ଏହିସବୁ ଦେଶର ଉନ୍ନତିରେ ହିଁ ଘଟିବ । ଅବଶେଷରେ ଶିଳ୍ପଦ୍ରବ୍ୟରେ ବିଲାତର ବ୍ୟବସାୟ ଅବଧି ବର୍ଦ୍ଧନଶୀଳ ଅଛି । ସନ ୧୮୭୩ ସାଲରେ ୩୦ କୋଟି ଟଙ୍କାର ବିଲାତ ଶିଳ୍ପଦ୍ରବ୍ୟ ଭାରତବର୍ଷ ଖରିଦ କରିଥିଲା କିନ୍ତୁ ବର୍ତ୍ତମାନ ୫୧ କୋଟି ଟଙ୍କାର ଦ୍ରବ୍ୟ କିଣୁଅଛି । ଭାରତବର୍ଷରେ ଶିକ୍ଷାର ଉନ୍ନତିହେବା ସଙ୍ଗେ୨ ବିଲାତଦ୍ରବ୍ୟର ବ୍ୟବହାର କ୍ରମାଗତ ବଢ଼ୁଅଛି ବିଲାତପକ୍ଷରେ ଆଶାପ୍ରଦ ଓ ବହୁତ ଉତ୍ସାହଜନକ ଅଟଇ । କିନ୍ତୁ ଭାରତବର୍ଷର ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ସ୍ୱଦେଶାନୁରାଗ ଯେମନ୍ତ ଧର୍ମ୍ମଧ୍ୱଂସ ଆରମ୍ଭ ହେଲାଣି ଏଥିରୁ ଅନୁମାନ ହେଉଅଛି ନବଉଦ୍ଧମା ବାହାର କରିବାକୁ ସେମାନେ ଶୀଘ୍ର ବାଧ ହେବେ ଓ ବିଦେଶରୁ ଯେ ସମସ୍ତ ଦ୍ରବ୍ୟ ଏଠାକୁ ଆସୁଅଛି ସେସବୁ ଏଠାରେ ହୋଇପାରେ କି ନା ତହିଁର ତତ୍ତ୍ୱ ଦୃଢ଼ରୂପେ କରିବେ । ବାସ୍ତବରେ ଭାରତବର୍ଷର ଅପୃଲୁ ବିଦେଶୀୟ ଦ୍ରବ୍ୟ କିଣିବାରେ ଏତେ ଅଧିକ ଟଙ୍କା ବାହାରିଯିବା ସାମାନ୍ୟ ଦୁଃଖର କଥା ନୁହଇ । ଭାରତବର୍ଷରେ ଶିଳ୍ପକାର୍ଯ୍ୟର ଉପକରଣର ଅଭାବ ନାହିଁ ମଜୁରି ଶସ୍ତା ଏବଂ ଚେଷ୍ଟାକଲେ ବିଦେଶରୁ ଆସୁଥିବା ଅନେକ ପ୍ରକାର ଶିଳ୍ପଦ୍ରବ୍ୟ ଏଠାରେ ଲାଭଜନକରୂପେ ଉତ୍ପନ୍ନ ହୋଇପାରେ ସନ୍ଦେହ ନାହିଁ ଏ ଅବସ୍ଥାରେ ଶିକ୍ଷାର ଉନ୍ନତି ସଙ୍ଗେ୨ ଦେଶ-

Digitized by srujanika@gmail.com

ଅନାଥ କରିଥିଲେ ବାଙ୍ଗାଲମାନଙ୍କର ସୁବିଧା କରିବେବାର ମନସ୍ଥ ଏହା ଶୁଣି ଅମ୍ଭେମାନେ ସାହେବମହୋଦୟଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

ଧର୍ମଶାଳା ବାଙ୍ଗାଲମାନଙ୍କ ସବାସେ ଜଗନ୍ନାଥବଲ୍ଲଭମଠକୁ ନିତ୍ୟ ଭୋଗରାଗ ୨୦ ହାଣ୍ଡି ଅନ୍ନ ଅଉ ୨୦ କୁଣ୍ଡ ଡାଲି ଲଗିବାର ବନ୍ଦୋବସ୍ତ ଅଛି । ଅନ୍ୟ ମଠମାନଙ୍କର ପ୍ରାୟ ୨।୪।୧୦ ହାଣ୍ଡି ଅନ୍ନ ଲଗିବାର ଦେବାର ପ୍ରଥା ଅଛି ଓ ସେମାନେ ମଧ୍ୟ ଦେଉଅଛନ୍ତି ।

ଯେଉଁ ଗୃହକଲମାନେ ଧର୍ମଶାଳାବାଙ୍ଗାଲମାନଙ୍କ ପର୍ଯ୍ୟନ୍ତ ଉତ୍ପାଦ କରିବାସବାଶେ ନିଯୁକ୍ତ ଅଛନ୍ତି ତାଙ୍କଉପରେ କେହି ଉପଯୁକ୍ତ ଲୋକ ତତ୍ତ୍ୱାବଧାରଣ କରିବାପାଇଁ ନିଯୁକ୍ତ ନ ହେବାରୁ ଗୃହକଲମାନେ ଅଧିକାଂଶ ଅସୁଖାରୁ କରନ୍ତି ସେଉଁଦିନ ଏକ୍ କାଙ୍ଗାଲ ଥାନ୍ତି ସେ ଦିନ ଦଶନ୍ତି ମହାପ୍ରସାଦ ବିକ୍ରୟ କରି ନିଅନ୍ତି । ଏପରିସ୍ଥଳେ ସାହେବମହୋଦୟଙ୍କ ସୁବ୍ରତ୍ତି ଅବଶ୍ୟ ଫଳପ୍ରଦ ହେବ । ଇତି ।—

### ଉତ୍କଳ-ସମ୍ବାଦ ।

ଦୁର୍ଭିକ୍ଷ ପ୍ରପୀଡ଼ିତ ପ୍ରଜାଙ୍କ ସାହାଯ୍ୟ ସକାଶେ ଶ୍ରୀ ରାଜାମହୋଦୟ ଶୀଘ୍ର ଧାନ୍ୟାଗାର ଓ ଅର୍ଥକୋଷ ଖୋଲି ଦେଇଅଛନ୍ତି, ଧାନ୍ୟ ଓ ଅର୍ଥ ବିତରଣ କାର୍ଯ୍ୟ ସ୍ଥଳ ବିଶେଷରେ ଅଳ୍ପ କାଳନ୍ତରରେ ନଗଦ ଦିଆ ହେଉଅଛି ।

ଜହଗଡ଼ରେ ଗୋଟିଏ ପ୍ରଜାଙ୍କର ଧର୍ମଶାଳା ସଦାବ୍ରତ ସ୍ଥାପନ ହୋଇଅଛି ଯେ ଡହୁଁରେ ଚାଲୁଛି ସ୍ୱଦେଶୀ ବିଶେଷତଃ ବିଦେଶୀ ପଥିକପ୍ରେକମାନଙ୍କୁ ଯଥେଷ୍ଟ ଖାଦ୍ୟସାମଗ୍ରୀ ବିତରିତ ହେଉଥିବାରୁ ସେମାନଙ୍କର ଉପକାର ହେଉଅଛି ।

ଶ୍ରୀ ରାଜାଙ୍କର ମଧ୍ୟମଭ୍ରାତା ଶ୍ରୀ ବାବୁ ବୈଦ୍ୟନାଥ ଦେବ ଭୂଗର ବୃଦ୍ଧର ରାଜମାର୍ଗରେ ଗୋଟିଏ ଛତ୍ର ସ୍ଥାପନ କରି କ୍ଷୁଧାର୍ତ୍ତଲୋକମାନଙ୍କୁ ପ୍ରପାକର କ୍ଷୁଧାର୍ତ୍ତମାନଙ୍କୁ ଭାତ ସ୍ୱଭଳ ଓ ପଣ୍ଡିମା ଜମାଇତ ବୈଷ୍ଣବମାନଙ୍କୁ ପଙ୍କ୍ତି ବିତରଣ କରୁଅଛନ୍ତି । ଏବ୍ୟକ୍ତି ଜଣେ ଯଶୋଃଭିଳାଷୀ ।

ବିଦ୍ୟ ଜାଲର ସଙ୍ଗଳାର ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଏହି ଗଡ଼ମୁକାମରେ ଉପସ୍ଥିତ ହୋଇ ସ୍ୱନ୍ଦୁର ଅଞ୍ଚଳକୁ ଯାତ୍ରା କରିଥିଲେ, ଜଣାଗଲ ଯେ ସ୍ୱନ୍ଦୁର ଇଲାକା ପଲ୍ଲୀ ସ୍ଥାନରେ ଜନମାଲବାସୀ ଏକ ପ୍ରଜାକୁ କେହି ବ୍ୟକ୍ତି ବଧ କରିଥିବାରୁ ସେହି ମାମଲା ତଦନ୍ତ ନିମନ୍ତେ ସାହେବ ମହୋଦୟ ଯାଇଥିଲେ ।

ଅଚ୍ଛ ଦାଲି ଚତୁର୍ଦ୍ଦିଗରେ ଗୋରକ୍ଷାର ଅନୋଦନ, ଏଥିରେ ପୁଣି ଏହି ବର୍ଷରେ ଅନ୍ନ ଗୋରକ୍ଷାର ଉପାୟ ନାହିଁ । ମାତ୍ର ଅନଦର ଏହି ଯେ ଅଳ୍ପଦିନ ହେଲା ଅନେକ ଗୋଦ୍ରବ୍ୟକ୍ତି ଗୋରୁ ଗ୍ରେବବର ବଧ କରିଥିବା ଅପରାଧରେ ୧ ୨ ବର୍ଷ ଲେଖାଏଁ କଠିନ କାରାଦଣ୍ଡର ଦଣ୍ଡାଜ୍ଞା ପାଇଅଛନ୍ତି । ଏଣୁଁ କାର୍ଯ୍ୟୋପଯୁକ୍ତ ହୋଇଅଛି ।

ଜନରବ ଯେ ବଉତ ସୀମାମଧ୍ୟରେ ହସ୍ତ ଭଗ ନଭାସୀ କେତେକ ପ୍ରଜା ବାଁଶ କାଟୁଥିବାରୁ କନିମାନ ଦଣ୍ଡବିଲଦାର ତାହା ଆପଣା ସୀମା ବୋଲି ଉକ୍ତ ଲୋକମାନଙ୍କ ନାମରେ ଓଭରଣ ନାଶ କରିବାରେ ଶ୍ରୀ ରାଜା ମହୋଦୟ ଉକ୍ତ ଓଭରଣ ସ୍ଥଳତ ରଖି ବହୁଭାବେଣ ନିମନ୍ତେ ଗଡ଼ଜାତସମୂହର ମାନ୍ୟବର ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ହଜୁରକୁ ରିପୋର୍ଟ ପଠାଇ ଅଛନ୍ତି ।

ଏଠାରେ କଟକବାସୀ ଭଗବାନ ସିଂହ ଦଣ୍ଡିଦାଇକୁ ଭାଜ ଲାଗିବା ଚପରାସୀ ବେଙ୍ଗିଂ ଚଠିର ମାହାସୁଲ ମାଗିବାରୁ ସେ ତାହା ନ ଦେଇ ଉକ୍ତ ଚପରାସୀକୁ ମାରପିଟ କରିଥିବା ଦୋଷରେ ଦଣ୍ଡିଦାର ଅଧାଲତଙ୍କରବଶ୍ୟାଧୀନରେ ଅଛିଅଛି,

ଧନ୍ୟ ଦଣ୍ଡିଦାର ଗଡ଼ଜାତରେ ମଧ୍ୟ ଭୂମର ଦୌରାତ୍ମ୍ୟର ହ୍ରାସ ନାହିଁ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନାହୁଁ ।

---

ଶ୍ରୀ ଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ;

ଏବର୍ଷଠାରୁ ନବଭାଷାକଳାପ ପଡ଼ିବାର୍ତ୍ତିରେ ବସ୍ତୁ ଓ ଅଗ୍ରସ୍ୟଭୂତ ନବଭାଗୁମ ଉଚ୍ଚପ୍ରାଇମେରୀ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ପାଠ୍ୟପୁସ୍ତକରୂପେ ନିର୍ଦ୍ଧାରିତ ହୋଇଅଛି । ପ୍ରାୟ ବର୍ଷର ଏକତୃତୀୟାଂଶ ଶେଷ ହେଲା ଅମ୍ଭେମାନେ ଉକ୍ତ ପୁସ୍ତକ ପାଇଲୁଁ ନାହିଁ । ମଫସଲର ଶିକ୍ଷକମାନେ ସାଧାରଣରେ ବୁକ୍ଏଜେଣ୍ଟଙ୍କଠାରୁ ବହି କିଣି କରନ୍ତି ଓ ସେ ସୁବିଧା ହୁଏ । କଟକର ପୂର୍ବ୍ବୋ ସ୍ୱର୍ଗର ବୁକ୍ଏଜେଣ୍ଟ ବାବୁ ଗଗନଚନ୍ଦ୍ର ଦାସଙ୍କ ନିକଟକୁ ଉକ୍ତ ପୁସ୍ତକନିମନ୍ତେ ଏ ଇଲାକାର ଶିକ୍ଷକମାନେ ମୂଲ୍ୟସହିତ ଲୋକ ପଠାଇଥିଲେ ତାଙ୍କୁ ଉକ୍ତ ମହାଶୟ କହିଲେ ବି ସେ ବହି ଆମ୍ଭଠାରେ ମିଳିବ ନାହିଁ ଗ୍ରନ୍ଥକର୍ତ୍ତା ସ୍ୱୟଂ ନଗଦ ମୂଲ୍ୟରେ ବିକ୍ରୟ କରୁଅଛନ୍ତି । ଏହା ଶୁଣି ମନରେ ନିତାନ୍ତ ବିରକ୍ତି ଜାତହେଲା । ଉଚ୍ଚ ପ୍ରାଇମେରୀ ପାଠଶାଳାର ଛାତ୍ରମାନେ ଅଧିକାଂଶ ଦରିଦ୍ର ଲୋକଙ୍କ ସନ୍ତାନ ସେମାନେ ସ୍ୱୟଂ ପୁସ୍ତକ ନ କିଣି କେତେକ ସ୍ଥଳରେ ଶିକ୍ଷକଙ୍କୁ କିଣାଇବାକୁ ହୁଏ । ବୁକ୍ ଏଜେଣ୍ଟଙ୍କଠାରେ ପୁସ୍ତକ ନ ମିଳିବାରୁ ପୋଷ୍ଟ ଅଫିସଦ୍ୱାରା ପୁସ୍ତକର ମୂଲ୍ୟ ପଠାଇ ପୁସ୍ତକ ଅଣାଇବା ଛଡ଼ା ଅନ୍ୟଉପାୟ ନାହିଁ । ଏପ୍ରକାର ପୁସ୍ତକ ଅଣାଇଲେ ଖ ୧ ଭି ୫ ୦ । ସ୍ଥଳେ ୧ ୦।୬୦ ପଡ଼ିବ ଅପଣ ଦେଖିବା ବରନ୍ତୁ ଏ କେତେଦୂର ଅସୁବିଧା କେଡ଼େ କଷ୍ଟକର । ଅଳ୍ପମଧ୍ୟ ସମସ୍ତ ସ୍ଥାନରେ ପୋଷ୍ଟ ଅଫିସର ସୁବିଧା ନାହିଁ ବା ଗ୍ରନ୍ଥକର୍ତ୍ତାଙ୍କର ଉକ୍ତ ନିୟମ ସମସ୍ତ ଲୋକେ ଜାଣନ୍ତି ନାହିଁ । ସମସ୍ତ ପୁସ୍ତକ ବୁକ୍ଏଜେଣ୍ଟଙ୍କଠାରୁ ମିଳିବାସ୍ଥଳେ ଏହି ପୁସ୍ତକସମ୍ବନ୍ଧେ ଏପ୍ରକାର କଠିନ ନିୟମ ହେବାର କାରଣ ଅମ୍ଭେମାନେ ବୁଝିପାରୁ ନାହିଁ ଯଦି ପୁସ୍ତକନିର୍ବାଚନୀ କମିଟୀ ଏ ପୁସ୍ତକକୁ ସର୍ବୋତ୍କୃଷ୍ଟ ପୁସ୍ତକବୋଲି ନିର୍ବ୍ବାଚନ କରିଥିବାରୁ ଗ୍ରନ୍ଥକର୍ତ୍ତା ସେହି ଗର୍ବରେ ଏପ୍ରକାର ନିୟମ କରିଥାନ୍ତି ତାହା ହେଲେ ଶିକ୍ଷାବିଭାଗର ଉଚିତ ଯେ ଏପ୍ରକାର ଗ୍ରନ୍ଥକର୍ତ୍ତାମାନଙ୍କୁ ବିଶେଷ ପ୍ରଶ୍ରୟ ଦେବେ ନାହିଁ । ଇତି ।

୨୨।୬।୮୮ } ବଶମ୍ବଦ
ଶ୍ରୀ ଗୋବିନ୍ଦ ପାଢ଼ୀ
ଢାକଟପୁର } ସମ୍ପାଦକ ଢାକଟପୁର ସ୍କୁଲ

---

ମହାଶୟ !

ଆମ୍ଭର ନିମ୍ନଲିଖିତ ପତ୍ରଖଣ୍ଡିକୁ ଆପଣଙ୍କ ପତ୍ରିକାର ଏକକୋଣରେ କିଞ୍ଚିତ ସ୍ଥାନ ଦାନକରି ବାଧିତ କରିବା ହେବେ ।

ଆଜକାଲି ହିନ୍ଦୁମାନଙ୍କର, ବିଶେଷତଃ ହିନ୍ଦୁ ଯୁବକମାନଙ୍କର ସ୍ୱଧର୍ମପ୍ରତି ଯେପରି ଅନୁରାଗ, ସେଥିରେ କୌଣସି ହିନ୍ଦୁଯୁବକଙ୍କୁ ଧର୍ମମାର୍ଗରେ ଅଗ୍ରସର ହେବାର ଦେଖି କାହାର ହୃଦୟ ଆନନ୍ଦିତ ନ ହେବ । ସେ ଯେ ହେଉ ବର୍ତ୍ତମାନ ଆମ୍ଭମାନଙ୍କ ଗ୍ରାମର ଏହିପରି ଜଣେ ଯୁବକ ବାବୁ କ୍ଷୀରୋଦଚନ୍ଦ୍ର ରାୟଙ୍କୁ ଧର୍ମପଥରେ ଅଗ୍ରସର ହେବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଏ ମହାଶୟ ଗତ ଏକାଦଶୀଦିନ ଏଠାର କେତେକ ଯୁବକ ଓ ବୃଦ୍ଧଲୋକଙ୍କ ଏକତ୍ରିତ କରି ଅତ୍ର ଗ୍ରାମର ଇଷ୍ଟଦେବତା ଶ୍ରୀ ରାଧାକାନ୍ତ ଜିଉଙ୍କ ମନ୍ଦିରରେ “ହରିଭକ୍ତିପ୍ରଦାୟିନୀ” ନାମକ ଗୋଟିଏ ସଭା ସ୍ଥାପନ କରି ଆପଣାର ସ୍ୱଧର୍ମାନୁରାଗର ବିଶେଷ ପରିଚୟ ଦେଉଅଛନ୍ତି । ଏଥିରେ କମାନ୍ୱୟେ ହିନ୍ଦୁଧର୍ମଗ୍ରନ୍ଥମାନ ପାଠହେବ ଏବଂ ପ୍ରତି ଏକାଦଶୀ-ସନ୍ଧ୍ୟାରେ ଗ୍ରାମସଙ୍କୀର୍ତ୍ତନ ହେବାର ମଧ୍ୟ ବନ୍ଦୋବସ୍ତ ହୋଇଅଛି । ଅପାତତଃ ଅତ୍ର ଗ୍ରାମନିବାସୀ ବାବାଜୀ ଜଗନ୍ନାଥଦାସ ଅଗ୍ରଣୀ ଭାଗବତ ପ୍ରଭୃତି ଗ୍ରନ୍ଥମାନ ପାଠକରି ସଭ୍ୟମାନଙ୍କୁ ଅତି ସରଳଭାଷାରେ ତହିଁର ମର୍ମ ଅବଗତ କରାଇ ଦେଉଅଛନ୍ତି । କେବଳ ମାତ୍ର ଗୋଟିଏ ଅଧିବେଶନ ହୋଇଥିବାରୁ ଏହାର ବିଶେଷ ବିବରଣ ଲେଖିବାକୁ ଅକ୍ଷମ । ବାବୁ ମହାଶୟ ସ୍ୱୟଂ ଏହିସଭାର ସମ୍ପାଦକ ହୋଇଅଛନ୍ତି ଓ ସଭାର ସମସ୍ତ ବ୍ୟୟଭାର ଗ୍ରହଣକରି ଆପଣା ଉଦାର ସ୍ୱଭାବର ବିଶେଷ ପରିଚୟ ପ୍ରଦାନ କରୁଅଛନ୍ତି । ଈଶ୍ୱର ଏହାଙ୍କର ମଙ୍ଗଳ କରନ୍ତୁ ଏବଂ ଦିନକୁ ଦିନ ତାଙ୍କର ଧର୍ମାନୁରାଗ ବୃଦ୍ଧି ପାଉ । ଏହି ସଭାଟିକୁ ଚିରସ୍ଥାୟୀ ହେବାର ଦେଖିଲେ ଅତ୍ୟନ୍ତ ସୁଖୀ ହେବୁଁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ବଡ଼ ଦୁଃଖର ବିଷୟ ଯେ ଏକଜଣ ଯୁବକଙ୍କର ପ୍ରଶଂସା କରିବାକୁ ଯାଇଁ ଅନ୍ୟ କେତେକ ଯୁବକଙ୍କର ନିନ୍ଦା କରିବାକୁ ହେଉଅଛି । ବାବୁ ମଂହାଦସୁଙ୍କର ଏଠାର ଯୁବକଦଳକୁ ଧର୍ମମାର୍ଗରେ ଆଣିବାର ଏକାନ୍ତ ଇଚ୍ଛା ହେବାରୁ ସେ, ସମସ୍ତଙ୍କୁ ଏହି ସଭାର ସଭ୍ୟ ହେବାକୁ କହିବାରୁ କେତେକଜଣ ବଙ୍ଗବ୍ରାହ୍ମଣ-ଯୁବକ "ଯେଉଁ ସଭାକୁ ଗଲେ ମଦ ଓ ମାଂସ ପରିତ୍ୟାଗ କରିବାକୁ ହେବ, ଯେଉଁଠାରେ ଖଣ୍ଡେ chair ମିଳେ ନାହିଁ, ଯେଉଁ ସଭାରେ ଧୂମପାନ ନିଷେଧ, ଯେ ସଭା ଗୋଟିଏ ଅସ୍ୱାସ୍ଥ୍ୟକର ଦେବମନ୍ଦିରରେ ସ୍ଥାପିତ" ସେଠାକୁ ଯିବାର ଏକାନ୍ତ ଅନୁଚିତ, ଏହିପରି ଉତ୍ତର ପ୍ରଦାନ କରି ଆପଣାମାନଙ୍କର ନାସ୍ତିକତାର ବିଶେଷ ପରିଚୟ ପ୍ରଦାନ କରିଅଛନ୍ତି । ଏଥିରୁ ପାଠକେ ବୁଝିପାରିବେ ଯେ ପ୍ରାୟ ପ୍ରତିଗ୍ରାମରେ ଆଜିକାଲି ଏହିପରି ନାସ୍ତିକ ଯୁବକ ୨।୧ ଗୋଟି ଦେଖାଯାନ୍ତି ।—ହେ ଈଶ୍ୱର ଏମାନଙ୍କର କି କସ୍ମିନ୍ କାଳେ ଧର୍ମଜ୍ଞାନ ଜନ୍ମିବ ନାହିଁ ।

ପରିଶେଷରେ ଏଠାର ପ୍ରଧାନ, ଜମିଦାରମାନଙ୍କୁ ଆମ୍ଭର ଏହି ସବିନୟ ନିବେଦନ ଯେ ଏ ସଭାଟିକୁ ଚିରସ୍ଥାୟୀ କରିବାକୁ ଓ ଏହାର ଅବଶ୍ୟକୀୟ ବ୍ୟୟମାନ ନିର୍ବାହ କରିବାକୁ କୁଣ୍ଠିତ ନ ହୋଇ ମୁକ୍ତହସ୍ତ ହେବାର ଦେଖିଲେ ସୁଖୀ ହେବୁଁ । ଇତି ।

୨।୭।୮୮
କୁଅଁପାଳ
ଆପଣଙ୍କର ବଶମ୍ବଦ
ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ
କୁଅଁପାଳ

## ବିଜ୍ଞାପନ ।

NOTICE.

Key to New Royal Readers No II is out. Price 3 ( Three ) annas.

To be sent by value-Payable post.

*Apply to the Secretary Printing Company Cuttack.*

**TO THE DEAF.**

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street, Calcutta.

### ନିବେଦନଂ ।

ଦେଶର ଉନ୍ନତି ହେବାର କିପ୍ରକାର ସମ୍ଭବ ଉକ୍ତ ବିଷୟରେ ଆମ୍ଭେ କେତେକ ସମାଚାରପତ୍ରରେ ବିଜ୍ଞାପନ ଦେଇଥିଲୁଁ ତ ଉକ୍ତ ବିଷୟ ପର ସମସ୍ତ ମହାଶୟ ଆପଣା୨ ବୁଦ୍ଧିଅନୁସାରେ ଲେଖି୨ ଆମ୍ଭ ନିକଟକୁ ପଠାଇବା ମଇମାସରେ ସମସ୍ତ ନାମ ପରୀକ୍ଷା ହେବ ଯାହାର ଲେଖା ଉତ୍ତମ ହେବ ତାହାକୁ ଟ ୨ ଙ୍କାର ପୁସ୍ତକ ପାରିତୋଷିକ ଦିଆଯିବ ପରନ୍ତୁ ଉକ୍ତ ବିଷୟରେ କେତେକ ମହାଶୟଙ୍କ ଲେଖା ଆମ୍ଭ ନିକଟକୁ ଆସିଥିଲା ଆମ୍ଭର ବିଶେଷ କାର୍ଯ୍ୟ ଥିବାରୁ ପରୀକ୍ଷା ହୋଇପାରି ନାହିଁ ଅତଏବ ୩୦ ଜୁଲାଇ ସନ ୧୮୮୮ ପରୀକ୍ଷା କରାଯିବା ପାରିତୋଷିକ ଦିଆଯିବ । ଇତି । କ୍ଷମାପ୍ରାର୍ଥୀ ।

ଶ୍ରୀ ପଣ୍ଡିତ ଭାଗବତ ରାମାନୁଜ ଦାସ
ଶ୍ରୀ ଜଗନ୍ନାଥ ପୂଜାରୀ ।

**NOTICE.**

Wanted a Head master for the Eram M. E. school on a salary of Rs. 25 a month. Besides this he shall have 3 Rupees per month for private teaching. Lodging and other necessaries are had of great convinience. None needs apply who has not passed the Entrance Examination. The applicants should send to me their best testimonials before the 15th July, 1888.

Eram, The 3rd July, 1888.
Bishn Mohun Parhi.
Secy. to the Eram M. E. School, Eram.
Eram P. O.

## ବଧୀରଙ୍କପ୍ରତି ।

ବଧିରତା ଓ କାନଭିତରେ ଶବ୍ଦ ହେବା କିପରି ଘରେ ବସି ଆରୋଗ୍ୟ ହୋଇପାରିବ ସଚିତ୍ର ପୃ ୧୩୨ ଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୶ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ୫ ନମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବ ।

ହ୍ୱାରବାବୁଙ୍କ କୃତ ନିମ୍ନଲିଖିତ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି :—

| | |
|---|---|
| କ୍ଷେତ୍ରପରିମାଣ | ମୂଲ୍ୟ ଟ ୦ । |
| ସରଳଭୂଗୋଳ | ଟ ୦ ୶ |
| ଓଡ଼ିଶାଭୂଗୋଳ | ଟ ୦ ୶ ୧୦ |
| ଜଡ଼ବିଜ୍ଞାନ | ଟ ୦ ୫୶ |
| ଶିକ୍ଷାବିଧାନ | ଟ ୦ ୫ |

ଶ୍ରୀ ଗୌରୀଶଙ୍କରରାୟ
ସେକ୍ରେଟରୀ

### ବିନା ମୂଲ୍ୟରେ ବିତରଣ ।

ତତ୍ତ୍ୱବୋଧକ ନାମକ ପୁସ୍ତକଖଣ୍ଡି ଉତ୍କଳକ୍ଷେତ୍ରରେ ବିତରଣ କରିବା ପାଇଁ ବହୁପ୍ରୟାସସହିତ ପ୍ରକାଶ କରଅଛୁଁ; ମହାତ୍ମାମାନଙ୍କୁ ଅନୁରୋଧ ଯେ, ଏହି ପୁସ୍ତକରୁ ଖଣ୍ଡିଏ ଲେଖାଏଁ ନେଇଁ ପଠନ କରନ୍ତୁ ଯହିଁରେ କି ଆମ୍ଭର ଶ୍ରମ ସଫଳ ହେବ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁସ୍ତକ ପ୍ରାପ୍ତବ୍ୟ କେବଳ ଡାକମାସୁଲ ନିମନ୍ତେ ଦୁଇପଇସା ପଠାଇବାକୁ ହେବ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏବଂ ବାଲେଶ୍ୱରର ସମ୍ବାଦବାହିକାଙ୍କ ଅଫିସରେ

ଶ୍ରୀଯୁତ ରାମଭଦ୍ର ସାହୁ
ଜନାଦେବ
ବାମଣ୍ଡା
ତା ୧୬।୬।୮୮

## ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ!
ଏଷ୍ଟିମେଟ ମାଗିଲେ ମିଳଇ ।

ପ୍ରଧାନ ଯୁକ୍ତଦେଶୀୟ ଔଷଧ ଡାକ୍ତର ଜେ, ବି, ସାହାଙ୍କ ପାମେରହାନ୍ତବନ୍ଧୁ ଔଷଧ ।

